# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଅଗଷ୍ଟ ୧୯/୨୦୨୦ (୧୨ ପୃଷ୍ଠା) | Rayagada, Wednesday, August 19/2020 ★

୧୦ମ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ୩ କୋଟି ଅଫର୍‌କୁ ମନାକଲେ ଜେନିଫର୍

ଅଭିନେତ୍ରୀ ଜେନିଫର୍ ୱିଙ୍ଗେଟ୍ 'ବିଗ୍ ବସ୍- ୧୪'ରେ ସାମିଲ ଲାଗି ନିର୍ମାତାଙ୍କ ୩ କୋଟି ଟଙ୍କା ଅଫର୍‌କୁ ମନା କରିଛନ୍ତି। ପୂର୍ବ ସିଜନ୍‌ରେ ମଧ ସେ ଅଫର୍ ଗ୍ରହଣ କରି ନ ଥିଲେ।

୧୦ | ୧୨

## ରୋହିତଙ୍କ ସମେତ ୫ ଜଣଙ୍କୁ ଖେଳରତ୍ନ

ରୋହିତ ଶର୍ମା, ଭିନେଶ ଫୋଗତ, ରାଣୀ ରାମପାଲ, ମନିକା ବାତ୍ରା ଓ ମାରିଆପ୍ପାନ ଥାଙ୍ଗାଭେଲୁ ରାଜୀବଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।



# ସଙ୍କଟରେ ରିୟଲ ଇଷ୍ଟେଟ୍

## ୫ ବର୍ଷରେ ୫ ହଜାର କୋଟିର ପୁଞ୍ଜିନିବେଶକୁ ଝଟକା

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**

ବିମୁଦ୍ରୀକରଣ, କରୋନା ମହାମାରୀ ଓ ଅନ୍ୟ କେତେକ ସମସ୍ୟା ଯୋଗୁ ରାଜ୍ୟର ଛୋଟ ବଡ଼ ୧୫ ହଜାରରୁ ଊର୍ଦ୍ଧ୍ୱ ଡେଭେଲପର ଏବଂ ରିୟଲ ଇଷ୍ଟେଟ ସଂସ୍ଥା ଘୋର ପ୍ରଭାବିତ ହୋଇଛନ୍ତି। ପ୍ରକଳ୍ପ ଅନୁମୋଦନରେ ବିଳମ୍ବ ହେବା ସହ ଶ୍ରମିକ ସମସ୍ୟା ଯୋଗୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଗୁରୁତର ବାଧା ସୃଷ୍ଟି ହୋଇଛି। ଅନେକ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ନ ସରିବା ଫଳରେ ଗୃହ ନିର୍ମାଣ ସଂସ୍ଥାକୁ ଦେବାଳିଆ ସ୍ତରକୁ ନେଇଯାଇଛି। ବିଳମ୍ବ ଯୋଗୁ ପ୍ରକଳ୍ପଗୁଡିକର ଖର୍ଚ୍ଚ ମଧ୍ୟ ବଢ଼ିଯାଉଛି। ବ୍ୟାଙ୍କ କିସ୍ତି ଦେବା ମଧ୍ୟ ଡେଭେଲପରମାନଙ୍କ ପକ୍ଷେ କାଠିକର ପାଠ ହୋଇଯାଇଛି। ରାଜ୍ୟର ପ୍ରାୟ ୪୦ରୁ ୫୦ ହଜାର ଛୋଟ ବଡ଼ ଆବାସିକ ଓ ବ୍ୟବସାୟିକ ପ୍ରକଳ୍ପ ଅଧାପନ୍ତରିଆ ପଡ଼ିରହିଛି। କେବଳ ସେତିକି ନୁହେଁ ସାମଗ୍ରୀ ଓ ସେବା ଟିକସ( ଜିଏସ୍‌ଟି), ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି ଆକ୍ଟ ଏବଂ ରାଜ୍ୟର ବିଭିନ୍ନ ଅଥରିଟିରେ ଥିବା ଭିନ୍ନ ଭିନ୍ନ କୋଠାବାଡି ନିୟମ ମଧ୍ୟ ଗୃହ ନିର୍ମାଣ ପ୍ରକଳ୍ପ କ୍ଷେତ୍ରରେ ବଡ଼ ଅନ୍ତରାୟ ସୃଷ୍ଟି କରିଛି। ଏସବୁ କାରଣରୁ



ରାଜ୍ୟକୁ ଗତ ୫ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜିନିବେଶ ହରାଇବାକୁ ପଡ଼ିଛି।

ପ୍ରସ୍ତାବିତ ପୋସ୍କୋ ପ୍ରକଳ୍ପକୁ ଦୃଷ୍ଟିରେ ରଖି ବିପୁଲ୍ସ, ୟୁନିଟେକ୍ ଭଳି ବଡ଼ ଡେଭେଲପର ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଇଥିଲେ। ୨୦୧୨ରୁ ୨୦୧୫ ମଧ୍ୟରେ ରାଜ୍ୟରେ ଏହି କ୍ଷେତ୍ରରେ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିମୁଦ୍ରୀକରଣ, ରିୟଲ ଇଷ୍ଟେଟ ରେଗୁଲେଟୋରି ଆକ୍ଟର ଜାଲରେ ଡେଭେଲପରମାନେ ଫସି ଯାଇଥିଲେ। ଫଳରେ ବିପୁଲ୍ସ, ୟୁନିଟେକ୍ ଭଳି କେତେକ ପୁଞ୍ଜିନିବେଶକାରୀ ସଂସ୍ଥା ସେମାନଙ୍କ କିଛି ପ୍ରକଳ୍ପରୁ ଓହରିଯାଇଛନ୍ତି। ଏଥିଯୋଗୁ ୨୦୧୫ରୁ ୨୦୨୦ ମଧ୍ୟରେ ରାଜ୍ୟରେ ଗୃହ ନିର୍ମାଣ କ୍ଷେତ୍ରରେ ପୁଞ୍ଜିନିବେଶ ଏକ ପ୍ରକାର ସ୍ଥାଣୁ ପାଲଟିଯାଇଛି। ରେରା(ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି) ଆଇନ ଅନୁଯାୟୀ ପ୍ରକଳ୍ପ ନିର୍ମାଣ ପୂର୍ବରୁ ରାଜ୍ୟରେ ଥିବା ରେଗୁଲେଟୋରି ଅଥରିଟିର ଅନୁମୋଦନକୁ ବାଧ୍ୟତାମୂଳକ କରାଯାଇଛି। ତେବେ ବିଭିନ୍ନ କାରଣରୁ ପ୍ରକଳ୍ପ ଅନୁମୋଦନ ମିଳିବାରେ ମାସ ମାସ ସମୟ ଲାଗିଯାଉଛି। ଏହାକୁ ଦୃଷ୍ଟିରେ ରଖି ଅନେକ ପୁଞ୍ଜିନିବେଶକାରୀ ମଧ୍ୟ ରାଜ୍ୟରୁ ମୁହଁ ଫେରାଇନେଇଛନ୍ତି।

### ବିମୁଦ୍ରୀକରଣ ପରେ କରୋନା ଅନ୍ତରାୟ

- ନୂଆ ନିୟମ ସହାୟକ ହେବ: କ୍ରେଡାଇ

ଅନ୍ୟପକ୍ଷରେ ଓଡିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ଓରେରା)ରେ ବୈଷୟିକ ତ୍ରୁଟି ଏବଂ ଦୀର୍ଘ ସମୟ ଅଧ୍ୟକ୍ଷ ପଦବୀ ଖାଲି ରହିବା ମଧ୍ୟ ରାଜ୍ୟରେ ପୁଞ୍ଜିନିବେଶକାରୀଙ୍କୁ ହତାଶ କରିଛି। ଏହି କାରଣରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଓରେରାରେ ଅନୁମୋଦନ ନ ହୋଇ ପଡ଼ିରହିଛି। ପ୍ରକଳ୍ପ ଅନୁମୋଦନ ହୋଇ ପାରୁ ନ ଥିବାରୁ ଡେଭେଲପରମାନେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରି ପାରୁନାହାନ୍ତି। ନିକଟରେ ଓରେରା ଅଧ୍ୟକ୍ଷ କାର୍ଯ୍ୟରେ ଯୋଗ ଦେବା ପରେ ପ୍ରକଳ୍ପ ଅନୁମୋଦନ ତ୍ୱରାନ୍ୱିତ ହେବ ବୋଲି କନଫେଡେରେଶନ ଅଫ ରିୟଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ(କ୍ରେଡାଇ) ଆଶା କରିଛି। ଏଭଳିସ୍ଥଳେ ଗୃହ ନିର୍ମାଣ କ୍ଷେତ୍ରରେ ରାଜ୍ୟକୁ ଅଧିକ ପୁଞ୍ଜିନିବେଶ ଲକ୍ଷ୍ୟରେ ରାଜ୍ୟ ସରକାର ☞ପୃଷ୍ଠା-୪

## ଜାଲରେ ପଡ଼ିଲା 'ବଂଶୀ'




ମସ୍ୟଜୀବୀଙ୍କ ଜାଲରେ ଖସିପଡ଼ିଥିବା ଟାର୍ଗେଟ ଏୟାରକ୍ରାଫ୍ଟ 'ବଂଶୀ'।

**ବାହାନଗା,୧୮।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଗୋପାଳପୁର ଫାଣ୍ଡି ଅଧୀନ ତାଳପଦା ଗ୍ରାମର ମତ୍ସ୍ୟଜୀବୀମାନେ ସମୁଦ୍ରରେ ମାଛ ଧରୁଥିବାବେଳେ ପ୍ରତିରକ୍ଷା ବିଭାଗର ଏକ ମାନବ ବିହୀନ ଟାର୍ଗେଟ ଏୟାରକ୍ରାଫ୍ଟ 'ବଂଶୀ' ଜାଲରେ ଖସି ପଡ଼ିଥିଲା। ମସ୍ଜୀବୀମାନେ କୂଳକୁ ଆଣିବା ପରେ ପ୍ରତିରକ୍ଷା ଅଧିକାରୀମାନେ ପହଞ୍ଚି ତାହାକୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିକୁ ନେଇଯାଇଛନ୍ତି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୯ଟାରେ ତାଳପଦା ଗ୍ରାମର ରଘୁନାଥ ଦାସ ନିଜ ଯନ୍ତ୍ରଚାଳିତ ଭୁଟୁଭୁଟି ସାହାଯ୍ୟରେ ଗ୍ରାମର ଅନ୍ୟ ୬ ମତ୍ସ୍ୟଜୀବୀଙ୍କୁ ଧରି ଜାମୁକା ମୁହାଣରୁ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ଯାଇଥିଲେ। ଗଭୀର ସମୁଦ୍ରରେ ସେମାନେ ଜାଲ ବିଛାଇ ଆଗକୁ ଯାଉଥିବାବେଳେ ଅପରାହ୍ନ ୩ଟା ସମୟରେ ଆକାଶରେ ଏକ ଏୟାରକ୍ରାଫ୍ଟ ଘୁରୁଥିବା ଦେଖିବାକୁ ପାଇଥିଲେ। ଦେଖୁ ଦେଖୁ ହଠାତ୍ ସେଥିରେ ନିଆଁ ବାହାରିବା ସହିତ ତାହା ତଳକୁ ଖସିପଡ଼ିଥିଲା। ଫଳରେ ମତ୍ସ୍ୟଜୀବୀମାନେ ଭୟଭୀତ ହୋଇପଡ଼ିଥିଲେ। କିନ୍ତୁ ଏୟାରକ୍ରାଫ୍ଟଟି ସେମାନଙ୍କ ଉପରେ ନ ପଡ଼ି ଜାଲ ଉପରେ ପଡ଼ିଥିଲା। ଫଳରେ ୭ ମତ୍ସ୍ୟଜୀବୀ ଅଳ୍ପକେ ରକ୍ଷା ପାଇଯାଇଥିଲେ। କିଛି ସମୟ ପରେ ରଘୁନାଥଙ୍କ ସମେତ ମତ୍ସ୍ୟଜୀବୀ ଉତ୍ତମ ଦାସ, ଶୁକୁଟା ଦାସ, ସୁଧାକର ମଳିକ, ସୁବାସ ମଳିକ, ଧୀରେନ୍ଦ୍ର ପ୍ରଧାନ ଓ ନରହରି ଦାସ ପ୍ରମୁଖ ☞ପୃଷ୍ଠା-୪

## ନିର୍ବାଚନ କମିଶନର ଅଶୋକ ଲାଭାସାଙ୍କ ଇସ୍ତଫା

### ଏଡିବି ଉପାଧ୍ୟକ୍ଷ ହେବେ



ଅଶୋକ ଲାଭାସା

**ନୂଆଦିଲ୍ଲୀ,୧୮।୮:** ନିର୍ବାଚନ କମିଶନର ଅଶୋକ ଲାଭାସା ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଆସନ୍ତା ମାସରେ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି)ର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏହି ପଦରେ ଥିବା ଦିବାକର ଗୁପ୍ତା ଅଗଷ୍ଟ ୩୧ରେ ଅବସର ଗ୍ରହଣ କରୁଛନ୍ତି। ଗତମାସରେ ଲାଭାସାଙ୍କୁ ଏଡିବି ପକ୍ଷରୁ ପ୍ରାଇଭେଟ ସେକ୍ଟର ଅପରେଶନ ଆଣ୍ଡ ପବ୍ଲିକ୍-ପ୍ରାଇଭେଟ ପାର୍ଟନରସିପ୍‌ର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ହରିୟାଣା କ୍ୟାଡର୍‌ର ୧୯୮୦ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଲାଭାସା ମୁଖ୍ୟ ନିର୍ବାଚନ କମିଶନର ସୁନିଲ ଆରୋରାଙ୍କ ଅବସର ପରେ ୨୦୨୧ ଏପ୍ରିଲରେ ସିଇସି ହେବାର ସମ୍ଭାବନା ଥିଲା। ପ୍ରକାଶଥାଉ କି, ଲାଭାସା ୨୦୧୮ ଜାନୁୟାରୀରେ ନିର୍ବାଚନ କମିଶନର ଭାବେ ନିଯୁକ୍ତି ପାଇଥିଲେ। ପୂର୍ବରୁ ସେ ଅର୍ଥ ସଚିବ, ପରିବେଶ ମନ୍ତ୍ରଣାଳୟର ସଚିବ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ଏବଂ ବେସାମରିକ ବିମାନ ଚଳାଚଳ ବିଭାଗର ସଚିବ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପଦବିରେ ରହି କାର୍ଯ୍ୟ କରିଛନ୍ତି।

## ୧୪ ପଇସା ବଢ଼ିଲା ପେଟ୍ରୋଲ

**ଭୁବନେଶ୍ୱର,୧୮।୮:** ଲଗାତର ତୃତୀୟ ଦିନ ଲାଗି ପେଟ୍ରୋଲ ଦର ବୃଦ୍ଧି ଘଟିଛି। ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୪ ପଇସା ବଢ଼ିବା ଯୋଗୁ ଦର ୮୧.୪୪ ଟଙ୍କା ଛୁଇଁଛି। ଏହି ସମୟରେ ଡିଜେଲ ଦର ଅପରିବର୍ତ୍ତିତ ୮୦.୦୩ ଟଙ୍କା ରହିଛି। ରବିବାର ପେଟ୍ରୋଲ ଦର ୧୨ ପଇସା ବଢ଼ିଥିବା ବେଳେ ସୋମବାର ଦର ୧୫ ପଇସା ବୃଦ୍ଧି ଘଟିଥିଲା। ଗତ ଏକ ମାସ ହେବ ତେଲ ଦର ନିୟନ୍ତ୍ରଣରେ ରହିଥିବା ବେଳେ ଏଥିରେ ବର୍ତ୍ତମାନ ବୃଦ୍ଧି ଘଟୁଥିବା ଜଣାପଡିଛି। ଦେଶର ପ୍ରମୁଖ ସହରଗୁଡିକ କଥା ବିଚାର କଲେ ମଙ୍ଗଳବାର ପେଟ୍ରୋଲ ଦର ୧୩ରୁ ୧୭ ପଇସା ବଢ଼ିଛି। ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୧୭ ପଇସା ବଢ଼ି ୮୦.୯୦ ଟଙ୍କା ଛୁଇଁଛି। ସେହିଭଳି ଚେନ୍ନାଇରେ ୧୨ ପଇସା ବଢ଼ି ୮୩.୯୯ ଟଙ୍କା, କୋଲକାତାରେ ୧୩ ପଇସା ବଢ଼ି ☞ପୃଷ୍ଠା-୪

## ଚୂଡ଼ାନ୍ତ ବର୍ଷ ପରୀକ୍ଷା ବାତିଲ ମାମଲାର ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୧୮।୮**

ଦେଶବ୍ୟାପୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆସନ୍ତା ସେପ୍ଟେମ୍ବର ୩୦ସୁଦ୍ଧା ଚୂଡ଼ାନ୍ତ ବର୍ଷର ପରୀକ୍ଷା କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ କରାଯାଇଥିବା ଏକାଧିକ ଆବେଦନର ଶୁଣାଣି କରି ରାୟକୁ ମଙ୍ଗଳବାର କୋର୍ଟ ସ୍ଥଗିତ ରଖିଛନ୍ତି। ବିଚାରପତି ଅଶୋକ ଭୂଷଣ, ଆର୍. ସୁବାସ ରେଡ୍ଡୀ ଏବଂ ଏମ୍. ଆର୍. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ସମସ୍ତ ପକ୍ଷଙ୍କୁ ଆସନ୍ତା ୩ଦିନ ମଧ୍ୟରେ ଲିଖିତ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ସରକାରଙ୍କ ପକ୍ଷରୁ ୟୁଜିସି ନିର୍ଦ୍ଦେଶନାମାକୁ ବିରୋଧ କରାଯାଇ ସୁପ୍ରିମ୍‌କୋର୍ଟରେ ମାମଲା ରୁଜୁ କରାଯାଇଛି। ରାଜ୍ୟରେ ଏବେ କରୋନା ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଏଭଳି ଅବସ୍ଥାରେ ୟୁଜିସି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶନାମା ଅନୁସାରେ ପରୀକ୍ଷା କରିବା ସମ୍ଭବ ହେବ ନାହିଁ ବୋଲି ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ନିଜର ମତ ରଖିଛନ୍ତି। ବର୍ତ୍ତମାନ ସ୍ଥିତିରେ କଲେଜଗୁଡ଼ିକ ବନ୍ଦ ରହିଛି। ଛାତ୍ରୀଛାତ୍ରମାନେ ସେମାନଙ୍କ ନିଜ ଗ୍ରାମକୁ ଫେରି ଯାଇଛନ୍ତି। ରାଜ୍ୟର ଅନେକ ସ୍ଥାନରେ ପିଲାମାନେ ଇଣ୍ଟରନେଟ ସୁବିଧା ପାଇପାରୁ ନାହାନ୍ତି। ଏପରି କି ହଷ୍ଟେଲଗୁଡ଼ିକ ବନ୍ଦ ଥିବା ☞ପୃଷ୍ଠା-୪

### ବିଶ୍ୱବିଦ୍ୟାଳୟ ପରୀକ୍ଷା



**୩ଦିନ ମଧ୍ୟରେ ଲିଖିତ ଯୁକ୍ତି ଦାଖଲ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

## ଅର୍ଜୁନ ପୁରସ୍କାର ତାଲିକାରେ ଦୂତୀ

**ଭୁବନେଶ୍ୱର, ୧୮।୮(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରୀଡ଼ା ପାଇଁ ଏକ ଖୁସି ଖବର। ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ଗଠିତ ଚୟନ କମିଟି ଅର୍ଜୁନ ପୁରସ୍କାର ଲାଗି ସୁପାରିସ କରିଥିବା ୨୯ ଜଣିଆ ଆଥଲେଟ୍ ତାଲିକାରେ ଓଡ଼ିଶାର ଦୂତୀ ଚାନ୍ଦ ସ୍ଥାନ ପାଇଛନ୍ତି। ପୂର୍ବରୁ ଓଡ଼ିଶାର ୮ ଖେଳାଳି ଅର୍ଜୁନ ପୁରସ୍କାର ପାଇସାରିଥିବାବେଳେ ଏବେ ଏହି ସଂଖ୍ୟା ୯ରେ ପହଞ୍ଚିବାକୁ ଯାଉଛି।

୧୯୯୬ ଫେବୃୟାରୀ ୩ରେ ଯାଜପୁର ଜିଲା ଚକଗୋପାଳପୁରରେ ଜନ୍ମିତ ଦୂତୀ ଏବେ ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡଧାରିଣୀ (୧୧.୨୨ ସେକେଣ୍ଡ-୨୦୧୯)। ତାଙ୍କ କ୍ୟାରିୟରର ସଫଳତା ତାଲିକା



ଦୂତୀ ଚାନ୍ଦ

ବେଶ୍ ଲମ୍ବା। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକ ହାସଲ ତାଙ୍କ ଅର୍ଜୁନ ପୁରସ୍କାର ପଥକୁ ସୁଗମ କରିଛି। ୨୦୧୭ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ୨ଟି ବ୍ରୋଞ୍ଜପଦକ ହାସଲ କରିଥିଲେ। ମହିଳା ୧୦୦ ମିଟର ଓ ୪ ଗୁଣା ୧୦୦ ରିଲେ ରେସ୍‌ରେ ସେ ଏହି ସଫଳତା ପାଇଥିଲେ। ସେ ୨୦୧୩ ପୁଣେ ଓ ୨୦୧୯ ଦୋହା ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ୨୦୧୬ ଦୋହା ଏସିଆନ ଇନ୍‌ଡୋର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଏବଂ ସେହିବର୍ଷ ସାଉଥ୍ ଏସିଆନ ଗେମ୍ସରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ପ୍ରଥମ ଭାରତୀୟ ଭାବେ ସେ ୨୦୧୯ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ☞ପୃଷ୍ଠା-୪

## ଡ୍ରିମ୍ ୧୧ ଆଇପିଏଲ୍ ନୂଆ ପ୍ରାୟୋଜକ

**ନୂଆଦିଲ୍ଲୀ,୧୮।୮(ପି.ଟି.)**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ସ୍ପୋନ୍ସରଶିପ୍ କିଏ ହାସଲ କରିବ ଏ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଜଣାଶୁଣା ଫାଣ୍ଟାସି ଗେମିଂ ପ୍ଲାଟଫର୍ମ ଡ୍ରିମ୍ ୧୧ ଆଇପିଏଲର ନୂଆ ପ୍ରାୟୋଜକ ହେବାର ଅଧିକାର ହାସଲ କରିଛି। ୨୨୨ କୋଟି ଟଙ୍କାର ବିଡ୍ ସହ ଡ୍ରିମ୍ ୧୧ ସାଢ଼େ ୪ ମାସ ପାଇଁ ଏହି ଟାଇଟଲ ସ୍ପୋନ୍ସରଶିପ୍ ରାଇଟ୍ ହାସଲ କରିଛି ବୋଲି ଆଇପିଏଲ ଅଧ୍ୟକ୍ଷ ବ୍ରିଜେଶ ପଟେଲ କହିଛନ୍ତି। ପୂର୍ବରୁ ଗତ କେତେବର୍ଷ ଧରି ଡ୍ରିମ୍ ୧୧ ଆଇପିଏଲର ଅନ୍ୟତମ ପ୍ରାୟୋଜକ ତଥା ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ମର୍ଯ୍ୟାଦା ଜଗିବ କିଏ

**ଆସୁଛି ଆଉଏକ ଲଘୁଚାପ !**




# ଯଦି ଟୁଇଟ୍‌କୁ ଭୟ, ନ୍ୟାୟପାଳିକା ଦୁର୍ବଳ

**ନୂଆଦିଲ୍ଲୀ,୧୮।୮**

ଅଦାଲତ ଅବମାନନା ମାମଲାରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ଗୁରୁବାର (ଅଗଷ୍ଟ ୨୦ରେ) ଦଣ୍ଡବିଧାନ କରିବାକୁ ସୁପ୍ରିମକୋର୍ଟଙ୍କ ତିନିଜଣିଆ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଏହାକୁ ନେଇ ଦେଶବ୍ୟାପୀ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ତ୍ତମାନର ମହାମାରୀ ସମୟରେ ତରବରିଆ ଭାବେ ରାୟର ଭର୍ଚୁଆଲ ଶୁଣାଣି କରା ନ ଯାଉ। ଶୁଣାଣି ସ୍ୱାଭାବିକ ହେବା ଯାଏ ଏହି ଦଣ୍ଡବିଧାନକୁ ଟାଳି ଦିଆଯାଉ ବୋଲି ବୁଦ୍ଧିଜୀବୀ ଓ ଆଇନଜୀବୀ ମହଲରେ ଦାବି ହୋଇଛି। ଏନେଇ ଚାଲିଥିବା ଦସ୍ତଖତ ଅଭିଯାନରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ପୂର୍ବତନ ବିଚାରପତିଙ୍କ ସହ ୩,୦୦୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ରହିଛନ୍ତି। ଅଦାଲତ ଯଦି ଟୁଇଟ୍‌କୁ ଭୟ କରୁଛନ୍ତି ତେବେ ନ୍ୟାୟପାଳିକା ଦୁର୍ବଳ ବୋଲି ଧରିନେବାକୁ ହେବ ବୋଲି ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି।

### ପ୍ରଶାନ୍ତଙ୍କ ଦଣ୍ଡବିଧାନ ସ୍ଥଗିତ ରଖ



ଆକ୍ଟିଭିଷ୍ଟ ପ୍ରଶାନ୍ତ ଭୂଷଣ ଜୁନ୍ ୨୭ରେ ଏକ ଟୁଇଟ୍ କରି କହିଥିଲେ, ଭାରତରେ ବିନା କୌଣସି ଆନୁଷ୍ଠାନିକ ଜରୁରିକାଳୀନ ପରିସ୍ଥିତିରେ ଗଣତନ୍ତ୍ରକୁ ଧ୍ୱଂସ କରି ଦିଆଯାଇଛି। ଭବିଷ୍ୟତରେ ଐତିହାସିକମାନେ ୬ ବର୍ଷ ପଛକୁ ଫେରି ଏହା ଦେଖିଲେ ଏଥିରେ ନିର୍ଦ୍ଦିଷ୍ଟ ଭାବେ ସୁପ୍ରିମକୋର୍ଟ ଏବଂ ବିଶେଷକରି ୪ ଜଣ ସିଜେଆଇଙ୍କ ଭୂମିକା ରହିଥିବା ସେମାନେ ଜାଣିବାକୁ ପାଇବେ। ଏହାର ୨ ଦିନ ପରେ ଅର୍ଥାତ୍ ଜୁନ୍ ୨୯ରେ ପ୍ରଶାନ୍ତ ଦ୍ୱିତୀୟ ଟୁଇଟ୍ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ, ସିଜେଆଇ ଏସ୍.ଏ. ବୋବ୍‌ଡେ ବିନା ମାସ୍କ ଓ ହେଲ୍‌ମେଟରେ ନାଗପୁରସ୍ଥିତ ରାଜଭବନରେ ଜଣେ ଭାଜପା ନେତାଙ୍କ ୫୦ ଲକ୍ଷ ଟଙ୍କାର ହାର୍ଲେ ଡେଭିଡ୍‌ସନ୍ ବାଇକ୍ ଚଳାଉଛନ୍ତି। ସେ ସୁପ୍ରିମକୋର୍ଟକୁ ଲକ୍‌ଡାଉନ୍ କରି ନାଗରିକମାନଙ୍କୁ ନ୍ୟାୟ ପାଇବାର ମୌଳିକ ଅଧିକାରରୁ ବଞ୍ଚିତ କରିଥିବାବେଳେ ବାଇକ୍‌ରେ ☞ପୃଷ୍ଠା-୪

### ଜୋର ଧରିଲା ଦସ୍ତଖତ ଅଭିଯାନ

- ନ୍ୟାୟପାଳିକା ଉପରେ ପ୍ରଶାନ୍ତ ୨ଟି ଟୁଇଟ୍ କରିଥିଲେ
- ଅଦାଲତ ଅବମାନନା ମାମଲା ରାୟ ୨୦ରେ
- ମହାମାରୀ ପରେ ନିୟମିତ ଶୁଣାଣି ହେଲେ ବୃହତ୍ ଖଣ୍ଡପୀଠ ରିଭ୍ୟୁ କରନ୍ତୁ
- ସେତେବେଳ ଯାଏ ଦଣ୍ଡବିଧାନ କରା ନ ଯାଉ
- ସ୍ୱାକ୍ଷରକାରୀଙ୍କ ମଧ୍ୟରେ ସୁପ୍ରିମକୋର୍ଟ ଓ ହାଇକୋର୍ଟର ପୂର୍ବତନ ବିଚାରପତି, ଆଇନଜୀବୀ, ପ୍ରାକ୍ତନ ଅମଲାତନ୍ତ୍ରୀ, ସେଲିବ୍ରିଟି ଓ ବିଶିଷ୍ଟ ବ୍ୟକ୍ତି

**ଦିନକରେ ୯ ଲକ୍ଷ କୋଭିଡ୍ ପରୀକ୍ଷା**

ନୂଆଦିଲ୍ଲୀ, ୧୮।୮ : ଗୋଟିଏ ଦିନରେ ପ୍ରାୟ ୯ ଲକ୍ଷ କରୋନା ପରୀକ୍ଷା କରି ଭାରତ ରେକର୍ଡ କରିଛି। ଏଥିସହ ଦେଶରେ ମୋଟ ୩ କୋଟି ୧୦ ଲକ୍ଷ ଲୋକଙ୍କ କରୋନା ପରୀକ୍ଷା କରାଯାଇଛି। ଗତ ୨୪ ଘଣ୍ଟାରେ ୫୭,୫୮୪ ବ୍ୟକ୍ତି ସୁସ୍ଥ ହୋଇଥିବାବେଳେ ଦେଶରେ ସୁସ୍ଥହାର ୭୩.୧୮%ରେ ପହଞ୍ଚିଛି। ତେବେ ଦିନକରେ ୫୫,୦୭୯ ଆକ୍ରାନ୍ତ ହୋଇଥିବାବେଳେ ୮୭୬ ଜଣ ପ୍ରାଣ ହରାଇଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ୨୭ଲକ୍ଷ ଟପିଥିବା ବେଳେ ମୃତ୍ୟୁସଂଖ୍ୟା ୫୦ ହଜାର ପାର୍ କରିଛି।

# ପିଏମ୍ କେୟାର୍ସ ଟଙ୍କା ଏନ୍‌ଡିଆର୍‌ଏଫ୍‌କୁ ଯିବନାହିଁ

## ଅର୍ଥ ସ୍ଥାନାନ୍ତର ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୮ (ପି.ଟି./ଆଇଏଏନ୍ଏସ୍)



କୋଭିଡ୍ ମୁକାବିଲା ବେଳେ ନାଗରିକ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ଗଠିତ ପ୍ରାଇମ୍ ମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚ୍ୟୁଏଶନ୍ସ (ପିଏମ୍ କେୟାର୍ସ) ଫଣ୍ଡ୍ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍)କୁ ସ୍ଥାନାନ୍ତର ହେବନାହିଁ। ଉକ୍ତ ପାଣ୍ଠିକୁ ଏନ୍‌ଡିଆର୍‌ଏଫ୍‌କୁ ଟ୍ରାନ୍ସଫର ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ମଙ୍ଗଳବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ସେଣ୍ଟର ଫର୍ ପବ୍ଲିକ୍ ଇଣ୍ଟ୍ରେଷ୍ଟ ଲିଟିଗେଶନ ଏନ୍‌ଜିଓ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ସୁପ୍ରିମକୋର୍ଟରେ ଦାଏର ହୋଇଥିଲା। ପିଏମ୍ କେୟାର୍ସ ପାଣ୍ଠି ଅଧୀନରେ ସଂଗୃହୀତ ସମସ୍ତ ଟଙ୍କାକୁ ଏନ୍‌ଡିଆର୍‌ଏଫ୍‌କୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଏହି ଏନ୍‌ଜିଓ ଅଦାଲତଙ୍କୁ ଅନୁରୋଧ କରିଥିଲା। ସେହିପରି କୋଭିଡ୍-୧୯ ମହାମାରୀର ମୁକାବିଲା ଲାଗି କେନ୍ଦ୍ର ସରକାର ଏକ ଜାତୀୟ ଯୋଜନା ପ୍ରସ୍ତୁତ, ବିଜ୍ଞପ୍ତି ପ୍ରକାଶ ଓ ତାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଏଥିରେ ଦାବି କରାଯାଇଥିଲା। ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଆର୍.ଏସ୍. ରେଡ୍ଡୀ ଏବଂ ଏମ୍.ଆର୍. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ମଙ୍ଗଳବାର ରାୟ ଦେଇଛନ୍ତି। ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ବିପର୍ଯ୍ୟୟ ପରିଚାଳନା ଆଇନ ଅଧୀନରେ କେନ୍ଦ୍ର ସରକାର କୋଭିଡ୍-୧୯ ମୁକାବିଲା ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ପର୍ଯ୍ୟାପ୍ତ। କୋଭିଡ୍-୧୯ ଭଳି ଜରୁରୀ ସ୍ଥିତିର ମୁକାବିଲା ପାଇଁ ଗତ ମାର୍ଚ୍ଚ ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପିଏମ୍ କେୟାର୍ସ ଫଣ୍ଡ୍ ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଏଥିରେ ଟ୍ରଷ୍ଟି ଅଛନ୍ତି। ଗତ ଜୁଲାଇ ୨୭ରେ ଆବେଦନର ଶୁଣାଣି ବେଳେ କେନ୍ଦ୍ର ସରକାର ପିଏମ୍ କେୟାର୍ସ ଫଣ୍ଡ୍‌କୁ ସମର୍ଥନ କରିଥିଲେ। କରୋନା ସଂକ୍ରମିତଙ୍କୁ ଆଶ୍ୱସ୍ତି ଦେବା ହେଉଛି ଏହି ପାଣ୍ଠି ଗଠନର ମୂଳ ଉଦ୍ଦେଶ୍ୟ। ଏହା ଏକ ପବ୍ଲିକ୍ ଟ୍ରଷ୍ଟ, ଯାହାକି ସ୍ୱେଚ୍ଛାକୃତ ଦାନକୁ ଗ୍ରହଣ କରିବ। ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ପାଇଁ ବଜେଟରେ ଆବଣ୍ଟିତ ଅର୍ଥକୁ ଛୁଆଁଯାଉ ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ। ଏନ୍‌ଜିଓ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଥିଲେ, କାହାର ଉଦ୍ଦେଶ୍ୟକୁ ନେଇ ସନ୍ଦେହ କରାଯାଉ ନାହିଁ। କିନ୍ତୁ ପିଏମ୍ କେୟାର୍ସ ଫଣ୍ଡ୍ ବିପର୍ଯ୍ୟୟ ପରିଚାଳନା ଆଇନର ଉଲ୍ଲଂଘନ ବୋଲି ଅଭିଯୋଗ ହେଉଛି। ଭାରତର ସମୀକ୍ଷକ ଓ ମହାଲେଖା ପରୀକ୍ଷକ (ସିଏଜି) ଏନ୍‌ଡିଆର୍‌ଏଫ୍‌ର ଅଡିଟ୍ କରିଥାନ୍ତି। କିନ୍ତୁ ପିଏମ୍ କେୟାର୍ସ ପାଣ୍ଠିର ସମୀକ୍ଷା ଘରୋଇ ଅଡିଟରମାନଙ୍କ ଦ୍ୱାରା କରାଯିବ ବୋଲି ସରକାର କହୁଛନ୍ତି। ତେଣୁ ଏହାର ବୈଧତା ଯାଞ୍ଚ କରାଯାଉ ବୋଲି ଡାଭେ ଅନୁରୋଧ କରିଥିଲେ। ଖଣ୍ଡପୀଠ କହିଛନ୍ତି, ବିପର୍ଯ୍ୟୟ ପରିଚାଳନା ଆଇନ ଅଧୀନରେ କୌଣସି ବୈଧାନିକ କଟକଣା ନ ଥିବାରୁ ଏନ୍‌ଡିଆର୍‌ଏଫ୍‌କୁ ସବୁବେଳେ ସ୍ୱେଚ୍ଛାକୃତ ଦାନ କରାଯାଇପାରିବ। ପିଏମ୍ କେୟାର୍ସ ଫଣ୍ଡ୍ ଏକ ଦାତବ୍ୟ ପାଣ୍ଠି ହୋଇଥିବାରୁ ସେଥିରୁ ଏନ୍‌ଡିଆର୍‌ଏଫ୍‌କୁ ଅର୍ଥ ସ୍ଥାନାନ୍ତର କରାଯାଇ ପାରିବ ନାହିଁ।



“ପିଏମ୍ କେୟାର୍ସ ଫଣ୍ଡ୍‌କୁ ନେଇ ସୁପ୍ରିମକୋର୍ଟଙ୍କ ରାୟ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ବ୍ୟାଣ୍ଡର ଖଳ ଚକ୍ରାନ୍ତକୁ ମସ୍ତବଡ଼ ଝଟ୍‌କା। କଂଗ୍ରେସ ଓ ଏହାର ସହଯୋଗୀଙ୍କ ମନ୍ଦ ଉଦ୍ଦେଶ୍ୟ ଓ ଅପଚେଷ୍ଟା ସତ୍ତ୍ୱେ ସତ୍ୟର ବିଜୟ ହୋଇଛି।

-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

“ପିଏମ୍ କେୟାର୍ସ ପାଣ୍ଠି ସମ୍ପର୍କିତ ଅଦାଲତଙ୍କ ରାୟ ସ୍ୱଚ୍ଛତା ଓ ଲୋକଙ୍କ ପ୍ରତି ସରକାରଙ୍କ ଉତ୍ତରଦାୟିତ୍ୱ ପାଇଁ ଏକ ଧକ୍କା। ସୂର୍ଯ୍ୟକିରଣ ସର୍ବୋତ୍ତମ ଜୀବାଣୁନାଶକ ବୋଲି କହୁଥିବା ସୁପ୍ରିମକୋର୍ଟ ନିଜ କଥାରୁ ଓହରିଯାଇଛନ୍ତି।

-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର



## ପାକ୍ ସୀମାରେ ତେଜସ୍



ନୂଆଦିଲ୍ଲୀ, ୧୮।୮ : ଚାଇନା ସହ ସୀମା ବିବାଦ ଜାରି ରହିଥିବାବେଳେ ପାକିସ୍ତାନ ସୀମାରେ ଭାରତୀୟ ବାୟୁସେନା ପକ୍ଷରୁ ମଙ୍ଗଳବାର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏଲ୍‌ସିଏ ତେଜସ୍ ଲଢୁଆ ବିମାନକୁ ମୁତୟନ କରାଯାଇଛି। ଲଦାଖ ପ୍ରସଙ୍ଗକୁ ନେଇ ଚାଇନା ସହ ବିବାଦର ସମାଧାନ ହୋଇ ନ ଥିବାବେଳେ ପଶ୍ଚିମାଞ୍ଚଳ ସୀମା ଉପରେ ସତର୍କ ଦୃଷ୍ଟି ରଖିବା ଲାଗି ବାୟୁସେନା ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଜସ୍ ଲଢୁଆ ବିମାନକୁ ପ୍ରଶଂସା କରିଥିଲେ। ସୀମା ବିବାଦକୁ ନେଇ ସୁରକ୍ଷା ଦୃଷ୍ଟିରୁ ୮୩ ମାର୍କ ୧ଏ ବିମାନ କ୍ରୟ ଲାଗି ପ୍ରକ୍ରିୟା ଜାରି ରହିଥିବା ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଆର୍‌କେଏସ୍ ଭଦୌରିଆ କହିଥିଲେ। ସୀମାରେ ଚାଇନାର ମତିଗତିକୁ ଲକ୍ଷ୍ୟ କରି ପ୍ରତିରକ୍ଷା ଶକ୍ତିବୃଦ୍ଧି ଲାଗି ଅଧିକ ଗୁରୁତ୍ୱ ଦିଆଯାଉଛି ଓ ପାକିସ୍ତାନ ସୀମା ପ୍ରତି ମଧ୍ୟ ସତର୍କତା ଅବଲମ୍ବନ କରାଯାଉଥିବା ଏଥିରୁ ସ୍ପଷ୍ଟ ଅନୁମେୟ। ଦୈନିକ ୨୪ ଘଣ୍ଟା ସୀମା ପ୍ରତି ନଜର ରଖାଯାଇଥିବା ପ୍ରକାଶ।

## ଆଦିତ୍ୟଙ୍କ ସହ ସାକ୍ଷାତକୁ ରିଆଙ୍କ ଖଣ୍ଡନ



ଆଦିତ୍ୟ ଠାକ୍‌ରେ



ରିଆ ଚକ୍ରବର୍ତ୍ତୀ

ମୁମ୍ବାଇ, ୧୮।୮ : ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାକୁ ନେଇ ଖୋଳତାଡ ଚାଲିଥିବାବେଳେ ଶିବସେନା ନେତା ତଥା ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେଙ୍କ ସହ କେବେ ବି ସାକ୍ଷାତ ଆଲୋଚନା ହୋଇନାହିଁ ବୋଲି ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ଓକିଲ ସତୀଶ ମାନସିନ୍ଦେଙ୍କ ମାଧ୍ୟମରେ ଦର୍ଶାଇଛନ୍ତି। ଆଦିତ୍ୟଙ୍କ ସହ ଟେଲିଫୋନ ଯୋଗେ ମଧ୍ୟ ରିଆ କଥା ହୋଇ ନ ଥିବା ସେ ପ୍ରକାଶ କରିଛନ୍ତି। ବିହାର ନିର୍ବାଚନକୁ ଆଖିଆଗରେ ରଖି ଏହାକୁ ରାଜନୈତିକ ରୂପ ଦିଆଯାଉଛି। ଆଦିତ୍ୟଙ୍କ ସହ କିଛି ସମ୍ପର୍କ ନ ଥିବାବେଳେ ରାଜନୈତିକ ଫାଇଦା ଉଠାଇବା ଲାଗି ଏଭଳି ପ୍ରୟାସ କରାଯାଉଛି ବୋଲି ମାନସିନ୍ଦେ ଅଭିଯୋଗ କରିଛନ୍ତି। ସୁପ୍ରିମକୋର୍ଟରେ ସୁଶାନ୍ତ ସିଂ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ନେଇ ବୁଧବାର ଶୁଣାଣି ହେବ।

## ଏମ୍ସରେ ଅମିତ୍ ଶାହା

ନୂଆଦିଲ୍ଲୀ, ୧୮।୮ : ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩ ଦିନ ପୂର୍ବରୁ ସେ କୋଭିଡ୍ ନେଗେଟିଭ୍



ଦର୍ଶାଯାଇଥିଲେ। ଥକାପଣ ଅନୁଭବ କରିବା ଓ ଦେହହାତ ବିନ୍ଧିବାରୁ ଏମ୍ସର ପୋଷ୍ଟ କୋଭିଡ୍ କେୟାରରେ ତାଙ୍କର ଚିକିତ୍ସା କରାଯାଉଛି ବୋଲି ଡାକ୍ତର ଆରତି ଭିଜ୍ ପ୍ରକାଶ କରିଛନ୍ତି। ତେବେ ସେ ସୁସ୍ଥ ଥିବା ଓ ହସ୍ପିଟାଲରେ କାମ ଜାରି ରଖିଥିବା ସେ ମନ୍ତବ୍ୟରେ କହିଛନ୍ତି। ଅଗଷ୍ଟ ୨ରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଶାହାଙ୍କ ଚିକିତ୍ସା ପରେ ଅଗଷ୍ଟ ୧୪ରେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା।

## ବାହାର ଲୋକଙ୍କୁ ମିଳିବନି ନିଯୁକ୍ତି

### ମଧ୍ୟପ୍ରଦେଶ ସରକାରଙ୍କ ନିଷ୍ପତ୍ତି

ଭୋପାଳ, ୧୮।୮

ଏଣିକି ମଧ୍ୟପ୍ରଦେଶରେ ବାହାର ରାଜ୍ୟର ଲୋକମାନଙ୍କୁ ନିଯୁକ୍ତି ସୁଯୋଗ ଆଉ ମିଳିବନି। ମଧ୍ୟପ୍ରଦେଶ ସରକାର ସ୍ଥାନୀୟ ଲୋକଙ୍କ ନିଯୁକ୍ତିକୁ ଗୁରୁତ୍ୱ ଦେବା ସହ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏଥିଲାଗି ଆବଶ୍ୟକୀୟ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉଥିବା ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମଙ୍ଗଳବାର ପ୍ରକାଶ କରିଛନ୍ତି। ରାଜ୍ୟର ଯୁବତୀ ଯୁବକମାନେ ନିଯୁକ୍ତି ପାଇବା ଏକ ଐତିହାସିକ ପଦକ୍ଷେପ ବୋଲି ଭାଜପା ପ୍ରଦେଶ ଅଧ୍ୟକ୍ଷ ବିଷ୍ଣୁଦତ୍ତ ଶର୍ମା କହିଛନ୍ତି। ହେଲେ ବିରୋଧୀ କଂଗ୍ରେସ ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ କହିଛନ୍ତି, ଏଭଳି ଘୋଷଣା ଦ୍ୱାରା ଗତ ୧୫ ବର୍ଷର ବେକାରି ସ୍ଥିତିକୁ ଲୁଚାଯାଇ ପାରିବ ନାହିଁ। କଂଗ୍ରେସ ମଧ୍ୟ ଯୁବପିଢ଼ିଙ୍କ ନିଯୁକ୍ତି ଲାଗି ଅନେକ କିଛି କରିଛି। କେବଳ ସ୍ଲୋଗାନବାଜିରେ କାମ ହୁଏନାହିଁ, ଯୁବପିଢ଼ିଙ୍କୁ ଠକିବା ଛାଡ଼। ଏହା କେବଳ ନିର୍ବାଚନୀ ସ୍ଲୋଗାନବୋଲିକମଲନାଥକହିଛନ୍ତି।



ଶିବରାଜ ସିଂ ଚୌହାନ

## ୩ ଦିନରେ ନିର୍ବାଚନ ଗାଇଡ୍‌ଲାଇନ୍ସ ପ୍ରସ୍ତୁତ କର

**ରାଜ୍ୟଗୁଡ଼ିକୁ ଇସିଙ୍କ ପରାମର୍ଶ**

ନୂଆଦିଲ୍ଲୀ, ୧୮।୮ : ଆସନ୍ତା ମାସରେ ହେବାକୁ ଥିବା ନିର୍ବାଚନ ଲାଗି ୩ ଦିନ ମଧ୍ୟରେ ଗାଇଡ୍‌ଲାଇନ୍ସ ପ୍ରସ୍ତୁତ କରିବାକୁ ନିର୍ବାଚନ କମିଶନ ମଙ୍ଗଳବାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ମହାମାରୀ କରୋନା ସମୟରେ ଠିକ୍‌ଭାବେ ଯେମିତି ମତଦାନ କରାଯାଇପାରିବ, ସେଥିଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ଏଥିସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ବାଚନ ପ୍ରଚାର, ମତଦାନ ଲାଗି ପରିସ୍ଥିତିକୁ ଦେଖି ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


KIIT HIGHER SECONDARY SCHOOL
(Recognised by Government of Odisha and Affiliated to C.H.S.E., Odisha)
for XI & XII Std. Science Programme
+2 Science Campus
www.kiitsciencecollege.org

Great mind
Germinates in
Great environment



KIITHSS an icon in +2 Science Education of Odisha,
Congratulates all 10th pass out Students

A Residential School with Difference
ଭିନ୍ନ ଏକ ଅନୁଷ୍ଠାନ - ଭିନ୍ନ ଏକ ପ୍ରତିବଦ୍ଧତା

OUR ACHIEVERS




ADD-ON FACILITIES
- Value based Education
- Permanent 40 No. of Faculties
- 24x7 Proctorial Support
- Salubrious Study Atmosphere
- Air Conditioned Classroom, Computer Lab & Reading Room
- Well equipped Laboratory
- Well-Stocked Library
- "HARD TALK" for Personality development
- Counseling cell is open for 24 X 7
- GD/JAM/SOS for Better Speaking Ability
- Regular Yoga Class
- Cultural Activities and Indoor outdoor games
- Permanent clean, hygienic and spacious separate in-campus Ladies & Boys Hostel

Education is precious but life is priceless. We value it....






KIITIANS IN CHSE RESULT-2020
Appeared - 347
1st Div. - 246, 2nd Div. - 75, 3rd Div. - 12, Result - 97%
Students intake for XI - 384
Scholarship to the students on merit cum poverty basis

LIVE
ONLINE CLASS Going on
Register Today
Mob.: 9090091591

ADMISSION OPEN 2020 - 21
XI & XII Class

Visit us at : Kiit Science College, Campus-8, KIIT, Patia, BBSR-24, www.kiitsciencecollege.org
Contact : 9556383366, 9937133765, 9040625707, 9090091589, 9090091580, 9437269188

# ୧୦ ଲକ୍ଷ ଟପିଲା କରୋନା ପରୀକ୍ଷା

ଭୁବନେଶ୍ୱର,୧୮।୮(ବ୍ୟୁରୋ)

## ୨୨୩୯ ନୂଆ ଆକ୍ରାନ୍ତ ଚିହ୍ନଟ, ୯ ମୃତ

କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ଅଧିକରୁ ଅଧିକ ଟେଷ୍ଟିଂ ପାଇଁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ରାଜ୍ୟରେ କୋଭିଡ୍ ଟେଷ୍ଟ ୧୦ ଲକ୍ଷ ଟପିଛି। ଗତ ତିନିଦିନ ହେଲା ରାଜ୍ୟରେ ଦୈନିକ ହାରାହାରି ୫୦ ହଜାର ନମୁନା ପରୀକ୍ଷଣ କରାଯାଉଛି। ମଙ୍ଗଳବାର ସୁଦ୍ଧା ମୋଟ ୧୦,୦୯,୪୫୪ଟି ନମୁନା ପରୀକ୍ଷା ହୋଇସାରିଛି। ସେଥିରୁ ୬.୩୯ ପ୍ରତିଶତ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ୨୯ଟି ଜିଲାରୁ ୨,୨୩୯ ଜଣ ନୂଆ ଆକ୍ରାନ୍ତ ବାହାରିଛନ୍ତି। ଏମାନଙ୍କ ମଧ୍ୟରୁ ୧,୪୧୬ ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଥିବାବେଳେ ୮୨୩ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୧୯ ଜଣ ରହିଥିବା ବେଳେ ଲଗାତର ୭ଦିନ ଧରି ଖୋର୍ଦ୍ଧା ଜିଲା ସଂକ୍ରମଣ ତାଲିକାର ପ୍ରଥମ ସ୍ଥାନରେ ରହିଛି। ଏଥିରେ ଗଞ୍ଜାମ ଜିଲା ଦ୍ୱିତୀୟ ସ୍ଥାନରେ ରହିଛି। ଗଞ୍ଜାମରୁ ୨୪୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ନୟାଗଡ଼ ୧୪୭, ବାଲେଶ୍ୱର ୧୩୦, ରାୟଗଡ଼ା ୧୨୦, କଟକ ୧୧୭, କୋରାପୁଟ ୯୧, କନ୍ଧମାଳ ୯୦, ମୟୂରଭଞ୍ଜ ୮୦, ଯାଜପୁର ୭୫, ଭଦ୍ରକ ୭୩, କେନ୍ଦୁଝର ୭୨, ବଲାଙ୍ଗୀର ୬୬, ସୁନ୍ଦରଗଡ଼ ୬୪, ମାଲକାନଗିରି ୫୫, ବରଗଡ଼ ୫୧, ଗଜପତି ୪୨, ପୁରୀ ୪୦, ଢେଙ୍କାନାଳ ୩୬, ଜଗତ୍‌ସିଂହପୁର ୨୬, ସୋନପୁର ୨୪, କଳାହାଣ୍ଡି ୨୧, ନବରଙ୍ଗପୁର ୧୪, ଝାରସୁଗୁଡ଼ା ୧୩, ନୂଆପଡ଼ା ୮, କେନ୍ଦ୍ରାପଡ଼ା ୭, ଅନୁଗୋଳରୁ ୬, ବୌଦ୍ଧ ଓ ସମ୍ବଲପୁରରୁ ୫୩ ଜଣ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୪,୫୩୩ରେ ପହଞ୍ଚିଛି। ଅନ୍ୟପକ୍ଷରେ କରୋନାରେ ଆକ୍ରାନ୍ତ ଥାଇ ମଙ୍ଗଳବାର ରାଜ୍ୟରେ ୯ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ୩, ରାୟଗଡ଼ାରୁ ୨, ବାଲେଶ୍ୱର, ଖୋର୍ଦ୍ଧା, ମାଲକାନଗିରି ଓ ସମ୍ବଲପୁରରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୬୨ରେ ପହଞ୍ଚିଛି।

## କରୋନା ସଂକ୍ରମଣ ସ୍ଥିତି

ମଙ୍ଗଳବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୨୧,୧୮,୬୨୪ | ୭,୭୮,୮୩୦ | ୧,୪୮,୫୪,୪୬୨ |
| ଭାରତ | ୨୭,୩୨,୨୧୮ | ୫୨,୨୮୦ | ୨୦,୦୫,୨୧୫ |
| ଓଡ଼ିଶା | ୬୪,୫୩୩ | ୩୬୨(+୫୩) | ୪୫,୩୧୫ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶସ୍ତା ହେଲା କନ୍ଧମାଳ ହଳଦୀ

ଅରୁଣ କୁମାର ସାହୁ
ଦାରିଙ୍ଗବାଡ଼ି,୧୮।୮(ଡି.ଏନ.ଏ)



ହଳଦୀକୁ ପ୍ରୋସେସିଂ କରାଯାଉଛି।

- ହନ୍ତସନ୍ତ ହଳଦୀ ଚାଷୀ
- ମିଳୁନି ଉଚିତ୍ ମୂଲ୍ୟ
- ବ୍ରହ୍ମପୁର, କଟକ ଜିନିଷ ପଠାଇବାକୁ ଚାଷୀଙ୍କ ଦାବି

କନ୍ଧମାଳ ଜିଲା ହଳଦୀ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବାବେଳେ ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି। ମାତ୍ର ଚଳିତ ବର୍ଷ କରୋନା ମାଡରେ ହଳଦୀ ଚାଷୀ କ୍ଷତିଗ୍ରସ୍ତ ହୋଇପଡିଛନ୍ତି।

କରୋନା ଯୋଗୁ ହଳଦୀ ମୂଲ୍ୟ ହ୍ରାସ ପାଇଛି। ପୂର୍ବ ବର୍ଷଗୁଡିକରେ ହଳଦୀ କି.ଗ୍ରା. ପ୍ରତି ଦର ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ରହୁଥିଲା, ଏବେ ତାହା ହ୍ରାସ ପାଇ ୩୫ରୁ ୪୨ ଟଙ୍କାରେ ପହଞ୍ଚିଲାଣି। ଫଳରେ ଚାଷୀମାନେ ହଳଦୀ ଚାଷରୁ ମୁହଁ ଫେରାଇବା ଭଳି ପରିସ୍ଥିତି ଦେଖାଦେଲାଣି। ପୂର୍ବରୁ ଟିକାବାଲି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଦାରିଙ୍ଗବାଡ଼ିରେ ସପ୍ତାହକୁ ଏକାଧିକ ଥର ଚାଷୀଙ୍କ ଠାରୁ ହଳଦୀ କିଣିବାକୁ ବଜାର ବସୁଥିଲା। ଏବେ ତାହା ବନ୍ଦ କରି ଦିଆଯାଇଛି। ଫଳରେ ଚାଷୀ ଶସ୍ତାରେ ଦଲାଲଙ୍କୁ ବିକ୍ରି କରୁଛନ୍ତି। ସ୍ଥାନୀୟ ହଳଦୀ ବ୍ୟବସାୟୀ ବ୍ରହ୍ମପୁର ଏବଂ କଟକ ମାଲ୍‌ଗୋଦାମ ଉପରେ ନିର୍ଭର କରୁଥିଲେ। ସେଠିକାର ହୋଲ୍‌ସେଲ ବ୍ୟବସାୟୀ ପୂର୍ବଭଳି ହଳଦୀ ଷ୍ଟକ ରଖୁ ନ ଥିବା ଯୋଗୁ ଦର ଶସ୍ତା ହୋଇଥିବା କୁହାଯାଉଛି।

ସେହିପରି ଅଞ୍ଚଳରେ ହଳଦୀ ପରେ ସିଆଳି ଖଲିପତ୍ର ସଂଗ୍ରହ କରି ଜନଜାତି ସମ୍ପ୍ରଦାୟର ଲୋକ ପ୍ରତିପୋଷଣ ହେଉଥିଲେ। ୮୦ ସିଲେଇ ଖଲିପତ୍ରକୁ ଏକ ବିଡା ବନ୍ଧାଯାଇ ତାକୁ ୨୦ ରୁ ୩୦ ଟଙ୍କାରେ ପୂର୍ବରୁ ବିକ୍ରି ହେଉଥିଲା। ଯାହାକି ଏବେ ଦାରିଙ୍ଗବାଡ଼ି ସମେତ ବ୍ରାହ୍ମଣୀଗାଁ ଆଦି ନିଷିଦ୍ଧାଞ୍ଚଳ ଘୋଷଣା ପରେ ବ୍ୟବସାୟୀମାନେ ମାତ୍ର ୧୦ରୁ ୧୩ଟଙ୍କାରେ ବଣ୍ଡଲ କିଣୁଛନ୍ତି। ଫଳରେ ଖଲିପତ୍ର ବିକି ଘର ଚଳାଉଥିବା ଜନଜାତି ଗରିବ ପରିବାର ପାଇଁ କଷ୍ଟକର ହୋଇପଡୁଛି।

ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ଗଞ୍ଜାମ-କନ୍ଧମାଳ ସୀମାରେ କଟକଣା କୋହଳ କରି ଚାଷୀଙ୍କ ଜିନିଷ ବ୍ରହ୍ମପୁର ଏବଂ କଟକରେ ପହଞ୍ଚିବା ସୁବିଧା କଲେ ଏସବୁ ସାମଗ୍ରୀର ଉଚିତ ଦର ଚାଷୀ ପାଇପାରିବ ବୋଲି ବ୍ୟବସାୟୀ ଏବଂ ଚାଷୀ କହିଛନ୍ତି।

ଏ ନେଇ ସିମନବାଡ଼ି ଅଞ୍ଚଳର ଜଣେ ବ୍ୟବସାୟୀ ଦିଲୀପ କୁମାର ବେହେରା କହିଛନ୍ତି, ଦର କମ୍ ରହିଥିଲେ ମଧ୍ୟ ସେ ଏବେ କେଜି ୪୩ ଟଙ୍କା ପର୍ଯ୍ୟନ୍ତ ଚାଷୀଙ୍କ ଠାରୁ ହଳଦୀ କିଣୁଛନ୍ତି। ଉପର ମାର୍କେଟରେ ଦର ବୃଦ୍ଧି ହେଲେ ସେମାନେ ମଧ୍ୟ ଉଚ୍ଚ ଦରରେ କିଣିପାରିବେ ବୋଲି ସେ କହିଛନ୍ତି।

# ୪ ଜିଲା ପାଇଁ ସ୍ୱତନ୍ତ୍ର ରଣନୀତି

## କୋରାପୁଟରେ ହେବ ପ୍ଲାଜ୍‌ମା ବ୍ୟାଙ୍କ

ଭୁବନେଶ୍ୱର,୧୮।୮(ବ୍ୟୁରୋ)




ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- କୋଭିଡ୍ ନମୁନା ପରୀକ୍ଷଣରେ ଓଡ଼ିଶା ଦେଶରେ ଅଗ୍ରଣୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର କୋଭିଡ୍ ପରିସ୍ଥିତି ଓ ରଣନୀତି ନେଇ ସମୀକ୍ଷା କରିଛନ୍ତି। ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼ ଓ ରାୟଗଡ଼ା ଜିଲାରେ ଆଞ୍ଚଳିକଭିତ୍ତିକ ରଣନୀତି ଅବଲମ୍ବନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏଥିରେ ପରାମର୍ଶ ଦେଇଛନ୍ତି।

ପ୍ରତି ୧ ଲକ୍ଷରେ ୧୦୯୬ଟି କରୋନା ପରୀକ୍ଷଣ କରି ଓଡ଼ିଶା ଜାତୀୟସ୍ତରରେ ଦୈନିକ ସର୍ବାଧିକ ଟେଷ୍ଟ କରୁଥିବା ରାଜ୍ୟ ଭାବେ ପରିଗଣିତ ହୋଇଛି। ଏଥିସହ ଏଇ ସପ୍ତାହ ମଧ୍ୟରେ ଦୈନିକ ନମୁନା ପରୀକ୍ଷା ସଂଖ୍ୟା ୫୦ ହଜାରକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରି ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ, ସମସ୍ତ ଜିଲାପାଳ ଓ ସେମାନଙ୍କ ଟିମ୍ ତଥା ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟରେ କୋଭିଡ୍ ମୁକାବିଲା ପାଇଁ ୫୦ ଲକ୍ଷରୁ ଅଧିକ ଲୋକ ତାଲିମ ପାଇଛନ୍ତି। ଏହା ବାସ୍ତବରେ ବଡ଼ ସଫଳତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଲକ୍ଷଣବିହୀନ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଗୃହ ସଙ୍ଗରୋଧକୁ ପ୍ରୋତ୍ସାହନ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ପ୍ଲାଜ୍‌ମାଦାତାଙ୍କ ମହତ୍ କାର୍ଯ୍ୟକୁ ସ୍ୱୀକୃତି ଦେଇ ସେମାନଙ୍କୁ ପ୍ରଶଂସାପତ୍ର ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ୍ ହସ୍ପିଟାଲରେ କାର୍ଯ୍ୟରତ କୋଭିଡ୍ ଯୋଦ୍ଧା ଓ ରୋଗୀଙ୍କ ମତାମତ ନେବା ପାଇଁ ଜିଲା ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫ଟି ପ୍ଲାଜ୍‌ମା ୟୁନିଟ୍ ସ୍ଥାପନ କରାଯାଇଛି। କୋରାପୁଟ ମେଡିକାଲ କଲେଜରେ ଆଉ ଏକ ପ୍ଲାଜ୍‌ମା ବ୍ୟାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସପ୍ତାହ ସୁଦ୍ଧା ଏହା ସ୍ଥାପନ କରାଯିବ। ରାଜ୍ୟରେ କୃଷିକାର୍ଯ୍ୟ ସୂଚାରୁରୂପେ ଚାଲିବା ଓ ଚାଷୀଙ୍କୁ ସମସ୍ୟା ନ ହେବା ପାଇଁ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ପ୍ରମୁଖ ଯୋଗ ଦେଇଥିଲେ।




**ଆଜିର ମନ୍ତବ୍ୟ**

"ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗଣତନ୍ତ୍ର ପାଇଁ ବିପଦ।"
– ବର୍ନି ସାଣ୍ଡର୍ସ, ଡେମୋକ୍ରାଟିକ୍ ସିନେଟର


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଲିଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ସଙ୍କଟରେ ରିୟଲ...

ନିକଟରେ ସମସ୍ତ ୯ଟି ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଏହା ଅଧୀନରେ ଆସୁଥିବା ଅଞ୍ଚଳରେ ବହୁତଳ ଅଟ୍ଟାଳିକା ଓ ଗୃହ ନିର୍ମାଣ ପାଇଁ ଓଡ଼ିଶା ଡେଭେଲପମେଣ୍ଟ ଅଥରିଟିଜ୍ (ପ୍ଲାନିଂ ଆଣ୍ଡ୍ ବିଲ୍ଡିଂ ଷ୍ଟାଣ୍ଡାର୍ଡ) ରୁଲ୍ସ-୨୦୨୦ କାର୍ଯ୍ୟକାରୀ କରିଛନ୍ତି। ଏହି ନୂତନ ନିୟମ ଅଟ୍ଟାଳିକା ନିର୍ମାଣ କ୍ଷେତ୍ରରେ ଅନେକ କଟକଣାକୁ ହଟାଇଦେଇଛି। ଫଳରେ ରାଜ୍ୟରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ହେବ। ୨୦୨୦ ନଭେମ୍ବରରେ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ର ତୃତୀୟ ସଂସ୍କରଣ ଆୟୋଜନ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ନୂତନ ନିୟମ ପୁଞ୍ଜିନିବେଶକାରୀଙ୍କୁ ବିଶେଷ ସହାୟକ ହେବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଏହି ନୂତନ ନିୟମକୁ କ୍ରେଡାଇ ଓଡ଼ିଶାର ଅଧ୍ୟକ୍ଷ ଦେବଶଙ୍କର ତ୍ରିପାଠୀ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ନୂଆ ନିୟମରେ ଫ୍ଲୋର ଏରିଆ ରେସିଓ (ଏଫ୍ଏଆର୍) ୨ରୁ ୭କୁ ବୃଦ୍ଧି କରିବା ଦ୍ୱାରା ଡେଭେଲପରମାନଙ୍କୁ କମ୍ ଜାଗାରେ ବହୁତଳ ଅଟ୍ଟାଳିକା ନିର୍ମାଣ କରିବାରେ ସହଜ ହେବ। ଏଥିସହିତ ରାଜ୍ୟର ବଡ଼ ବଡ଼ ସହରରେ ଖାଲି ରହିଥିବା ଜାଗାଗୁଡ଼ିକର ଉପଯୋଗ କରାଯାଇପାରିବ। ସହରକୁ ଦ୍ରୁତ ସମ୍ପ୍ରସାରଣରୁ ରକ୍ଷା କରାଯାଇପାରିବ। କମ୍ ଅଞ୍ଚଳରେ ବହୁ ଲୋକ ରହିପାରିବେ। ସେମାନେ ସମସ୍ତ ପୌର ସୁବିଧା ପାଇବାକୁ ସକ୍ଷମ ହେବେ। ଆଗାମୀ ଦିନରେ ଗୃହ ନିର୍ମାଣ କ୍ଷେତ୍ରରେ ବଡ଼ ବଡ଼ ଡେଭେଲପର ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ। ହେଲେ ଏକ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି ବୋଲି ତ୍ରିପାଠୀ କହିଛନ୍ତି।

ଅଗଷ୍ଟ ୧୨ରୁ ଓରେରା ଅଧ୍ୟକ୍ଷ ଭାବେ କାର୍ଯ୍ୟରେ ଯୋଗଦେଇଥିବା ସିଦ୍ଧାନ୍ତ ଦାସ କହିଛନ୍ତି ଯେ, ପ୍ରକଳ୍ପ ଅନୁମୋଦନ କାର୍ଯ୍ୟ ଆଉ ବିଳମ୍ବ ହେବ ନାହିଁ। ଆସନ୍ତା ସପ୍ତାହକ ମଧ୍ୟରେ ସମସ୍ତ ପ୍ରକଳ୍ପ ଅନୁମୋଦନ କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା କରାଯିବ। ପ୍ରକଳ୍ପ ଅନୁମୋଦନ କରିବାରେ ଓରେରାର ଯେଉଁ ସମସ୍ୟା ରହିଛି ତାହାକୁ ଦୂର କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଯଦି ଟୁଇଟ୍‌କୁ ଭୟ,...

ବସିଛନ୍ତି! ସୁପ୍ରିମକୋର୍ଟ ଉପରୋକ୍ତ ଦୁଇଟି ଟୁଇଟ୍‌କୁ ନେଇ ଜୁଲାଇ ୨୨ରେ ନିଜଆଡୁ ମାମଲା ରୁଜୁ କରି ପ୍ରଶାନ୍ତଙ୍କୁ ନୋଟିସ କରିଥିଲେ। ଏହାସହ ଅଗଷ୍ଟ ୫ ସୁଦ୍ଧା ଜବାବ ଦାଖଲ କରିବାକୁ ପ୍ରଶାନ୍ତ ଓ ଟୁଇଟରକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାନ୍ତ ଜବାବ ଦାଖଲ କରିବା ପରେ ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଗତ ୧୪ ତାରିଖରେ ଅଦାଲତ ଅବମାନନା ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ପ୍ରଶାନ୍ତଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଦଣ୍ଡବିଧାନକୁ ୨ ଦିନ ବାକି ଥିବାବେଳେ ଦେଶର ବିଭିନ୍ନ ଭାଗରୁ ତାଙ୍କ ସପକ୍ଷରେ ବିବୃତି ଆସିବାରେ ଲାଗିଛି।

୩୦୦୦ରୁ ଊର୍ଦ୍ଧ୍ୱ ଆଇନଜ୍ଞ ସୁପ୍ରିମକୋର୍ଟଙ୍କ ଉଦ୍ଦେଶ୍ୟରେ ଏକ ପିଟିଶନରେ ସ୍ୱାକ୍ଷର କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ମାନବାଧିକାର କର୍ମୀ ପ୍ରଶାନ୍ତ ଭୂଷଣଙ୍କୁ ତାଙ୍କର ଦୁଇଟି ଟୁଇଟ୍‌କୁ ନେଇ ସୁପ୍ରିମକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି, ଯାହାକି ଅନୁପଯୁକ୍ତ ବୋଲି ଆମେ ବିଶ୍ୱାସ କରୁଛୁ। ଟୁଇଟ୍ କରି ସୁପ୍ରିମକୋର୍ଟଙ୍କ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ମତାମତ ଦେବା ଅଭିବ୍ୟକ୍ତିର ସ୍ୱାଧୀନତା। ଏହା ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ମୌଳିକ ଅଧିକାର। ପ୍ରଶାନ୍ତ ଭୂଷଣ ଟୁଇଟ୍ କରିବା ପଛରେ ତାଙ୍କର ଉଦ୍ଦେଶ୍ୟ ହେଲା ପୂର୍ବଭଳି ନିୟମିତ ଶୁଣାଣି କରିବା। ବିଶେଷକରି ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗଗୁଡ଼ିକର ନିୟମିତ ପୁନଃ ଶୁଣାଣି କରାଯାଉ। ଏହା ନ୍ୟାୟପାଳିକାର ସାମ୍ବିଧାନିକ ଦାୟିତ୍ୱ। ଏହାସହ ରାଷ୍ଟ୍ର ପ୍ରଦତ୍ତ ମୌଳିକ ଅଧିକାରରେ ସରକାରୀ ହସ୍ତକ୍ଷେପକୁ ରୋକାଯାଉ। ଏପରି ଗଠନମୂଳକ ସମାଲୋଚନାକୁ ଅଦାଲତ ଉଚିତ ଅର୍ଥରେ ନେଲେ ନ୍ୟାୟପାଳିକାର ମୂଳଦୁଆ ସୁଦୃଢ଼ ହେବ। ଯଦି ଜଣେ ବ୍ୟକ୍ତିଙ୍କ ଟୁଇଟ୍ ସାମ୍ବିଧାନିକ ସଂସ୍ଥା ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟାଇଦେଉଛି ବୋଲି ନ୍ୟାୟପାଳିକା ଧରିନିଏ, ତେବେ ବିଚାର ବ୍ୟବସ୍ଥାର ନିଜ ଉପରେ ଆସ୍ଥା ନାହିଁ ବୋଲି ବୁଝିବାକୁ ହେବ। ଗଣତନ୍ତ୍ରରେ ପ୍ରତ୍ୟେକ ସଂସ୍ଥା ଲୋକଙ୍କ ଶ୍ରଦ୍ଧା ଓ ସମ୍ମାନ ପାଇବା ଆବଶ୍ୟକ। ଏକ ସୁଦୃଢ଼ ସଂସ୍ଥାର ପରିଚୟ ହେଉଛି ଲୋକଙ୍କ ତର୍ଜମା ଓ ମନ୍ତବ୍ୟକୁ ସ୍ୱୀକାର କରିବା। ତେଣୁ ସୁପ୍ରିମକୋର୍ଟଙ୍କ ଏହି ରାୟ ନ୍ୟାୟପାଳିକାର କାର୍ଯ୍ୟପ୍ରଣାଳୀ ଉପରେ ଲୋକଙ୍କ ମତାମତକୁ ପ୍ରଭାବିତ କରିବ। ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରତି ଏହା ଏକ ବିପଦ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଉଲ୍ଲେଖ କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ରହିଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରୁମା ପାଲ, ମଦନ ବି ସୁଦର୍ଶନ ରେଡ୍ଡୀ, ଜି.ଏସ୍. ସିଘଭି, ଅବ୍‌ତାବ୍ ଆଲାମ, ମଦନ ବି. ଲୋକୁର, ଗୋପାଳ ଗୌଡ଼ା। ସେହିପରି ହାଇକୋର୍ଟର ପୂର୍ବତନ ବିଚାରପତିମାନେ ହେଲେ ଜଷ୍ଟିସ୍ ଏସ୍.ସି. କର୍ଣ୍ଣାନ, ଅଞ୍ଜନା ପ୍ରକାଶ, ଏନ୍.କେ. ସୋଧି, ଭି.ଏସ୍. ଡାଭେ ପ୍ରମୁଖ। ଏହି ଅଭିଯାନରେ ଦେଶ ବିଦେଶର ଅନେକ ଆଇନଜୀବୀ, ଅବସରପ୍ରାପ୍ତ ଅଧିକାରୀ, ଶିକ୍ଷାବିତ୍, ସେଲିବ୍ରିଟି ଓ ବାର୍ ଆସୋସିଏଶନ ସାମିଲ ହୋଇଛନ୍ତି। ଏହି ଅବସରରେ ତାଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକୁ ପ୍ରଶାନ୍ତ ଭୂଷଣ ଧନ୍ୟବାଦ ଦେଇ ଟୁଇଟ୍ କରିଛନ୍ତି।

## ଅର୍ଜୁନ ପୁରସ୍କାର...

ଅର୍ଜନ କରିଥିଲେ। ୨୦୧୪ରେ ହାଇପରଆଣ୍ଡ୍ରୋଜେନିଜମ୍ ବିବାଦରୁ ମୁକୁଳିଥିବା ଦୂତୀ ୨୦୧୯ରେ ସମଲିଙ୍ଗୀ ସମ୍ପର୍କରେ ଥିବାକଥା ପ୍ରକାଶ କରି ଚର୍ଚ୍ଚାକୁ ଆସିଥିଲେ। ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ଓଡ଼ିଶାର ୮ ଜଣ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପାଇ ସାରିଛନ୍ତି। ୧୯୮୦ରେ ସାଇକ୍ଲିଷ୍ଟ ମିନତି ମହାପାତ୍ର ପ୍ରଥମ ଓଡ଼ିଆ ଭାବେ ଏହି ସମ୍ମାନ ପାଇଥିଲେ। ପରେ ୧୯୮୨ରେ ଭାରୋତ୍ତୋଳକ ବିଜୟ କୁମାର ଶତପଥୀ, ୧୯୯୮ରେ ଆଥଲେଟ୍ ରଚିତା ମିସ୍ତ୍ରି (ପଣ୍ଡା), ୨୦୦୨ରେ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ଟିର୍କୀ, ୨୦୦୭ରେ ପୂର୍ବତନ ଭାରତୀୟ ମହିଳା ହକି ଅଧିନାୟିକା ଜ୍ୟୋତି ସୁନୀତା କୁଲୁ, ୨୦୦୯ରେ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଇଗ୍ନେଶ ଟିର୍କୀ, ୨୦୧୦ରେ ଭାରୋତ୍ତୋଳକ କେ. ରବିକୁମାର ଏବଂ ୨୦୧୯ରେ ଓଡ଼ିଶାର ପ୍ରଥମ ପାରା ଆଥଲେଟ୍‌ଭାବେ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଅର୍ଜୁନ ପୁରସ୍କାର ପାଇଥିଲେ। (ସମ୍ପ୍ରତି ଓଡ଼ିଶାରେ ରହୁଥିବା ୧୯୭୫ ହକି ବିଶ୍ୱକପ ଏବଂ ୧୯୭୨ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟୀ ଦଳର ସଦସ୍ୟ ହକି କିମ୍ବଦନ୍ତୀ ଝାଡ଼ଖଣ୍ଡର ମାଇକେଲ କିଣ୍ଡୋ(୧୯୭୨) ମଧ୍ୟ ଅର୍ଜୁନ ପୁରସ୍କାର ପାଇଥିଲେ।)

## ଜାଲରେ ପଡ଼ିଲା...

ଆଉ ମାଛ ନ ଧରି ଜାଲ ଗୋଟାଇବା ଆରମ୍ଭ କରିଥିଲେ। ଖସିପଡ଼ିଥିବା ଏୟାରକ୍ରାଫ୍ଟଟି ଜାଲରେ ଗୁଡ଼ାଇ ହୋଇଯାଇଥିଲା। ତାହାକୁ ପାଣିରୁ ଟାଣିଟାଣି ୧୫ କି.ମି ଦୂର ତାଳପଦା କୂଳକୁ ଆଣି ରାତି ୭ଟାରେ ପହଞ୍ଚି ଥିଲେ। ମତ୍ସ୍ୟଜୀବୀମାନେ ତାହାକୁ କାନ୍ଧେଇ ରଘୁନାଥଙ୍କ ଘରକୁ ଆଣିଥିଲେ। ଏସଂକ୍ରାନ୍ତରେ ସେମାନେ ଗୋପାଳପୁର ଫାଣ୍ଡି ଓ ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅଧିକାରୀଙ୍କୁ ଖବର ଦେଇଥିଲେ। ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ଓ ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ) ଏବଂ ଆଇଟିଆର (ସମନ୍ୱିତ ପରୀକ୍ଷଣ ଘାଟି)ର ଅଧିକାରୀମାନେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ରଘୁନାଥଙ୍କ ଘରେ ପହଞ୍ଚି ଉଦ୍ଧାର ଏୟାରକ୍ରାଫ୍ଟକୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିକୁ ନେଇ ଯାଇଥିଲେ। ଏନେଇ ପ୍ରତିରକ୍ଷା ଅଧିକାରୀଙ୍କ ମତାମତ ମିଳିପାରିନାହିଁ। ତେବେ ମତ୍ସ୍ୟଜୀବୀମାନଙ୍କ ଜାଲ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନେ କ୍ଷତିପୂରଣ ଦାବି କରିଛନ୍ତି।

## ଚୂଡ଼ାନ୍ତ ବର୍ଷ ପରୀକ୍ଷା...

କାରଣରୁ ପିଲାମାନେ କଲେଜକୁ ମଧ୍ୟ ଫେରିପାରୁ ନାହାନ୍ତି। ୟୁଜିସି ଦେଇଥିବା ନିର୍ଦ୍ଦେଶନାମା ସ୍ୱାଭାବିକ ସ୍ଥିତି ପାଇଁ ଠିକ୍ ଅଛି, ହେଲେ କରୋନା ଭଳି ସ୍ଥିତିରେ ପରୀକ୍ଷା କରିବା ସମ୍ଭବ ନୁହେଁ ବୋଲି ପରିଜା କହିଛନ୍ତି। ଯଦି ୟୁଜିସି ସ୍ୱଚ୍ଛତାରେ ପରୀକ୍ଷା କରିବାକୁ ଚାହୁଁଛନ୍ତି, ତେବେ ସେହି ଅନୁସାରେ ଗାଇଡ୍‌ଲାଇନ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ପରିଜା କହିଛନ୍ତି। ଅପରପକ୍ଷରେ ୟୁଜିସି ପରୀକ୍ଷା ତାରିଖକୁ ଘୁଞ୍ଚାଇ ପାରିବେ କିନ୍ତୁ ବିନା ପରୀକ୍ଷାରେ କାହାକୁ ଡିଗ୍ରୀ ସାର୍ଟିଫିକେଟ ଦେଇପାରିବେ ନାହିଁ ବୋଲି ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କହିଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ୬ରେ ୟୁଜିସି ଦେଶର ୯୦୦ ବିଶ୍ୱବିଦ୍ୟାଳୟକୁ ସେପ୍ଟେମ୍ବର ୩୦ସୁଦ୍ଧା ଚୂଡ଼ାନ୍ତ ବର୍ଷ ପରୀକ୍ଷାକୁ ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶନାମାକୁ ଓଡ଼ିଶା, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ଦିଲ୍ଲୀ ସରକାର ବିରୋଧ କରିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଡ୍ରିମ୍ ୧୧ ଆଇପିଏଲ୍...

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାର୍ଟନର ରହିଆସିଛି। ମଙ୍ଗଳବାର ବିସିସିଆଇ ଡ୍ରିମ୍ ୧୧କୁ ଏହି ଟାଇଟଲ ସ୍ପୋନ୍ସରଶିପ୍ ପ୍ରଦାନ କରିଛି। ଏହି କ୍ରମରେ ଡ୍ରିମ ୧୧ ଏହି ଦୌଡ଼ରେ ଫେଭରାଇଟ୍ ଥିବା ଟାଟା ସନ୍ସକୁ ମଧ୍ୟ ପଛରେ ପକାଇଛି। ପ୍ରାୟୋଜକ ଦୌଡ଼ରେ ଟାଟା ସନ୍ସ ସମେତ ରିଲାଏନ୍ସ ଜିଓ, ବିଓ୍ୱାଇଜେୟୁ, ଅନ୍‌ଏକାଡେମୀ ଭଳି କମ୍ପାନୀ ସାମିଲ ରହିଥିଲେ। କିନ୍ତୁ ଶେଷରେ ଡ୍ରିମ ୧୧ ସମସ୍ତଙ୍କୁ ପଛରେ ବାଜି ମାରିଛି। ବିଡ୍‌ରେ ଡ୍ରିମ୍ ଇଲେଭେନ ସବୁଠାରୁ ଆଗରେ ରହିଥିଲା ଓ ୨୫୦ କୋଟି ଟଙ୍କାର ଡାକ ଲଗାଇଥିଲା। ଟାଟା ଗ୍ରୁପ୍ ଅନ୍ତିମ ଡାକ ଲଗାଇ ନ ଥିଲା। ତେବେ ଦୁଇ ଏଜୁକେଶନ ଟେକ୍ନୋଲୋଜି କମ୍ପାନୀ ବିଓ୍ୱାଇଜେୟୁ (୨୦୧ କୋଟି) ଓ ଅନ୍‌ଏକାଡେମୀ (୧୭୦ କୋଟି) ବିଡ୍‌ରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଉଲ୍ଲେଖଥାଉ କି, ଚାଇନା ମୋବାଇଲ କମ୍ପାନୀ ଭିଭୋ ଓ ବିସିସିଆଇ ଚଳିତ ସେସନ୍‌ରେ ବର୍ଷ ପିଛା ୪୪୦ କୋଟି ଟଙ୍କାର ଚୁକ୍ତିକୁ ସହମତିରେ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତ ଓ ଚାଇନା ମଧ୍ୟରେ ଦେଖାଦେଇଥିବା ସୀମା ବିବାଦ ପାଇଁ ବିସିସିଆଇ ଓ ଭିଭୋ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ବିସିସିଆଇ ଆଇପିଏଲ୍ ପାଇଁ ନୂଆ ପ୍ରାୟୋଜକ ସନ୍ଧାନରେ ରହିଥିଲା।

## ୧୪ ପଇସା...

୮୨.୪୩ ଟଙ୍କା ଏବଂ ମୁମ୍ବାଇରେ ୧୩ ପଇସା ବୃଦ୍ଧି ପାଇ ୮୭.୫୮ ଟଙ୍କା ରହିଛି। ଏହି ସହରଗୁଡ଼ିକରେ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଏହି ମେଟ୍ରୋ ସହର ଡିଜେଲ ଦର ଯଥାକ୍ରମେ– ୭୩.୫୬ ଟଙ୍କା, ୭୮.୮୬ ଟଙ୍କା, ୭୭.୦୬ ଟଙ୍କା ଏବଂ ୮୦.୧୧ ଟଙ୍କା ରହିଛି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଭିନ୍ନ ରହୁଛି। ଅଶୋଧିତ ତେଲ ଦର ବୃଦ୍ଧି ଏବଂ ବିଦେଶୀ ବିନିମୟ ହାରକୁ ନେଇ ଦର ନିର୍ଦ୍ଧାରଣ ହେଉଥିବାରୁ ଦରରେ ଭିନ୍ନତା ପରିଲକ୍ଷିତ ହେଉଛି।

## ବିଚାରାଧୀନ କଏଦୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଚୌଦ୍ୱାର,୧୮।୮ (ଡି.ଏନ୍.ଏ.):** ଚୌଦ୍ୱାର ସର୍କଲ ଜେଲରେ ଜଣେ ବିଚାରାଧୀନ କଏଦୀଙ୍କ ଝୁଲନ୍ତା ମୃତଦେହ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ସେ ହେଲେ ବାଲେଶ୍ୱର ଜିଲା କମର୍ଦ୍ଦା ଥାନା କୁଲିହା ଗ୍ରାମର ବିଜେନ୍ଦ୍ର ଦାନ(୨୧)। ସେ ଗତ ୧୬ତାରିଖରେ ନିଶାଦ୍ରବ୍ୟ କାରବାର ମାମଲାରେ ଗିରଫ ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। କରୋନା କଟକଣା ପାଇଁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଜେଲ ପରିସରରେ ଥିବା ଚିକିତ୍ସାଳୟର ଆଇସୋଲେଶନରେ ରଖିଥିଲେ। ମଙ୍ଗଳବାର ଭୋରୁ ଜେଲ କର୍ମଚାରୀ ବୁଲୁଥିବା ସମୟରେ ବିଜେନ୍ଦ୍ର ବେକରେ ଗାମୁଛା ବାନ୍ଧି ୱାର୍ଡରେ ଲାଗିଥିବା ଫ୍ୟାନରେ ଝୁଲୁଥିବା ଦେଖି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖବରପାଇ ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ପହଞ୍ଚିଥିବାବେଳେ ତାଙ୍କ ଉପସ୍ଥିତିରେ ଜେଲର କର୍ମଚାରୀମାନେ ବିଜେନ୍ଦ୍ରକୁ ଓହ୍ଲାଇ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଚୌଦ୍ୱାର ଥାନାରେ ନଂ.୨୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଏକାଧିକ ଗ୍ରହ ସ୍ୱଗୃହୀ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। ନିଜର ଲୋକମାନଙ୍କୁ ବୃଥା ସନ୍ଦେହ କଲେ ସମାଲୋଚିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**ବୃଷ**
ଧନାଧିପ ଓ ଶନି ଷଡାଷ୍ଟକ ସ୍ଥିତି କାରଣରୁ କୌଣସି ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ମିଥୁନ**
ଶୁକ୍ର ନକ୍ଷତ୍ରସ୍ଥ ଗୁରୁଙ୍କ ଯୋଗୁ କର୍ମକ୍ଷେତ୍ରରେ ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ। ପଡୋଶୀ କିମ୍ବା ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କର୍କଟ**
ଧନଭାବସ୍ଥ ବୁଧାଦିତ୍ୟ ଯୋଗରୁ ଅର୍ଥଲାଭ ସଙ୍ଗକୁ ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣ ବଶତଃ ଓଲଟା କଥା କହି ସାମାଜିକ ସ୍ତରରେ ଅପଦସ୍ଥ ହେବେ। ସଂସାର ଯାତ୍ରା କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିବ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରି ଆତ୍ମସମୀକ୍ଷା କରିପାରନ୍ତି।

**ସିଂହ**
ସ୍ୱରାଶିସ୍ଥ ରବିଙ୍କ ଯୋଗୁ ଦୈହିକ ସୁସ୍ଥତା ସଙ୍ଗକୁ କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ପରିସ୍ଥିତିରେ ପଡି ହଠାତ୍ ବହୁତ୍ ଗୁଡିଏ ଟଙ୍କା ଖର୍ଚ୍ଚକରିବାକୁ ବାଧ ହୋଇପାରନ୍ତି। ଫଳତଃ ମାନସିକ ଅବସାଦ ଯୋଗୁ କୌଣସି କାମ ମଧ୍ୟ ଉତ୍ସାହପ୍ରଦ ହେବ ନାହିଁ। ଈର୍ଷା ପରାୟଣ ବ୍ୟକ୍ତିମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**କନ୍ୟା**
କର୍ମସ୍ଥାନରେ ରାହୁ ଓ ଶୁକ୍ରଙ୍କ ସମ୍ବନ୍ଧରୁ ଯେଉଁ କାମ ହାତକୁ ନେଇଛନ୍ତି ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ। ଅପେକ୍ଷା କରିଥିବା ଖବରଟି ବନ୍ଧୁଙ୍କ ମୁହଁରୁ ଶୁଣି ଖୁସି ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବ।

**ତୁଳା**
ଚନ୍ଦ୍ର ଓ ବୁଧ ଲାଭଭାବରେ ରହି ଅର୍ଥ ଓ ସମ୍ମାନଲାଭ ସହ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ କରିବେ। ଶୁକ୍ରଙ୍କ ପ୍ରଭାବରୁ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ପରିବହନରେ ସନ୍ତୋଷଜନକ ଫଳ ପାଇବେ ନାହିଁ। ଧର୍ମକାର୍ଯ୍ୟରେ ମନ ଦେବେ।

**ବିଛା**
ପୂର୍ବ ସମସ୍ୟା କେତେକାଂଶରେ ସୁଧୁରିଯିବାରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। କଥାବାର୍ତ୍ତା ଓ ବ୍ୟବହାରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କହିବା ଭଲ ହେବ। ବହୁ ପ୍ରତୀକ୍ଷିତ ଯାତ୍ରାରେ କାର୍ଯ୍ୟସିଦ୍ଧି ହେବ ଓ ଅଭିଳଷିତ ଜିନିଷ ପାଇବେ। ପାରିବାରିକ ଜୀବନରେ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହୋଇପାରେ।

**ଧନୁ**
ଶନିଙ୍କ ସ୍ଥିତି ପ୍ରଭାବରୁ ଆଶା ପୂରଣ ହେବାରେ ଜଣେ ବନ୍ଧଙ୍କୁ ସାହାଯ୍ୟ ମିଳିବ। ବୁଧ କର୍ମଭାବରୁ ଅଷ୍ଟମସ୍ଥ ଯୋଗୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ବିଚାର ନ କରି କାମ କଲେ ସମାଲୋଚିତ ହେବାକୁ ପଡିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**
ପରିସ୍ଥିତି କ୍ରମଶଃ ସୁଧୁରିଯିବାରୁ କାମ କରିବାର ସ୍ପୃହା ଜାଗ୍ରତ ହେବ ଓ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ପରିଶ୍ରମର ପାରିଶ୍ରମିକ ପାଇବେ, ଯାହାଦ୍ୱାରା କି ମନ ଖୁସୀ ହୋଇଯିବ। ବୁଧ ଓ ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି ଅଭାବରୁ ଅତୀତ ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କୁମ୍ଭ**
ରାହୁଯୁକ୍ତ ଶୁକ୍ର କାରଣରୁ ପରକଥାରେ ମୁଣ୍ଡପୂରାଇଲେ ମନକୁ ଭାରାକ୍ରାନ୍ତ କରିବା ବ୍ୟତୀତ କିଛି ଲାଭ ହେବନି। ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଡାକ୍ତରଙ୍କ ପରାମର୍ଶ ସକାଶେ ଦୌଡିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ସାମୟିକ ଖୁସୀ ରହିପାରନ୍ତି।

**ମୀନ**
କର୍ମସ୍ଥାନରେ ପାପଯୁକ୍ତ ବୃହସ୍ପତି ଯୋଗୁ ଯେତେ ଭଲ କାମ କରନ୍ତୁନା କାହିଁକି ପରିବାର ମଧ୍ୟରେ ସମାଲୋଚିତ ହେବେ। ବାହାରୁ ଯେତିକି ଶ୍ରଦ୍ଧ,ଆଦର ପାଇବେ ନିଜ ଘରେ କିମ୍ବା ପରିବାରରେ ସେତିକି ମିଳି ନ ପାରେ। ବ୍ୟବସାୟରେ କ୍ଷତି, ପରିବହନରେ ଅଚଳାବସ୍ଥା ଓ ଋଣ ପରିଶୋଧ ଦୁଶ୍ଚିନ୍ତାର କାରଣ ହେବ।

ଆଜି ଭାଦ୍ରବ ମାସର ଅମାବାସ୍ୟା ଯୁକ୍ତ ପ୍ରତିପଦା ବୁଧବାର, ଶ୍ରୀମନ୍ଦିରରେ ସପ୍ତପୁରୀ ଭୋଗ, ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ଲୀଳା, ଦାବାଗ୍ନି ଲୀଳା, ବୁଧିବାମନ ଓଷା ତୃତୀୟପାଳି, ଅଗଷ୍ଟ ୧୯ ତାରିଖ, ବିଶ୍ୱ ଫଟୋଗ୍ରାଫି ଦିବସ, ରାଶିନକ୍ଷତ୍ର-ମଘା/ସିଂହ, କର୍କଟ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୧ମି. ଗତେ ଘ.୦୭.୧୨ମି. ମଧ୍ୟେ, ଘ.୦୯.୪୩ ମି. ଗତେ ଘ.୧୧.୨୪ମି. ମଧ୍ୟେ, ଘ.୦୩.୩୭ମି. ଗତେ ଘ.୦୫.୧୮ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୪ମି. ଗତେ ଘ.୦୯.୧୦ମି. ମଧ୍ୟେ, ରାତ୍ରି ଘ.୦୧.୪୪ମି. ଗତେ ଘ.୦୫.୩୧ମି. ମଧ୍ୟେ ଅମୃତବେଳା। ଦିବା ଘ.୦୧.୫୬ମି. ଗତେ ଘ.୦୩.୩୭ମି. ମଧ୍ୟେ, ଘ.୦୯.୧୦ମି. ଗତେ ଘ.୧୦ .୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୫୦ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




### BRIDE WANTED

୩୩ବର୍ଷ/ ୫ଫୁଟ ୬ଇଞ୍ଚ/ M.Tech, KIITରୁ Ph.D, NIT, Patnaରୁ କରି VIT- AP ୟୁନିଭର୍ସିଟିରେ Assistant Professor Sr. Grade-1 ଭାବେ କାର୍ଯ୍ୟରତ ସୁନ୍ଦର ତେଲି ଯୁବକଙ୍କ ପାଇଁ ଗୌରବର୍ଣ୍ଣା ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। 9771857180, 9939028465. D-17932

ସବୁ ଜାତିର ଭଲଭଲ professionରେ ଥିବା ବରପାତ୍ର ପାଇଁ ସବୁ ଜାତିର suitable କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68254

### GROOM WANTED

34ବୟସ୍କା Bank ଚାକିରିଆ ଖଣ୍ଡାୟତ divorcee ଝିଅଙ୍କୁ Married, Unmarried ଘରଜ୍ୱାଇଁ ଦରକାର। 7381460017. D-67950

ବିଧବା 46ବର୍ଷର ମହିଳା/ Govt. Collegeରେ Lecturer ଅଛନ୍ତି/ ଉପଯୁକ୍ତ ବୟସର ପାରିବାରିକ କିମ୍ବା ଛୁଆପିଲା ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7377689793. D-68831

Brahmin groom wanted suitable brahmin groom of 33-34 yrs. Govt. School/ College Teacher, Engineer, Bank Officer, Govt. job-holder wanted for a brahmin M.A, B.Ed. bride of 29, fair, good looking, ht. 5ft 5 inches. Ph no: 9933601677, 8250378568. D-17981




### SALE

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି boundary plot ମିଳୁଅଛି। 8249728525, 9090142564. D-69146

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/. 9938016295. D-69145

ପୁରୀ ଶ୍ରୀମନ୍ଦିର ପାଖରୁ 3କିଲୋମିଟର ଦୂର ଚାରିନଳା ମେନ୍‌ରୋଡ୍ ପାଖରେ 3ଡିସିମିଲ ଜାଗା ଉପରେ ଦୁଇମହଲା ଘର ବିକ୍ରୟ ହେବ। ବ୍ୟାଙ୍କଲୋନ୍ ସୁବିଧା ଅଛି। ଯୋଗାଯୋଗ: 9438109040, 8144658008. D-17985

Plot sale near AIIMS Hospital, Bhubaneswar with 30' road. 9439206202. D-69143

3' boundary developed gharabari plot near Synergy College, Phulnakhara. 9937166932. D-69327

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952. D-69141

3BHK Duplex 36,00,000/- finishing Hanspal, Gharabari plot Atala, Bhingarpur- 8093465134 D-69610

Plot for immediate sale at Palasuni (200 meters) from NH), Mancheswar (IDCO plot) & Saheed Nagar (GA plot) Bhubaneswar, buyers contact- DEEPAK- 9937329999. D-69902

ପୁରୀ ହରେକୃଷ୍ଣପୁର ଛକରୁ ମଙ୍ଗଳାଘାଟ ଛକ ମଝିରେ ବାଇପାସ୍ ରୋଡ୍‌କୁ ଲାଗି ପାଚେରି ହୋଇଥିବା ବ୍ୟବସାୟ ଉପଯୋଗୀ 1.5ଏକର ପ୍ଲଟ୍ ବିକ୍ରୟ ହେବ। ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ। 9438109040, 8144658008. D-17982




500sqft. Asbestosshed with commercial 3-phase line in Prachivihar, Palasuni for godown, small industry. Phone 8374242080, 8919519067. D-38573

"Urgently required 1500-2000sqft (ground floor) on rent for Office cum godown purpose at Budheswari Colony, Bhubaneswar. Please contact: 9583009046". D-17986




Swarna SPA newly open positively health benefits with expert therapist. 7873794731. D-69721

Newly open SPA centre full body massage, Rasulgarh, Bhubaneswar. 7846814019. D-59956

Get refreshment body massage by expert therapist contact for. 9556978408. D-69718

Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

Herbal full body massage by smart / expert therapist. Contact: 8338067247. D-69719

Newly open full body massage SPA in Bhubaneswar. Contact: 7205058838. D-69720

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### LOST

It is to your kind information that My Original Qualifying Examination Certificate of Secondary School of Year 2019 and Roll No. : 6118418 issued by CBSE has been lost. Name of the Candidate: Anmol Kumar Motiwala, Address: Plot 167, Lane number 13, Bapuji Nagar, Bhubaneswar, Odisha- 751009. Contact Details: 9040686695. D-67561

### ଜନ୍ମଦିନ ଶୁଭେଚ୍ଛା




ଶ୍ରୀ ଦୁର୍ଗା ପ୍ରସନ ପରିଜା (ଲିଟୁ)
ସୂର୍ଯ୍ୟନଗର (ଭୁବନେଶ୍ୱର)
ଲିଟୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ ସମସ୍ତଙ୍କର ପ୍ରାର୍ଥନା ସେ ତୁମକୁ ଆଶୀର୍ବାଦ କରିବା ସହ ତୁମକୁ ଯଶସ୍ୱୀ କରନ୍ତୁ ଓ ତୁମ ଚଲାପଥର ପ୍ରତ୍ୟେକଟି କାର୍ଯ୍ୟରେ ତୁମକୁ ସଫଳତା ଦିଅନ୍ତୁ।
-:ଶୁଭେଚ୍ଛା ସହ:-
ତୁମର ଧର୍ମପତ୍ନୀ: ଆନି ଓ ମୋ ପରିବାରର ସମସ୍ତ ସଦସ୍ୟ ଯଥା ଭକ୍ତ, ବନଗନ୍ଧା, ଲୁଲୁ, ଜିନି, ଗୁଡୁ, ନମିତା, ଅପର୍ଣ୍ଣା, ବ୍ରଜ ଓ ମୋ ପରିବାରର ସମସ୍ତ ପିଲାମାନେ।
ଧ-୧୭୯୦

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ଘରୋଇକରଣକୁ ପ୍ରତିବାଦ

ଗୁଣପୁର, (ଡି.ଏନ୍.ଏ)-କେନ୍ଦ୍ର ସରକାରଙ୍କ ବିଭିନ୍ନ ସରକାରୀ ସଂସ୍ଥାଗୁଡ଼ିକୁ ଘରୋଇକରଣ ନିଷ୍ପତ୍ତି ବିରୋଧରେ ଏଆଇସିସିଟିୟୁ ପକ୍ଷରୁ ପ୍ରତିବାଦ କରାଯାଇଛି। ରାୟଗଡ଼ା ଜିଲାର ପଦ୍ମପୁରଠାରେ ସିପିଆଇଏମ୍ଏଲ୍‌ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଚିକା, ପାଚିକା ସହାୟିକା ଏବଂ ବିଭିନ୍ନ ବାମପନ୍ଥୀ ସଂଗଠନ ସାମିଲ ହୋଇଥିଲେ।

## ସଂକ୍ଷେପରେ

### କୋରାପୁଟ: ୯୧ ପଜିଟିଭ ଚିହ୍ନଟ

କୋରାପୁଟ,୧୮।୮(ସ୍ୱ.ପ୍ର.): କୋରାପୁଟ ଜିଲାରୁ ମଙ୍ଗଳବାର ୯୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ସହରାଞ୍ଚଳରୁ ୫୫ ଓ ଗ୍ରାମାଞ୍ଚଳରୁ ୩୬ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୯୮୫ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଚିହ୍ନଟ ୯୧ ପଜିଟିଭ ମଧ୍ୟରେ ଜୟପୁର ମ୍ୟୁନିସିପାଲିଟିରୁ ୨୫, କୋରାପୁଟ ମ୍ୟୁନିସିପାଲିଟିରୁ ୧୨, ସୁନାବେଡ଼ା ମ୍ୟୁନିସିପାଲିଟିରୁ ୧୬ ଓ କୋଟପାଡ୍ ଏନ୍ଏସିରୁ ୨ ଜଣ ରହିଛନ୍ତି। ସେହିପରି ଗ୍ରାମାଞ୍ଚଳରୁ ଚିହ୍ନଟ ୩୬ ଜଣଙ୍କ ମଧ୍ୟରେ ବନ୍ଧୁଗାଁ ବ୍ଲକରୁ ୯, ବୋରିଗୁମ୍ମାରୁ ୨, ବୈପାରିଗୁଡ଼ାରୁ ୩, ଦଶମନ୍ତପୁରରୁ ଜଣେ, କୋଟପାଡ୍‌ରୁ ୪, ଲକ୍ଷ୍ମୀପୁରରୁ ଜଣେ, ନାରାୟଣପାଟଣାରୁ ୬, ପଟ୍ଟାଙ୍ଗୀରୁ ୪, ସେମିଳିଗୁଡ଼ାରୁ ଜଣେ ଓ କୋରାପୁଟ ବ୍ଲକରୁ ୫ ଜଣ ପଜିଟିଭ ରହିଛନ୍ତି।

### ମାଲକାନଗିରି: ୫୫ ଚିହ୍ନଟ

ମାଲକାନଗିରି,୧୮।୮(ଡି.ଏନ.ଏ.): ମାଲକାନଗିରି ଜିଲାରେ ମଙ୍ଗଳବାର ୫୫ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୦୨ରେ ପହଞ୍ଚିଛି। ଚିହ୍ନଟ ୫୫ ଜଣଙ୍କ ମଧ୍ୟରୁ ମାଲକାନଗିରି ପୌର ପରିଷଦରୁ ୨୩, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୬, କୋରୁକୋଣ୍ଡା ବ୍ଲକରୁ ୩, ଖଇରପୁଟ ବ୍ଲକରୁ ୭, ମାଥିଲି ବ୍ଲକରୁ ୧୩ , ଚିତ୍ରକୋଣ୍ଡା ବ୍ଲକରୁ ୩ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ବିଚ୍ଛିନ୍ନାଞ୍ଚଳ କଲଭର୍ଟ ମରାମତି ଦାବି

ଚିତ୍ରକୋଣ୍ଡା,୧୮।୮(ଡି.ଏନ.ଏ.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳ ପଣସପୁଟ ପଞ୍ଚାୟତ ଅନ୍ତର୍ଭୁକ୍ତ ଯୋଡ଼ାମ୍ବଠାରୁ ପଣସପୁଟ ଯିବାକୁ ଥିବା ମୁଖ୍ୟ ରାସ୍ତାରେ ଥିବା ପୁରୁଣା କଲଭର୍ଟଗୁଡିକ ଭାଙ୍ଗିରୁଜି ଗଲାଣି। ଯଦି ପୁରୁଣା କଲଭର୍ଟଗୁଡିକୁ ମରାମତି କରା ନ ଯାଏ ଅବା ନୂଆ କଲଭର୍ଟ ନିର୍ମାଣ କରା ନ ଯାଏ ତେବେ ଉକ୍ତ ଅଞ୍ଚଳକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯିବ। ଜଳପଥ ବ୍ୟତୀତ ସ୍ଥଳପଥରେ ଯିବାକୁ ହେଲେ ହନ୍ତାଳଗୁଡା ଘାଟି, ଯୋଡ଼ାମ୍ବ ପଞ୍ଚାୟତର ମୁଖ୍ୟ ରାସ୍ତା ଦେଇ ଲୋକେ ପଣସପୁଟ, ଅଣ୍ଡିରାପାଲି, ଯନ୍ତ୍ରୀ ଓ ଗାଜୁଲୁମାମୁଡି ପଞ୍ଚାୟତକୁ ଯାତାୟାତ କରିଥାନ୍ତି। ତୁରନ୍ତ ଜିଲା ପ୍ରଶାସନ ଭାଙ୍ଗି ଯାଇଥିବା କଲଭର୍ଟ ସଜାଡିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

### ବିଜେଡିର ଜୋନାଲସ୍ତରୀୟ ବୈଠକ

ଜୟପୁର,୧୮।୮(ଡି.ଏନ.ଏ.): କୋରାପୁଟ ଜିଲା ଜୟପୁର ନିର୍ବାଚନମଣ୍ଡଳୀର ଜୋନାଲ ବୈଠକ ସ୍ଥାନୀୟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଡାକବଙ୍ଗଳାଠାରେ ମଙ୍ଗଳବାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପର୍ଯ୍ୟବେକ୍ଷକ ବିଧାୟକ ଚନ୍ଦ୍ର ସାରଥି ବେହେରା ଯୋଗଦେଇଥିଲେ। ପଞ୍ଚାୟତ, ବୁଥ୍ ଏବଂ ଅନ୍ୟାନ୍ୟ ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ଇନ୍ଦିରା ନନ୍ଦ, ହରପ୍ରସାଦ ମିଶ୍ର, ରମାକାନ୍ତ ରାଉଳ, ବିନୋଦ ପାତ୍ର, ବାଲା ରାୟ, ଅନୁପ ପାତ୍ର, ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ଣରେ ବୋରିଗୁମ୍ମା ବ୍ଲକ ସଦର ମହକୁମାରେ ମଧ ଏକ ବୈଠକ ହୋଇଥିଲା।

### ଗୋଟିଏ ଦିନରେ ୨ ବିଦ୍ୟାଳୟରୁ ଚୋରି

ଜୟପୁର, ୧୮।୮ (ନି.ପ୍ର.): ଜୟପୁର ସହରରେ ଗୋଟିଏ ଦିନରେ ୨ଟି ସ୍କୁଲରୁ ଚୋରି ହୋଇଛି। ସରକାରୀ ବାଳିକା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗୌଡସାହି ବିଦ୍ୟାଳୟରୁ ଦୁର୍ବୃତ୍ତମାନେ ତାଲାଭାଙ୍ଗି ଚୋରି କରିଛନ୍ତି। ବାଳିକା ବିଦ୍ୟାଳୟରୁ ୩ଟି ଆଲମିରା ଭାଙ୍ଗି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରିବା ସହ ସାଉଣ୍ଡ ବକ୍ସ, ୨ଟି ମାଇକ ସେଟ, ୫ଟି ଦରି ନେଇଯାଇଛନ୍ତି। ମଙ୍ଗଳବାର ଶିକ୍ଷୟତ୍ରୀମାନେ ଅଫିସ କାର୍ଯ୍ୟ ନେଇ ବିଦ୍ୟାଳୟକୁ ଆସି ଚୋରି ହୋଇଥିବା ଜାଣିଥିଲେ। ଏନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ କରିଛି।

# ସମ୍ପୂର୍ଣ୍ଣ ରିପୋର୍ଟ ପରେ ସହାୟତା

**ରାଜସ୍ୱମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ବନ୍ୟାଞ୍ଚଳ ପରିଦର୍ଶନ**

- ଜିଲାରେ ୩୩୩ ଗ୍ରାମ ପ୍ରଭାବିତ ହୋଇଛି
- ୧୯୭୧ ହେକ୍ଟର ଚାଷଜମି ନଷ୍ଟ
- ୩୨୧ ଘର କ୍ଷତିଗ୍ରସ୍ତ

ମାଲକାନଗିରି,୧୮।୮ (ଡି.ଏନ୍.ଏ.)


ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ମାଲକାନଗିରି ଜିଲାରେ ଏକ ସପ୍ତାହ ଧରି ଲଘୁଚାପ ଯୋଗୁ ଲଗାଣ ବର୍ଷା ଲାଗିରହିଛି। ଫଳରେ ଜିଲାର ଅନେକ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି। ଘରଦ୍ୱାର ଏବଂ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଏହାର ଅନୁଧ୍ୟାନ ଲାଗି ମଙ୍ଗଳବାର ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ଅତିରିକ୍ତ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ମାଲକାନଗିରି ଗସ୍ତକରି ସମୀକ୍ଷା କରିଛନ୍ତି। ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ବନ୍ୟା ପ୍ରଭାବିତ ଅଞ୍ଚଳ ମୋଟୁ, କାଲିମେଳା, ପଡ଼ିଆ, ପୋଟେରୁ, ମାଥିଲି, ଖଇରପୁଟ ଅଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରିଥିଲେ। ପରେ ମାଲକାନଗିରି ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ କ୍ଷୟକ୍ଷତି,ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାରେ ୩୩୩ ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୩୨୧ଟି ଘର ନଷ୍ଟ ହୋଇଛି। ୧୯୭୧ ହେକ୍ଟର ଚାଷଜମିରେ ଧାନ ଫସଲ ନଷ୍ଟ ହୋଇଛି। ବିଭିନ୍ନ ଅଞ୍ଚଳରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ କ୍ଷୟକ୍ଷତିର ଆକଳନ ଜାରି ରଖିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏକ ସପ୍ତାହ ମଧ୍ୟରେ ସମସ୍ତ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ କ୍ଷୟକ୍ଷତିର ବିବରଣୀ ମିଳିବା ପରେ ୪ଦିନ ମଧ୍ୟରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳିବ ବୋଲି କମିଶନର ଜେନା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ରମେଶ ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଏସ୍‌ପି ହ୍ରିଷିକେଶ ଡି. ଖିଲାରିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ୧୫ରେ ନେଗେଟିଭ୍ ୧୮ରେ ପଜିଟିଭ

- ଆଣ୍ଟିଜେନ କିଟ୍ ପରୀକ୍ଷା
- ରିପୋର୍ଟକୁ ନେଇ ଉତ୍ତେଜନା

ଜୟପୁର,୧୮।୮(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ସାମନ୍ତରାସାହି ଏବଂ ପାୱାରହାଉସ ଅଞ୍ଚଳର ୫ଜଣଙ୍କ ଗତ ୧୨ରେ କରୋନା ଆଣ୍ଟିଜେନ କିଟ୍ ପରୀକ୍ଷା କରାଯାଇଥିଲା। ଏହାର ରିପୋର୍ଟ ନେଗେଟିଭ ଥିବା ଗତ ୧୫ରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ମୋବାଇଲକୁ ମ୍ୟାସେଜ ଦେଇ ଅବଗତ କରାଯାଇଥିଲା। ମାତ୍ର ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଫୋନ ମାଧ୍ୟମରେ ସମସ୍ତ ୫ଜଣଙ୍କ ରିପୋର୍ଟ ପଜେଟିଭ ଥିବା ସୂଚନା ଦେଇଥିଲେ। ଏହି ଖବର ସହରରେ ପ୍ରଚାର ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଏବଂ ବନ୍ଧୁବର୍ଗ କୋଭିଡ ଚିକିତ୍ସାଳୟରେ ପହଞ୍ଚି ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ଏନେଇ ସେମାନେ ଟାଉନ ଥାନାରେ ଏବଂ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଚାରିବାରୁ ଏପରି ରିପୋର୍ଟ ରାଜ୍ୟସ୍ତରରୁ ଆସିଥିବା ପ୍ରକାଶ କରି ନିଜ ଅସହାୟତା ପ୍ରକାଶ କରିଥିଲେ।

# ରାୟଗଡ଼ା ଜିଲାରୁ ଆଉ ୧୨୦ ସଂକ୍ରମିତ ଚିହ୍ନଟ

ରାୟଗଡ଼ା ଅଫିସ/ଗୁଣପୁର, ୧୮।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲାରୁ ପୁଣି ୧୨୦ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଲଗାତାର ତୃତୀୟ ଦିନରେ ଜିଲାରୁ ଶହେରୁ ଉର୍ଦ୍ଧ୍ୱ ପଜିଟିଭ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କ ମଧ୍ୟରେ ରାୟଗଡ଼ା ସହରାଞ୍ଚଳରୁ ୨୩ ଜଣ, ରାୟଗଡ଼ା ଗ୍ରାମାଞ୍ଚଳରୁ ୨୧, ବିଷମକଟକରୁ ୨୧, ମୁନିଗୁଡ଼ାରୁ ୨୨, ପଦ୍ମପୁରରୁ ୨୬, ଗୁଣପୁର ପୌରାଞ୍ଚଳରୁ ୨, ଗୁଣପୁର ଗ୍ରାମାଞ୍ଚଳରୁ ୧, କାଶୀପୁରରୁ ୨, ଚନ୍ଦ୍ରପୁରରୁ ୧ ଏବଂ କଲ୍ୟାଣସିଂହପୁରରୁ ଜଣେ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୬ କରୋନା ଯୋଦ୍ଧା ରହିଛନ୍ତି। ଏ ନେଇ ସିଡିଏମ୍ଓ ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି। ଏଥିରେ ପୌରାଞ୍ଚଳରୁ ୨ ଏବଂ ଗ୍ରାମାଞ୍ଚଳରୁ ଜଣେ ରହିଛନ୍ତି।

# ନାରାୟଣପାଟଣାରେ ଟ୍ରାକ୍ଟର ଓଲଟି ୨୭ ଆହତ

ଜୟପୁର,୧୮।୮(ଡି.ଏନ.ଏ./ନି.ପ୍ର. )

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୃଷି ଭିତ୍ତିଭୂମି ପାଣ୍ଠି ବ୍ୟବସ୍ଥା ଦ୍ୱାରା ଜିଲାର ଚାଷୀ ଉପକୃତ ହେବେ ବୋଲି ଏକ ଖବରଦାତା ସମ୍ମିଳନୀରେ ଜିଲା ଭାଜପା ପକ୍ଷରୁ କୁହାଯାଇଛି । ପ୍ରଧାନମନ୍ତ୍ରୀଙ୍କ ନୂତନ କେନ୍ଦ୍ରୀୟ ଯୋଜନାରେ କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ଦେଶର ଚାଷୀଙ୍କ ନିମନ୍ତେ ୧ ଲକ୍ଷ କୋଟି ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି । ଏହାଦ୍ୱାରା ଦେଶ, ରାଜ୍ୟ ଏବଂ କୋରାପୁଟ ଜିଲାର ଚାଷୀମାନେ ଉପକୃତ ହୋଇପାରିବେ। ଚାଷୀ, ପ୍ୟାକ୍ସ, ଏଫ୍‌ପିଓ, କୃଷି ଉଦ୍ୟୋଗୀ ମଧ ଉପକୃତ ହେବେ ବୋଲି ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି କହିଛନ୍ତି । କେନ୍ଦ୍ର ସରକାରଙ୍କ ଯୋଜନା ଶିଳ୍ପ ବିଭାଗ ଏବଂ ନାବାର୍ଡ ଦ୍ୱାରା ରାଜ୍ୟରେ କାର୍ଯ୍ୟକାରୀ ହେବ। ରାଜ୍ୟ ସରକାର ଚାଷୀଙ୍କ ଉନ୍ନତି ପାଇଁ ତୁରନ୍ତ ଏହି ଯୋଜନାର ସଫଳ ରୂପାୟନ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଉପସ୍ଥିତ ଗୌତମ ସାମନ୍ତରାୟ ଜିଲାରେ କୋଭିଡ୍ ପରିଚାଳନା ନାମରେ ବ୍ୟାପକ ଦୁର୍ନୀତି ଚାଲିଥିବା ଅଭିଯୋଗ କରିଥିଲେ। କୋଭିଡ୍ ଚିକିତ୍ସାଳୟ ଏବଂ କ୍ୱାରାଣ୍ଟାଇନ ସେଣ୍ଟରରେ ମଧ ଚିକିତ୍ସା ନାମରେ ଦୁର୍ନୀତି ଚାଲିଛି। ଏହାକୁ ନେଇ ଖୁବ୍‌ଶୀଘ୍ର ଭାଜପା ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସାମନ୍ତରାୟ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସୁମନ୍ତ ପ୍ରଧାନ ଏବଂ ଜୟରାମ ଗରଡ଼ା ଉପସ୍ଥିତ ଥିଲେ। ପରେ ଭାଜପା କାର୍ଯ୍ୟାଳୟଠାରେ ଜିଲା ସାଙ୍ଗଠନିକ ବୈଠକ ହୋଇଥିଲା। ବରିଷ୍ଠ ସଦସ୍ୟ ବୈଦ୍ୟନାଥ ମିଶ୍ର, ସାଧୁଚରଣ ଦାଶ ଚୌଧୁରୀ, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଭାଲୁ ଆକ୍ରମଣରେ ଜଣେ ମୃତ

ନବରଙ୍ଗପୁର,୧୮।୮(ବି.ପ୍ର.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଙ୍ଗରା ଜାନିଗୁଡ଼ା ଗ୍ରାମର ଜଙ୍ଗଲରେ ଭାଲୁ ଆକ୍ରମଣରେ ଡମୁ ଭତ୍ରା ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଡମୁ ସୋମବାର ଶୌଚ ପାଇଁ ଜଙ୍ଗଲକୁ ଯାଇଥିଲେ, କିନ୍ତୁ ସେଠାରୁ ଆଉ ଫେରି ନ ଥିଲେ। ରାତିରେ ପରିବାର ଲୋକେ ଡମୁଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ମଙ୍ଗଳବାର ସକାଳେ ଡମୁଙ୍କୁ ଜଙ୍ଗଲରେ କ୍ଷତାକ୍ତ ଦେଖି ପରିବାର ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ତେନ୍ତୁଳିଖୁଣ୍ଟି ପୋଲିସ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି। ଡମୁଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

# କରୋନା କଟକଣାରେ ଗଣେଶପୂଜା

ଜୟପୁର,୧୮।୮ (ନି.ପ୍ର.)


ଜଣେ ମୂର୍ତ୍ତି କାରିଗର ତିଆରି କରିଥିବା ଗଣେଶମୂର୍ତ୍ତି।

ଆଉ ମାତ୍ର ଦିନ କେଇଟା ପରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା। ପ୍ରତିବର୍ଷ ଜୟପୁରରେ ଗଣେଶପୂଜା ଆଡ଼ମ୍ବର ସହକାରେ ହୋଇଥାଏ। ମାତ୍ର ଚଳିତ ବର୍ଷ କରୋନା କଟକଣା ଏହି ପୂଜାକୁ ମଧ ଫିକା କରିଦେବା ନେଇ ଆଶଙ୍କା ପ୍ରକାଶ ପାଇଛି। ନିରାଡ଼ମ୍ବରରେ ବିଧି ରକ୍ଷା ଲାଗି ପୂଜା କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ କଟକଣା ମୂର୍ତ୍ତି କାରିଗରଙ୍କ ଜୀବନଜୀବିକା ଉପରେ ପ୍ରଭାବ ପକାଇଛି। ମୂର୍ତ୍ତି ନିର୍ମାଣ ଲାଗି କାରିଗରମାନେ ପୂଜା କରୁଥିବା ସଂସ୍ଥା କର୍ମକର୍ତ୍ତାଙ୍କ ଅପେକ୍ଷାରେ ରହିଛନ୍ତି। ଏପର୍ଯ୍ୟନ୍ତ ଗୋଟିଏ ମଧ ବଡ଼ ଗଣେଶମୂର୍ତ୍ତି ନିର୍ମାଣ କରିବାକୁ କୌଣସି ପୂଜା ମଣ୍ଡପ ପକ୍ଷରୁ ବରାଦ ଆସିନାହିଁ। ଜୟପୁର ସହରର ବିଭିନ୍ନ ସ୍ଥାନରେ ଏବର୍ଷ ମୂର୍ତ୍ତି ନିର୍ମାଣ ଦେଖିବାକୁ ମିଳୁନାହିଁ। ଯେଉଁ କେତେଜଣ ମୂର୍ତ୍ତି କାରିଗର ପ୍ରଶାସନ ନିୟମ ମାନି ମୂର୍ତ୍ତି ତିଆରି କରିଛନ୍ତି ସେମାନେ ବଡ଼ ମୂର୍ତ୍ତି ତିଆରି ନ କରି ଛୋଟ ଛୋଟ ମୂର୍ତ୍ତି ତିଆରି କରିଛନ୍ତି। ତେବେ ଏ ପର୍ଯ୍ୟନ୍ତ ମୂର୍ତ୍ତି ବିକ୍ରି ହୋଇ ନ ଥିବାରୁ ସେମାନେ ଚିନ୍ତାରେ ଅଛନ୍ତି। କୋରାପୁଟ ଜିଲାର ଆଖପାଖ ଅଞ୍ଚଳରୁ ଲୋକମାନେ ଜୟପୁରକୁ ମୂର୍ତ୍ତି କିଣିବାକୁ ଆସିଥାନ୍ତି। ଜୟପୁରର ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ମଧ ମୂର୍ତ୍ତି ତିଆରି ପାଇଁ ବରାଦ ଆସିଥାଏ। ଅଥଚ କରୋନା କଟକଣା ସବୁ ଫିକା କରିଦେଇଛି। କାରିଗରଙ୍କ ପରିବାରକୁ ସଙ୍କଟରେ ପକାଇ ଦେଇଛି।

**ଏ ବର୍ଷ ଦେଖିବାକୁ ମିଳିବନି ବଡ଼ ମୂର୍ତ୍ତି**

# ନିରାଡମ୍ବରରେ ପାଳନ ହେବ ଶହୀଦ ଦିବସ


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର/ପାପଡ଼ାହାଣ୍ଡି, ୧୮।୮(ବି.ପ୍ର./ଡି.ଏନ୍.ଏ.)

ବହୁ ଚର୍ଚ୍ଚିତ ୧୯୪୨ ଅଗଷ୍ଟ ୨୪ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇ ତୁରି ନଦୀ କୂଳରେ ଶହୀଦ ହୋଇଥିବା ୧୯ଜଣ ଶହୀଦଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ୨୦ଜଣ କର୍ମକର୍ତ୍ତା ଓ ୧୦ଜଣ ଲୋକ ପ୍ରତିନିଧି ଯୋଗ ଦେବେ। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ସଭା ସମିତି କିମ୍ବା ଖାଇବା ପିଇବା କାର୍ଯ୍ୟକ୍ରମ ହେବନାହିଁ। ୩୩ ବର୍ଷ ଧରି ମାଲକାନଗିରିରୁ ଆସୁଥିବା ମଶାଲକୁ ରାଷ୍ଟ୍ରୀୟ ସମ୍ମାନ ଦିଆଯିବ। ଏଥିସହ ଶହୀଦ ମିନାରକୁ ଗାର୍ଡ ଅଫ ଅନର ଦିଆଯିବ ବୋଲି ପାପଡାହାଣ୍ଡି ସଭାଗୃହରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଡ. ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। ବୈଠକରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ଶହୀଦ ସ୍ମୃତି କମିଟି ସଭାପତି ମୁନା ତ୍ରିପାଠୀ, ପାପଡାହାଣ୍ଡି ରକ୍ତ ତୀର୍ଥ ଶହୀଦ ପୀଠ ସମିତି ଅଧ୍ୟକ୍ଷ ସୋମନାଥ ବିଷୋୟୀ, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ , ଉପଜିଲାପାଳ ଭାସ୍କର ରଇତ, ଅତିରିକ୍ତ ଏସ୍‌ପି ସି.ଏଚ୍. ହୃଦୟାନନ୍ଦ, ପାପଡାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର, ପାପଡାହାଣ୍ଡି ବିଡିଓ ରଞ୍ଜିତା ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ନବରଙ୍ଗପୁରରୁ ୧୪ ପଜିଟିଭ

ନବରଙ୍ଗପୁର,୧୮।୮(ବି.ପ୍ର.)

ନବରଙ୍ଗପୁର ଜିଲାରୁ ମଙ୍ଗଳବାର ୧୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାର ମୋଟ ୫୭୨ ଆକ୍ରାନ୍ତଙ୍କ ମଧ୍ୟରୁ ୪୦୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୬୧ଜଣ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଉଛନ୍ତି। ୪୨ ଜଣ ଘରେ ରହି ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହେଉଥିବା ଜିଲାପାଳ ଡଃ. ଅଜିତ କୁମାର ମିଶ୍ର କହିଛନ୍ତି। ମଙ୍ଗଳବାର ଚିହ୍ନଟଙ୍କ ମଧ୍ୟରୁ ତେନ୍ତୁଳିଖୁଣ୍ଟିରୁ ୭, ଉମରକୋଟ ପୌରାଞ୍ଚଳରୁ ୧, ନବରଙ୍ଗପୁର ପୌରାଞ୍ଚଳରୁ ୨, ଝରିଗାଁ ବ୍ଲକରୁ ୩ ଜଣ ରହିଥିବ ସୂଚନା ମିଳିଛି। ଆକ୍ରାନ୍ତଙ୍କ ମଧ୍ୟରୁ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କରଯାଇଛି । ସୋମବାର ୨୨୮୨ ଜଣଙ୍କ ସ୍ୱାବ ପରୀକ୍ଷା ହୋଇଥିଲା।

# ଜିଲାର ଚାଷୀଙ୍କୁ ସୁଫଳ ଦେବ ପ୍ରଧାନମନ୍ତ୍ରୀଙ୍କ କୃଷିଭିତ୍ତିକ ପାଣ୍ଠି

ଜୟପୁର,୧୮।୮(ଡି.ଏନ.ଏ./ନି.ପ୍ର. )

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୃଷି ଭିତ୍ତିଭୂମି ପାଣ୍ଠି ବ୍ୟବସ୍ଥା ଦ୍ୱାରା ଜିଲାର ଚାଷୀ ଉପକୃତ ହେବେ ବୋଲି ଏକ ଖବରଦାତା ସମ୍ମିଳନୀରେ ଜିଲା ଭାଜପା ପକ୍ଷରୁ କୁହାଯାଇଛି । ପ୍ରଧାନମନ୍ତ୍ରୀଙ୍କ ନୂତନ କେନ୍ଦ୍ରୀୟ ଯୋଜନାରେ କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ଦେଶର ଚାଷୀଙ୍କ ନିମନ୍ତେ ୧ ଲକ୍ଷ କୋଟି ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି । ଏହାଦ୍ୱାରା ଦେଶ, ରାଜ୍ୟ ଏବଂ କୋରାପୁଟ ଜିଲାର ଚାଷୀମାନେ ଉପକୃତ ହୋଇପାରିବେ। ଚାଷୀ, ପ୍ୟାକ୍ସ, ଏଫ୍‌ପିଓ, କୃଷି ଉଦ୍ୟୋଗୀ ମଧ ଉପକୃତ ହେବେ ବୋଲି ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି କହିଛନ୍ତି । କେନ୍ଦ୍ର ସରକାରଙ୍କ ଯୋଜନା ଶିଳ୍ପ ବିଭାଗ ଏବଂ ନାବାର୍ଡ ଦ୍ୱାରା ରାଜ୍ୟରେ କାର୍ଯ୍ୟକାରୀ ହେବ। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଉପସ୍ଥିତ ଗୌତମ ସାମନ୍ତରାୟ ଜିଲାରେ କୋଭିଡ୍ ପରିଚାଳନା ନାମରେ ବ୍ୟାପକ ଦୁର୍ନୀତି ଚାଲିଥିବା ଅଭିଯୋଗ କରିଥିଲେ। କୋଭିଡ୍ ଚିକିତ୍ସାଳୟ ଏବଂ କ୍ୱାରାଣ୍ଟାଇନ ସେଣ୍ଟରରେ ମଧ ଦୁର୍ନୀତି ଚାଲିଛି। ଏହାକୁ ନେଇ ଦଳ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ ବୋଲି ସାମନ୍ତରାୟ ଚେତାବନୀ ଦେଇଛନ୍ତି । ଜିଲା ସଭାପତି ସୁମନ୍ତ ପ୍ରଧାନ ଏବଂ ଜୟରାମ ଗରଡ଼ା ଉପସ୍ଥିତ ଥିଲେ। ପରେ ଭାଜପା କାର୍ଯ୍ୟାଳୟଠାରେ ଜିଲା ସାଙ୍ଗଠନିକ ବୈଠକ ହୋଇଥିଲା। ବରିଷ୍ଠ ସଦସ୍ୟ ବୈଦ୍ୟନାଥ ମିଶ୍ର, ସାଧୁଚରଣ ଦାଶ ଚୌଧୁରୀ, ସଞ୍ଜୟ ବେହେରା ଉପସ୍ଥିତ ଥିଲେ ।

# ସାଉଥ୍‌କୋ କର୍ମଚାରୀ, ଅଫିସର ଏକତା ମଞ୍ଚର ବିକ୍ଷୋଭ

ଜୟପୁର, ୧୮।୮ ( ନି.ପ୍ର.)



ଏକତା ମଞ୍ଚ ପକ୍ଷରୁ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବିଦ୍ୟୁତ କ୍ଷେତ୍ରକୁ ଘରୋଇକରଣ ଏବଂ ବିଦ୍ୟୁତ ଆଇନ-୨୦୨୦କୁ ବାତିଲ କରିବା ଦାବିରେ ସାଉଥକୋ କର୍ମଚାରୀ ଓ ଅଫିସର ଏକତା ମଞ୍ଚ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜୟପୁରସ୍ଥିତ ସାଉଥକୋ ଇୟୁଟିଲିଟି ଅଧୀକ୍ଷଣ ଯନ୍ତ୍ରୀଙ୍କ କାଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ପ୍ରତିବାଦ ସଭା କରିବା ସହ କଳାବ୍ୟାଜ ପରିଧାନ କରିଥିଲେ। ବିଦ୍ୟୁତ୍ କ୍ଷେତ୍ରକୁ ଆଧୁନିକୀକରଣ କରିବା ଆଳରେ ରାଜ୍ୟ ସରକାର ଘରୋଇ ସଂସ୍ଥା ହାତକୁ ଟେକି ଦେଉଛନ୍ତି। ଫଳରେ ଉନ୍ନତି ବଦଳରେ ଅବନତି ହୋଇଚାଲିଛି। କର୍ମଚାରୀଙ୍କୁ ଠିକ ସମୟରେ ଦରମା ମିଳୁନି। ପେନସନଭୋଗୀଙ୍କୁ ସେମାନଙ୍କ ପ୍ରାପ୍ୟ ଦେବାରେ ବିଳମ୍ବ କରାଯାଉଛି। ଦୀର୍ଘଦିନ ହେଲା କର୍ମଚାରୀ ନିଯୁକ୍ତି ବନ୍ଦ କରି ଅସ୍ଥାୟୀ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଚଳାଇବାକୁ ବାଧ କରାଯାଉଛି ବୋଲି ମଞ୍ଚ ଅଭିଯୋଗ କରିଛି। ଆଗାମୀ ଦିନରେ ସରକାର ଯଦି ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ନ କରନ୍ତି ତେବେ ଆନ୍ଦୋଳନ ତୀବ୍ର ହେବ ବୋଲି ମଞ୍ଚର କର୍ମକର୍ତ୍ତା ଦିବାକର ସାହୁ, ସୁଶିଲ କୁମାର ନାୟକ, ମନ୍ମଥ ମିଶ୍ର, ଆର.ପି.ସାହୁ, ନାଗେଶ୍ୱର ରାଓ, ରଣଜିତ ତାରିଣି ପ୍ରମୁଖ ଚେତାବନୀ ଦେଇଛନ୍ତି।

**EMPLOYMENT NOTICE**

**ECHS POLYCLINIC BRAHMAPUR, BHAWANIPATNA AND KORAPUT (ODISHA)**

**1.** Application invited for forthcoming vacancy for contractual employment in **ECHS Polyclinic Brahmapur & Bhawanipatna and Koraput.**

| Ser No | Post Name | No. of Vacancy | Vacancy for Polyclinic |
|---|---|---|---|
| (a) | Officer-In-Charge | 01 | Koraput |
| (b) | Medical Specialist | 01 | Brahmapur |
| (c) | Medical Officer | 01 | Bhawanipatna |
| (d) | Nursing Assistant | 01 | Brahmapur |
| (e) | Laboratory Technician | 01 | Koraput |
| (f) | Chowkidar | 01 | Koraput |

**2.** For Application form, Terms and Conditions, Eligibility Criteria, etc visit **www.echs.gov.in.** **3.** Last Date for Submission of Application by post: **18 Sep 2020.** **4.** Date and Time of interview will be intimated telephonically/ e-mail/SMS. **5.** Interview at Station Headquarters Gopalpur. **6.** For guidance contact **ECHS Cell, Stn HQ Gopalpur, PO:Golabandha, Distt-Ganjam (ODISHA),PIN:761052. Any queries, contact: (Tele:0680-2343301) & (Mob No: 08249635871), Also send scanned copy of application in PDF format via this office Mail Id: gopalpurechsstnhq@gmail.com**

# ମର୍ଯ୍ୟାଦା ଜଗିବ କିଏ

ପ୍ରେଷ୍ଟିଜ୍ ବା ମର୍ଯ୍ୟାଦା। ଏହା ଏକ ଶବ୍ଦ ବା ଅନୁଭବ ହୋଇପାରେ। କିନ୍ତୁ ଅନେକେ ଏହାକୁ ସାମଗ୍ରୀ ଭାବେ ଦେଖିଥାଆନ୍ତି। କଥା କଥାରେ ଲୋକେ କହିଥାଆନ୍ତି 'ମୋର କ'ଣ ପ୍ରେଷ୍ଟିଜ୍ ନାହିଁ'। ଆଉ ଥୋକେ କହିବସନ୍ତି-ମୋ ପ୍ରେଷ୍ଟିଜ୍ ପଳାଇଲା। ବାସ୍ତବରେ ଏହାକୁ ନିଜ ହୃଦୟ ଭିତରେ ରଖାଯାଇଥାଏ, ପଦାରେ ପକାଯାଏ ନାହିଁ। ଏଇଥିରୁ ଖିଅ ଟାଣି ସୁପ୍ରିମକୋର୍ଟ ବିଷୟରେ ଆଲୋଚନା କରାଗଲେ, ଏହି ନ୍ୟାୟିକ ଅନୁଷ୍ଠାନ ଏବେ ମାର୍ଯ୍ୟାଦା ସଙ୍କଟରେ ପଡ଼ିଯାଇଛି। ଅଚାନକ ବାତ୍ୟା ଆସିଗଲେ ସାମଗ୍ରୀକୁ ଘର ଭିତରେ ରଖାଗଲେ ସୁରକ୍ଷିତ ହୋଇଥାଏ। ହେଲେ ଆଜିର ସାମାଜିକ ବାତ୍ୟା ବହୁଥିବା ବେଳେ ସୁପ୍ରିମକୋର୍ଟ ମର୍ଯ୍ୟାଦାକୁ ଗମ୍ବୁଜ ଉପରେ ଥୋଇଦେଇଛନ୍ତି। ଏଭଳିସ୍ଥଳେ କେହି ସମାଲୋଚନା କଲେ ଭୀଷଣ ଉତ୍କ୍ଷିପ୍ତ ହୋଇ ଦଣ୍ଡ ଦେବାକୁ ଆଗେଇ ଆସୁଛନ୍ତି। ଅନ୍ୟପକ୍ଷରେ ଦେଶର ସର୍ବୋଚ୍ଚ ଅଦାଲତର ପ୍ରତ୍ୟେକଟି କାର୍ଯ୍ୟ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ବା ଇଙ୍ଗିତରେ ହେଲା ଭଳି ପରିଲକ୍ଷିତ ହେଉଛି। ସଦ୍ୟ ଦୃଷ୍ଟାନ୍ତ ଭାବେ ଉଭା ହୋଇଛି ପିଏମ୍ କେୟାର୍ସ ଫଣ୍ଡ ବା ପ୍ରାଇମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚୁଏଶନ୍ସ ଫଣ୍ଡ। ପିଏମ୍ କେୟାର୍ସ ଫଣ୍ଡକୁ ନ୍ୟାଶନାଲ ଡିଜାଷ୍ଟର ରେସପନ୍ସ ଫଣ୍ଡ ବା ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନ୍‌ଡିଆର୍‌ଏଫ୍)କୁ ହସ୍ତାନ୍ତର କରାଯାଇପାରିବ ନାହିଁ ବୋଲି ୧୮ ଅଗଷ୍ଟରେ ଆଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ପୀଠ ରାୟ ଶୁଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ସେଣ୍ଟର ଫର୍ ପବ୍ଲିକ୍ ଇଣ୍ଟରେଷ୍ଟ ଲିଟିଗେଶନ ନାମକ ଏକ ଏନ୍‌ଜିଓ ସୁପ୍ରିମକୋର୍ଟଙ୍କୁ ଆବେଦନ କରିଥିଲା ଯେ ପିଏମ୍ କେୟାର୍ସ ଫଣ୍ଡକୁ ମିଳୁଥିବା ଅର୍ଥ ଏନ୍‌ଡିଆର୍‌ଏଫ୍‌କୁ ହସ୍ତାନ୍ତର କରିବା ଲାଗି ନିର୍ଦ୍ଦେଶ ଦିଆଯାଉ। ହେଲେ ପୀଠ ଯୁକ୍ତି ଦର୍ଶାଇଛନ୍ତି ଯେ, ପିଏମ୍ କେୟାର୍ସ ଦ୍ୱାରା ହାସଲ କରାଯାଇଥିବା ଅର୍ଥ ସମ୍ପୂର୍ଣ୍ଣ ଭାବେ ଦାତବ୍ୟ ଟ୍ରଷ୍ଟ ଭାବେ ଅଭିହିତ କରାଯାଉଥିବାରୁ ତାହା ଏକ ଭିନ୍ନ ପାଣ୍ଠି। ଯଦି ସରକାର ଅନୁଭବ କରିବେ ଯେ ସେହି ପାଣ୍ଠି ଏନ୍‌ଡିଆର୍‌ଏଫ୍‌କୁ ଦିଆଯିବା ଦରକାର, ତାହା ହେଲେ ନିଷ୍ପତ୍ତି ନେଇପାରିବେ। ଏଥିରୁ ସିଧାସଳଖ ପ୍ରମାଣ ମିଳୁଛି ଯେ ଶୀର୍ଷ ଅଦାଲତ ଜନମଙ୍ଗଳ ପାଇଁ ଯେତିକି ଦରଦ ଦେଖାଉ ନାହାନ୍ତି, ସରକାରରେ ଥିବା ବ୍ୟକ୍ତିବିଶେଷଙ୍କ ଲକ୍ଷ୍ୟସାଧନ ପାଇଁ ଅଧିକ ତତ୍ପର। ଏହା ବ୍ୟତୀତ ସୁପ୍ରିମକୋର୍ଟଙ୍କ ଅନେକ ରାୟ ବଡ଼ କମ୍ପାନୀ ସପକ୍ଷରେ ଯାଇ ଦେଶର କ୍ଷତି ଘଟାଇଛି। ସେଭଳି ବିଷୟ ସମ୍ପର୍କରେ ଯଦି କିଏ ପ୍ରଶ୍ନ ଉଠାଉଛି, ତେବେ ଦମନଲୀଳା ଆରମ୍ଭ ହୋଇଯାଉଛି।

ଭାରତରେ କୌଣସି ବ୍ୟକ୍ତିଙ୍କୁ ସମାଲୋଚନା କରାଗଲେ ତାଙ୍କ ପ୍ରତି ଡେରୋଗେଟୋରୀ ରିମାର୍କସ୍ ବା ମର୍ଯ୍ୟାଦାହାନିକର ମନ୍ତବ୍ୟ ଭାବେ ଗଣାଯାଇଥାଏ। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କୁ ଦେଖିଲେ ଏହା ଏକ ଅନୁଷ୍ଠାନ ପଦବାଚ୍ୟ। କିନ୍ତୁ ଏଥିରେ ଅଧିଷ୍ଠିତ ବିଚାରପତିମାନେ ସମାଲୋଚନାକୁ ସାଧାରଣ ନାଗରିକଙ୍କ ପରି ଦେହକୁ ନେଇଯାଉଛନ୍ତି। କାଳ ବିଳମ୍ବ ନ କରି କୋର୍ଟ ପ୍ରତି ଦିଆଯାଇଥିବା ମନ୍ତବ୍ୟକୁ କଣ୍ଟେମ୍ପଟ୍ ଅଫ୍ କୋର୍ଟ ବା ଅଦାଲତ ଅବମାନନା ବର୍ଗରେ ପକାଇ ସମାଲୋଚନାକାରୀଙ୍କୁ ଦୋଷୀଙ୍କ ସ୍ଥାନରେ ବସାଇ ଦେଉଛନ୍ତି। ଜଣାଶୁଣା ଆଇନଜୀବୀ ତଥା ମାନବ ଅଧିକାର କର୍ମୀ ପ୍ରଶାନ୍ତ ଭୂଷଣ ଏବେ ସର୍ବୋଚ୍ଚ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ କେଉଁ ଦଣ୍ଡ ମିଳିବ ୨୦ ଅଗଷ୍ଟରେ ଜଣାପଡ଼ିବ। ମନେପକାଇ ଦିଆଯାଇପାରେ ଯେ, ସୁପ୍ରିମକୋର୍ଟରେ ବର୍ତ୍ତମାନର ପ୍ରଧାନ ବିଚାରପତି ଓ ପୂର୍ବତନ ୪ ପ୍ରଧାନ ବିଚାରପତିଙ୍କ ବିରୋଧରେ କେତେକ ଟୁଇଟ୍ କରି ଅଦାଲତର ମର୍ଯ୍ୟାଦାହାନି କରିଥିବା ଅଭିଯୋଗରେ ତାଙ୍କୁ ଦୋଷୀ କରାଯାଇଛି। ଏସବୁ ଟୁଇଟ୍ ପ୍ରଶାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା କଷ୍ଟକର ହୋଇଥାଆନ୍ତା। ସେଥିପାଇଁ ୧୧ ବର୍ଷ ପୂର୍ବେ ତାଙ୍କ ବିରୋଧରେ ହୋଇଥିବା କୋର୍ଟ ଅବମାନନା ମାମଲାକୁ ଟଣାଗଲାଣି।

ଭାରତୀୟ ସମ୍ବିଧାନରେ ଅଭିବ୍ୟକ୍ତିର ସ୍ୱାଧୀନତା ମୌଳିକ ଅଧିକାର ଭାବେ ଦର୍ଶାଯାଇଛି। କିନ୍ତୁ ତାହାକୁ ଅଦାଲତି ଚାପରେ କଦର୍ଥ କରାଯାଇସାରିଲାଣି। ଏଭଳି ସମୟରେ ଯଦି ପ୍ରଶାନ୍ତ ଭୂଷଣଙ୍କୁ ଦଣ୍ଡିତ କରାଯାଏ ତାହା ହେଲେ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରତି ଭୟ ବା ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା କରି ହୋଇଥିବା ଆବେଦନରେ ପ୍ରାୟ ୩,୦୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ସ୍ୱାକ୍ଷର କରିସାରିଲେଣି। ଏମାନଙ୍କ ମଧ୍ୟରେ ସୁପ୍ରିମକୋର୍ଟ, ବିଭିନ୍ନ ହାଇକୋର୍ଟର ପୂର୍ବତନ ବିଚାରପତି, ଆଇନଜୀବୀ, ପ୍ରଶାସନିକ ଅଧିକାରୀ, ସେଲିବ୍ରିଟି ଏବଂ ବୁଦ୍ଧିଜୀବୀ ଅଛନ୍ତି। ସାଧାରଣତଃ କୋର୍ଟ ଅବମାନନା ସଂକ୍ରାନ୍ତ ବିତର୍କ ସମ୍ଭ୍ରାନ୍ତ ସମାଜ ଭିତରେ ଚାଲିଛି। ତଥାପି ଯେଉଁ ହାରରେ ପ୍ରଶାନ୍ତଙ୍କୁ ଦଣ୍ଡିତ କରିବା ପାଇଁ ସୁପ୍ରିମକୋର୍ଟ ଲାଗିଛନ୍ତି, ତାହାଠାରୁ କାହିଁ କେତେ ଅଧିକ ମାତ୍ରାରେ ବିରୋଧ କରାଯାଉଛି। ଏହା କରାଯିବା ସ୍ୱାଭାବିକ। କାରଣ ପାଶ୍ଚାତ୍ୟର ଅନେକ ରାଷ୍ଟ୍ରରେ ଅଦାଲତ ଅବମାନନା ଅବ୍‌ସୋଲିଟ୍ ବା ଅପ୍ରଚଳିତ ହୋଇଗଲାଣି। ସେହି ଦୃଷ୍ଟିରୁ ଦେଖିଲେ କଣ୍ଟେମ୍ପଟ୍ ଅଫ୍ କୋର୍ଟକୁ ଏଠାରେ ସମୀକ୍ଷା କରାଯିବା ଉଚିତ। ଯୁକ୍ତିତର୍କ ମାଧ୍ୟମରେ ନିଷ୍କର୍ଷ ଆସିଥାଏ। ଆଜିର ଆଧୁନିକ ଯୁଗରେ ତାହାକୁ ଗୁରୁତ୍ୱ ଦିଆ ନ ଯାଇ ପୁରୁଣାକାଳିଆ ଚିନ୍ତାଧାରାକୁ ଧାରି ରଖିଲେ ଗଣତନ୍ତ୍ର ବିପଦରେ ପଡ଼ିବା ନିଶ୍ଚିତ। କାରଣ ଏକ ସୁସ୍ଥ ଗଣତନ୍ତ୍ର ସମାଲୋଚନାକୁ ସମ୍ମାନ ଦେବା ଦରକାର, ଏହାକୁ ଚାପି ଦେଇ ନୁହଁ। ଯେତେବେଳେ ଦେଶର ନ୍ୟାୟପାଳିକାର ଶୀର୍ଷରେ ଥିବା ଅନୁଷ୍ଠାନ ପ୍ରେଷ୍ଟିଜ୍ ବା ମର୍ଯ୍ୟାଦା ସଙ୍କଟରେ ପଡ଼ିଛି ବୋଲି ଭାବି ଅସହାୟ ହୋଇପଡ଼ିବ, ସେତେବେଳେ କାହାର ମର୍ଯ୍ୟାଦାକୁ କେହି ସୁରକ୍ଷା ଦେଇପାରିବେ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅଗଷ୍ଟ ୧୯୯୫

- ଇରାନ-ଇରାକ ଯୁଦ୍ଧ ସମୟରେ ଧରାପଡ଼ିଥିବା ୧୦୦ ଜଣ ଇରାକୀ ଯୁଦ୍ଧବନ୍ଦୀଙ୍କୁ ଇରାନ କର୍ତ୍ତୃପକ୍ଷ ମୁକ୍ତ କରିଦେଇଛନ୍ତି।
- ବିହାରରେ ନୌକା ଦୁର୍ଘଟଣା ଘଟି ୨୫ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କାର ମିଳିତ ଉଦ୍ୟ ମରେ ଅନୁଷ୍ଠିତ ହେବାକୁ ଥିବା ୱିଲ୍‌ସ ବିଶ୍ୱକପ୍ କ୍ରିକେଟ ଚାମ୍ପିୟନ୍‌ଶିପ୍‌ର ସମସ୍ତ ମ୍ୟାଚ୍ ପାଇଁ ଉଦ୍ଦିଷ୍ଟ ସ୍ଥାନଗୁଡ଼ିକରେ କମ୍ପ୍ୟୁଟର ବ୍ୟବସ୍ଥା ପ୍ରଚଳନ କରିବାକୁ ପିଲ୍‌କମ୍ କମିଟି ନିଷ୍ପତ୍ତି ଗ୍ରହଣ କରିଛି।

## sudoku Puzzles by Srikant Ghosh | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | | | 7 | | B | | | | | | A | | 9 |
| | 2 | | | | | | | | 6 | 4 | | | 3 | 5 |
| 3 | | | A | | | | 7 | 2 | | | E | | D | |
| 9 | | | 4 | | 5 | | | | | 0 | | 7 | | |
| 5 | D | | 6 | 1 | | | | 0 | | | | 4 | | |
| | C | | | 6 | | | | | | E | 5 | | | |
| 1 | | | | 9 | | 7 | A | | | | | | 4 | |
| 8 | | | | | | | | 1 | 3 | | 4 | | | |
| | | | 1 | | | 0 | 9 | E | A | | B | | | |
| 7 | | | B | | D | | | | C | | | | 6 | E |
| | A | | 9 | | | | 5 | D | | | | 1 | E | 0 |
| | | | | | | | | 3 | E | 2 | 1 | | | B |
| E | 8 | | | | | | | | 9 | | 6 | | | |
| D | | | | | 2 | | | | 7 | | | 9 | | |
| | | | D | | | 6 | | 4 | | 3 | 0 | | 2 | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | B | 2 | 7 | 6 | 5 | 3 | 8 | 9 | 0 | 4 | C | 1 | E |
| 2 | 4 | E | 5 | D | B | 1 | A | 0 | 8 | C | 6 | 9 | 3 | 7 |
| C | 7 | 6 | 8 | 1 | 3 | E | 9 | 2 | B | D | A | 0 | 5 | 4 |
| 9 | 1 | 0 | C | 4 | E | 6 | D | 7 | 2 | 3 | 5 | A | 8 | B |
| 8 | 5 | 3 | 0 | 9 | A | C | B | 4 | E | 7 | 1 | 6 | D | 2 |
| 5 | B | D | 9 | 2 | C | 7 | 6 | 3 | 4 | A | 8 | 1 | E | 0 |
| 1 | 6 | 2 | E | A | 0 | D | 5 | C | 3 | B | 7 | 8 | 4 | 9 |
| 0 | 3 | A | 1 | B | 5 | 8 | 4 | E | 6 | 2 | 9 | 7 | C | D |
| 4 | C | 9 | 7 | 3 | 8 | 2 | 1 | B | D | E | 0 | 5 | 6 | A |
| E | 8 | 7 | D | 6 | 4 | A | 0 | 9 | 1 | 5 | C | B | 2 | 3 |
| 6 | 2 | C | 3 | 5 | 7 | 4 | E | 1 | 0 | 9 | B | D | A | 8 |
| 3 | A | 1 | 6 | 8 | 9 | B | C | D | 7 | 4 | E | 2 | 0 | 5 |
| D | 9 | 8 | 4 | C | 2 | 0 | 7 | A | 5 | 6 | 3 | E | B | 1 |
| 7 | E | 5 | B | 0 | D | 3 | 8 | 6 | A | 1 | 2 | 4 | 9 | C |
| B | 0 | 4 | A | E | 1 | 9 | 2 | 5 | C | 8 | D | 3 | 7 | 6 |

ଗତକାଲିର ଉତ୍ତର

# ସ୍କୁଲ ପାଠ୍ୟକ୍ରମ ଦ୍ୱନ୍ଦ୍ୱ ଓ ସମାଧାନ



ଡ. ଜ୍ୟୋତି ପ୍ରକାଶ ମହାପାତ୍ର

ଏ ପ୍ରଶ୍ନଟି ଏବେ ସବୁଆଡ଼େ ଆଲୋଚନା ପାଲଟିଛି। ଆମ ରାଜ୍ୟରେ ସ୍କୁଲଗୁଡ଼ିକ ଖୋଲିବ କେବେ? ଯଦି ଖୋଲିବ, ପାଠପଢା କେମିତି ଚାଲିବ? କେବେ ସ୍କୁଲ ଗୁଡ଼ିକରେ ସ୍ୱାଭାବିକ ବାତାବରଣ ଫେରି ଆସିବ? କରୋନା ମହାମାରୀ ଆରମ୍ଭ ହେବା ପରେ ପରେ ସାରା ରାଜ୍ୟରେ ବିଦ୍ୟାଳୟଗୁଡ଼ିକ ମାର୍ଚ୍ଚ ମାସ ଅଧାରୁ ବନ୍ଦ ରହିଛି। ତାହା କେବେ ଖୋଲିବ, ସେ ସମ୍ପର୍କରେ କେହି ସ୍ପଷ୍ଟ ଭାବେ କହୁନାହାନ୍ତି। ଫଳରେ ରାଜ୍ୟରେ ବିଦ୍ୟାଳୟ ଶିକ୍ଷା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଦଶମ ଶ୍ରେଣୀ ପରୀକ୍ଷା ସରି ଯାଇଥିବା ବେଳେ ବାକି କୌଣସି ଶ୍ରେଣୀର ପରୀକ୍ଷା ସରି ନ ଥିଲା। ସରକାରୀ ଭାବେ ସେହି ଛାତ୍ରୀଛାତ୍ରମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରି ଦିଆଗଲା। ଫଳରେ ସେମାନେ ନୂଆ କ୍ଲାସ ଓ ନୂଆ ଶିକ୍ଷାବର୍ଷକୁ ଆସିଗଲେ। କିନ୍ତୁ ସେମାନେ ପଢୁଛନ୍ତି କ'ଣ ଓ ଆଗକୁ କ'ଣ ପଢାଯିବ - ତାହା ହିଁ ବଡ଼ ପ୍ରଶ୍ନ ହୋଇ ସଭିଙ୍କ ସାମ୍ନାରେ ଛିଡ଼ା ହୋଇଛି।

ସରକାରୀ ଭାବେ ଏପ୍ରିଲ ମାସ ମଝିମଝିଆ ସମୟରୁ ହ୍ୱାଟସଆପ୍ କ୍ଲାସ୍ କରିବା ପାଇଁ କୁହାଗଲା, ଯାହାକୁ ସରକାରୀ ଅଧିକାରୀମାନେ ବୁଲେଇ ବଙ୍କେଇ ଅନ୍‌ଲାଇନ କ୍ଲାସ ବୋଲି କହିଲେ। ହ୍ୱାଟସଆପ୍ କ୍ଲାସ୍ ତ ଆଉ ଅନ୍‌ଲାଇନ କ୍ଲାସ୍ ନୁହେଁ। ସେଥିରେ ସ୍କୁଲଗୁଡ଼ିକରେ ସମୟ ଦେଇ ଦିଆଗଲା ଓ ପିଲାଙ୍କୁ କୁହାଗଲା, ସେହି ସମୟରେ ମୋବାଇଲରେ ଉପସ୍ଥିତ ରୁହ। କିନ୍ତୁ ହ୍ୱାଟସଆପ୍ କ୍ଲାସରେ ଶିକ୍ଷକମାନେ ଯାହା ଜାଣିଛନ୍ତି ବା ଛୁଟିରେ ରହି କେବଳ ନୋଟ୍ ପଠେଇବାକୁ ଲାଗିଲେ। ପିଲା ତାହା ପଢିଲେ କି ନ ପଢିଲେ, ତାହାର କୌଣସି ପ୍ରମାଣ କାହା ପାଖରେ ରହିଲା ନାହିଁ। ପୁଣି ଶିକ୍ଷକମାନେ ଯଦି କୌଣସି ପ୍ରଶ୍ନ ଦେଲେ, ଛାତ୍ରୀଛାତ୍ର ଏହାର ଉତ୍ତର ଲେଖିଲେ କି ନ ଲେଖିଲେ, ତାହାର ଖବର ମଧ୍ୟ ରହିଲା ନାହିଁ। ଫଳରେ ଏହା ଏକପାଖିଆ ହୋଇ ଚାଲିଲା, ଯେଉଁଥିରେ ଛାତ୍ରୀଛାତ୍ରଙ୍କ ଭାଗୀଦାରି ବହୁତ କମ୍ ରହିଲା। ଭାଗୀଦାରି ନ ରହିଲେ, ଶିକ୍ଷା ଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବନାହିଁ। ଗାଁ ଗହଳି, ଦୂରନ୍ତ ଆଦିବାସୀ ଇଲାକାର ପିଲାଟିଏ କିପରି ମୋବାଇଲ୍ ପାଇବ, ସେଇଠି ନେଟୱର୍କ ଅଛି କି ନାହିଁ- ତାହା ପ୍ରାରମ୍ଭିକ ପର୍ଯ୍ୟାୟରେ କେହି ଦେଖିଲେ ନାହିଁ। ଫଳରେ ଏହା ଏମିତି ଜୁନ ମାସ ପର୍ଯ୍ୟନ୍ତ ଚାଲିଲା।

ପରେ ଜୁନ ମାସ ମଝିରେ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଗଲା ୩୮ ଲକ୍ଷ ପିଲା ଅନ୍‌ଲାଇନ ଶିକ୍ଷାରେ ସାମିଲ ହୋଇପାରୁନାହାନ୍ତି। ସମୁଦାୟ ପିଲାଙ୍କ ସଂଖ୍ୟା ୬୦ ଲକ୍ଷ ବୋଲି କୁହାଯାଇଥିବା ବେଳେ ମାତ୍ର ୨୨ ଲକ୍ଷ ଅନ୍‌ଲାଇନ ଶିକ୍ଷାରେ ସାମିଲ ହୋଇଛନ୍ତି ବୋଲି ସରକାରୀ ହିସାବ କହିଲା। ଫଳରେ ଆଦିବାସୀ, ଅନୁନ୍ନତ ଇଲାକାର କୌଣସି ପିଲା ପ୍ରାୟତଃ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିଲେ ନାହିଁ କି ପଢିପାରିଲେ ନାହିଁ। ଏକଥା ସାମ୍ନାକୁ ଆସିବା ବେଳକୁ ସରକାରୀ ଭାବେ ଖରାଛୁଟି ସରିଗଲାଣି ଓ ତା'ପରେ ଆହୁରି ଦୁଇ ମାସ ବିତି ଗଲାଣି। ଯଦିଓ ବିଦ୍ୟାଳୟଗୁଡ଼ିକ ଆଜିଯାକେ ଖୋଲି ନାହିଁ, ତେବେ ଗଲା ଛଅ ମାସ ଧରି ୩୮ ଲକ୍ଷ ପିଲା ସରକାରୀ ଭାବେ ଛଅ ମାସ ପାଠପଢାରୁ ବଞ୍ଚିତ ରହିଲେ। ୭୦ ପ୍ରତିଶତରୁ ଅଧିକ ପିଲା ପଢିପାରିଲେ ନାହିଁ। ତାହା ସ୍ୱାଭାବିକ କଥା। ନେଟୱର୍କ ନ ଥିବ, ଘରେ ଆଣ୍ଡ୍ରଏଡ୍ ଫୋନ ନ ଥିବ, ଡାଟା ନ ଥିବ- ଏମିତି ହଜାରେ ଅସୁବିଧା। ଖାଲି ପିଲାଙ୍କ ଉପରେ ସବୁ ଲଦି ଦେଲେ ତ ତାହା ସମାଧାନର ରାସ୍ତା ଆଦୌ ନୁହେଁ। ବିକଳ୍ପ ରାସ୍ତା କେହି ଚିନ୍ତା କଲେ ନାହିଁ।

ତେବେ ଏବେ ପ୍ରଶ୍ନ ହେଉଛି, ଆମ ପିଲାଏ ପଢୁଛନ୍ତି କ'ଣ? ଶିକ୍ଷକମାନେ ଆମ ପିଲାଙ୍କୁ କ'ଣ ପଢାଉଛନ୍ତି ଓ ଏହା କେତେଦୂର ସେମାନଙ୍କୁ ଏହି ଶିକ୍ଷାବର୍ଷରେ ସାହାଯ୍ୟ କରିବ?

ଏବେ ସରକାର ରାଜ୍ୟର ବିଦ୍ୟାଳୟଗୁଡ଼ିକର ସିଲାବସ୍ କମାଇବା ନେଇ କମିଟି ଗଠନ କରିଛନ୍ତି। ସିବିଏସ୍‌ଇ ଏହି କାମ ବହୁ ପୂର୍ବରୁ ସାରି ଦେଇଛି। ଯେହେତୁ କରୋନା ପାଇଁ ବିଦ୍ୟାଳୟ ବନ୍ଦ ରହିଲା ଓ ଆଜିଯାକେ ବିଦ୍ୟାଳୟ ଖୋଲିନାହିଁ କିମ୍ବା କେବେ ଖୋଲିବ, ସେ ନେଇ କୌଣସି ଠୋସ୍ ନିଷ୍ପତ୍ତି ନିଆଯାଇ ନାହିଁ, ତେଣୁ ଏପ୍ରିଲ ମାସ ଆରମ୍ଭରୁ ସିଲାବସ୍ କମେଇବା ପ୍ରକ୍ରିୟା ସିବିଏସ୍‌ଇ ଆରମ୍ଭ କରିଥିଲା ଓ ତାହା ସରି ବି ଯାଇଛି।

ମାତ୍ର ଓଡ଼ିଶାରେ ଏ ପର୍ଯ୍ୟନ୍ତ କେବଳ କମିଟି ଗଠନରେ ସବୁ ସୀମିତ ରହି ଯାଇଛି। ଏବେ ଅନ୍‌ଲାଇନ ପାଠପଢା ଚାଲିଛି ବୋଲି ରାଜ୍ୟ ଗଣଶିକ୍ଷା ବିଭାଗ ବାରବାର କହୁଛି। କିନ୍ତୁ ଯଦି ପଢିଥିବା ପାଠକୁ ସିଲାବସ୍‌ରୁ କାଟି ଦିଆଗଲା, ତେବେ ପିଲାମାନଙ୍କୁ ଗଲା ମାସ ମାସ ଧରି ପଢା ଯାଇଥିବା ସମୟ ବେକାରରେ ଯିବ ବୋଲି ଧରାଯିବ। ପୂର୍ବରୁ ଏହାର ବନ୍ଦୋବସ୍ତ କରି ପାଠପଢା ଆରମ୍ଭ ହେବାର ଥିଲା।

ରାଜ୍ୟର କେତେକ ସ୍କୁଲ ଯେମିତି ଆଦର୍ଶ ବିଦ୍ୟାଳୟଗୁଡ଼ିକ ଯେଉଁଠି ସରକାର ଖୁବ୍ ଭଲ ଭିତ୍ତିଭୂମି ଓ ଦରମା ଯୋଗାଇ ଦେଇଛନ୍ତି, ସେମାନେ ବି ଏ କ୍ଷେତ୍ରରେ ଏକା ଅବସ୍ଥାରେ ଅଛନ୍ତି। ଆଦର୍ଶ ବିଦ୍ୟାଳୟରେ ଯଦିଓ ସିବିଏସ୍‌ଇ ସିଲାବସ୍ ପ୍ରଚଳିତ ହେଉଛି, କିନ୍ତୁ ପୁଣି ସିଲାବସ୍ କମାଇବା ପାଇଁ ଆଦର୍ଶ ବିଦ୍ୟାଳୟ କାମ ଆରମ୍ଭ କରିଥିଲା। ଫଳରେ ପୁରୁଣା ସମୟରେ ଯାହା ପଢା ଯାଇଥିଲା, ସେସବୁ କ'ଣ ହେବ, ତା'ର ଉତ୍ତର କାହାରି ପାଖରେ ନାହିଁ।

ଆଉ ପାଞ୍ଚ ମାସରୁ କମ୍ ସମୟ ପରେ ମାଟ୍ରିକ ପରୀକ୍ଷା। ସିବିଏସ୍‌ଇ ଘରୋଇ ସ୍କୁଲ ତୁଳନାରେ ଓଡ଼ିଶାରେ ସ୍କୁଲଗୁଡ଼ିକରେ ଛୁଟି ଅଧିକ। ଏକରେ ବର୍ଷ ଆରମ୍ଭରୁ ଚାରି ମାସ ସେମିତି ଗଲାଣି। ପୁଣି ଯଦି ବି ସେପ୍ଟେମ୍ବରରେ ସ୍କୁଲ ଖୋଲିଲା, ତା'ପରେ ଦୁର୍ଗାପୂଜା ଛୁଟି, ଏକ୍ସ ମାସ ଛୁଟି ଇତ୍ୟାଦି ରହିଛି। ପୁଣି ରବିବାର ଓ ଅନେକ ସରକାରୀ ଛୁଟିଦିନ। ସ୍କୁଲରେ ସରକାରୀ ହିସାବ ଅନୁସାରେ ୨୧୦ ଦିନର ପାଠପଢା ହୋଇଥାଏ। ଆଉ ୧୫୫ ଦିନରୁ ଅଧିକ ଛୁଟି ହୋଇଥାଏ। ପୁଣି ଏବେ ଅନେକ ସ୍କୁଲରେ ନାମଲେଖା ଚାଲୁ ଥିବାରୁ ସେହି ତଥାକଥିତ ଓ ବହୁଳ ପ୍ରଚାରିତ ହ୍ୱାଟସଆପ୍ କ୍ଲାସ ବି ବନ୍ଦ ହୋଇଯାଇଛି। ତେଣୁ ଅଗଷ୍ଟ ଶେଷ ଆଡ଼କୁ ଦେଖିଲା ବେଳକୁ ୯୦ ଦିନର ପଢା ପ୍ରଭାବିତ ହୋଇଥିବ। ଆଉ ମାତ୍ର ଥିବ ୧୨୦ ଦିନ ବା ଚାରି ମାସ। ସେଇ ସମୟରେ ସମୁଦାୟ ସିଲାବସ୍ ସରିବ ତ?

ପିଲା କ'ଣ ପଢି ମାଟ୍ରିକ ପରୀକ୍ଷା ଦେବେ? ପିଲା କେଉଁ ସିଲାବସ୍‌ରେ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଦେବେ? ଅନ୍ୟମାନେ ବହିର କେଉଁ କେଉଁ ବିଷୟ ପଢି ଆଗାମୀ ପରୀକ୍ଷା ଦେବେ? ଯଦି ବିଷୟ କମାଇବାରେ ଡେରି ହେଉଛି, ସରକାର କାହିଁକି କହୁ ନାହାନ୍ତି ଯେ, ଯାହା ପଢା ଯାଇଛି, ତାହା ନିଶ୍ଚିତ ଭାବେ ପାଠ୍ୟକ୍ରମରେ ରହିବ? ଏମିତି ଅନେକ ପ୍ରଶ୍ନ ଏବେ ଛିଡ଼ା ହେବାରେ ଲାଗିଛି। ସମୟ ଯେତିକି ବଢୁଛି, ପ୍ରଶ୍ନ ଓ ଦ୍ୱନ୍ଦ୍ୱ ସେତିକି ବଢୁଛି।

ତେଣୁ ପ୍ରଥମ ପରାମର୍ଶ ରହିବ- ଏ ବର୍ଷ ବିଦ୍ୟାଳୟଗୁଡ଼ିକରେ ସମସ୍ତ ବାକି ଛୁଟି ବାତିଲ କରି ଦିଆଯାଉ। ଦୁର୍ଗାପୂଜା ଓ ଏକ୍ସ ମାସ ଛୁଟି ସମ୍ପୂର୍ଣ୍ଣ ବାତିଲ ହେଉ। ଏମିତିରେ କଲେଜରେ କି କୋଉଠି ବି ଆଉ ଏକ୍ସ ମାସ ଛୁଟି ନାହିଁ। ଘରୋଇ ବିଦ୍ୟାଳୟଗୁଡ଼ିକ ଏକ୍ସମାସ ଛୁଟି ଦେଉ ନାହାନ୍ତି। ସରକାରୀ ବିଦ୍ୟାଳୟରେ କ'ଣ ପାଇଁ ୧୨ ଦିନ ଧରି ଏହା ଚାଲୁଛି ଓ ଏଥିରୁ କ'ଣ ଲାଭ ମିଳୁଛି, ଆଦୌ ଜଣାପଡୁନି। ସେସବୁ ଓ ଅନ୍ୟାନ୍ୟ ଛୁଟି ପୂରା ବନ୍ଦ ହେବା ଦରକାର। ଫଳରେ ପଢାଇବା ପାଇଁ ଅଧିକ ସମୟ ମିଳିବ। ଏକ୍ସ ମାସ ଛୁଟି ପୂରାପୂରି ସବୁଦିନ ପାଇଁ ଉଠିଗଲେ ବରଂ ଭଲ। ଦୁଇରେ- ତୁରନ୍ତ ସରକାର ବିଷୟୱାରି ସିଲାବସ୍ କମିଟିର ଫଳାଫଳ ପ୍ରକାଶ କରନ୍ତୁ। କ'ଣ କ'ଣ ବିଷୟ ରହିଛି ଓ କ'ଣ ବାଦ୍ ଦିଆଯାଇଛି, ତାହାର ତାଲିକା ଅଗଷ୍ଟ ମାସ ଶେଷସୁଦ୍ଧା ତିଆରି ହୋଇ ପ୍ରକାଶିତ ହେଉ। ଏହା ସଭିଙ୍କୁ ଜଣାଇ ଦିଆଯାଉ। ଏହା ୱେବସାଇଟ୍‌ରେ ସଭିଙ୍କ ପାଇଁ ଉପଲବ୍ଧ ହେଉ। ତିନିରେ- ତା'ପର ୧୦ ଦିନ ମଧ୍ୟରେ ସମୁଦାୟ ବର୍ଷର ଲେସନ୍ ପ୍ଲାନ୍ ପ୍ରସ୍ତୁତ ହେଉ। ଆପଣ ପଚାରିପାରନ୍ତି ଏହା କେମିତି ସମ୍ଭବ? ଶିକ୍ଷକମାନଙ୍କୁ ନେଇ ଗ୍ରୁପ୍ କରାଯାଇ ବିଷୟୱାରି ଏତିକି ସମୟରେ ଆରାମରେ ତିଆରି କରାଯାଇପାରିବ। ସେ ଲେସନ ପ୍ଲାନ୍ ସମସ୍ତଙ୍କୁ ଜଣାଇବାକୁ ଗଣଶିକ୍ଷା ବିଭାଗର ୱେବ୍‌ସାଇଟରେ ଛାଡ଼ି ଦିଆଯାଉ। ଡିଇଓ ଓ ବିଇଓ ଅଯଥା ପ୍ରଶାସନିକ କାମ ଛାଡ଼ି, ପାଠପଢା ଉପରେ ଆଗ ଗୁରୁତ୍ୱ ଦିଅନ୍ତୁ। ଚାରିରେ- ଯଦି ସ୍କୁଲ ଖୋଲିଲା ତ ସେଇ ଅନୁସାରେ ପାଠପଢା ଚାଲୁ। ବ୍ଲକସ୍ତରରୁ ତାହାର ନିୟମିତ ତଦାରଖ ହେଉ। ପ୍ରତି ପନ୍ଦର ଦିନରେ କ'ଣ ପଢାଗଲା, ତାହାର ତାଲିକା କରାଯାଉ। ଅନ୍‌ଲାଇନ ତଦାରଖ ଆରମ୍ଭ ହେଉ। କମନ୍ ଲେସନ ପ୍ଲାନ ହେତୁ, ଏଣିକି ତ ପଢାଇବାରେ କିଛି ଅସୁବିଧା ନ ଥିବ। ତେଣୁ ତାହାକୁ ସେହି ଅନୁସାରେ ତଦାରଖ କରାଯାଇପାରିବ। ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏ ନେଇ ତୁରନ୍ତ ପଦକ୍ଷେପ ନିଅନ୍ତୁ। ଆଦର୍ଶ ବିଦ୍ୟାଳୟ ବି ସେଇଆ କରୁ। କେବଳ ମନଇଚ୍ଛା ପାଠପଢା ଓ ଅନ୍‌ଲାଇନ କ୍ଲାସର ବାହାଦୁରିରୁ କିଛି ମିଳିବ ନାହିଁ। ବରଂ ଅନ୍‌ଲାଇନ କ୍ଲାସର ବିକଳ ଚିତ୍ର ସାରା ଓଡ଼ିଶା ଗଲା ଛଅ ମାସ ଭିତରେ ଦେଖି ସାରିଛି। ନ ହେଲେ ପିଲାଙ୍କ ଉପରେ ଅଯଥା ବୋଝ ବଢିବ। ସେମାନେ ଜାଣିପାରିବେ ନାହିଁ, କ'ଣ ପଢାଯିବ ଓ ତାଙ୍କ ସିଲାବସ୍ କ'ଣ। ପିଲାଙ୍କ ବୋଝ ଦେଖି ଅଭିଭାବକଙ୍କ ଉପରେ ବୋଝ ବଢିବ। ତାହାର ସମାଧାନ ପାଇଁ ରାସ୍ତା ତୁରନ୍ତ କାଢିବା ଦରକାର। କାରଣ- ସେଥିପାଇଁ ସମୟ ଗଡ଼ି ସାରିଲାଣି।

ସହକାରୀ ପ୍ରଫେସର,
ଭାରତୀୟ ଜନସଞ୍ଚାର ସଂସ୍ଥାନ, ଢେଙ୍କାନାଳ
ମୋ-୯୪୩୭୦୮୦୦୪୮

# ନାମୀ ମା'ବାପାଙ୍କ ଦାମୀ ପିଲା



ଡ. ସତ୍ୟନାରାୟଣ ମିଶ୍ର

ଶୃଙ୍ଖଳିତ ସମାଜରେ ଶୃଙ୍ଖଳିତ ଜୀବନ ନିର୍ବାହ କରିବା ହେଉଛି ଏକ ନିଷ୍ଠା। ଶୃଙ୍ଖଳା ହେଉଛି ଏକ ନୀତି, ଏହାକୁ ଆମେ ସମସ୍ତେ ମାନିଲେ ତାହା ହୁଏ ନିୟମ ଓ ନ ମାନିଲେ ହୁଏ ବିଶୃଙ୍ଖଳା, ଯାହାର ପରିଣତି ହୁଏ ଅନିଶ୍ଚିତତା ଓ ବିପର୍ଯ୍ୟୟ। ବିପଦଠାରୁ ଦୂରରେ ରହିବା ପାଇଁ ସମସ୍ତେ ଯଥାସମ୍ଭବ ସଚେତନ ଥାନ୍ତି, ମାତ୍ର ଭୁଲ୍ ବୁଝାମଣା, ଅବହେଳା ଓ ଅପରିପକ୍ୱ ସିଦ୍ଧାନ୍ତ ତଥା ନୀତି ବେଳେ ବେଳେ ଅହେତୁକ ବିପଦକୁ ଆମନ୍ତ୍ରଣ କରିଥାଏ। ସମାଜରେ ପ୍ରତ୍ୟେକ ମା'ବାପା ସେମାନଙ୍କର ପିଲାମାନଙ୍କର ଯଥେଷ୍ଟ ଉତ୍କର୍ଷକତାକୁ ଆଶା କରିଥାନ୍ତି ଓ ସେହି ଆଶାକୁ ପାଥେୟ କରି ପିଲାମାନଙ୍କର କୌଣସି ଅଭାବ ଅସୁବିଧାକୁ ମା'ବାପା ମାନେ ସେମାନଙ୍କୁ ଅନୁଭବ କରିବାକୁ ଦିଅନ୍ତି ନାହିଁ କିମ୍ବା ସମାଜରେ ଅନ୍ୟମାନଙ୍କ ସମ୍ମୁଖରେ ମଧ୍ୟ ସେମାନଙ୍କର କୌଣସି ଅସୁବିଧାକୁ ପ୍ରକାଶ କରି ନ ଥାନ୍ତି। ମାତ୍ର ପିଲାମାନଙ୍କର ଆବଶ୍ୟକତାର ପରିପୂର୍ଣ୍ଣତା ମା'ବାପାମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଉପରେ ନିର୍ଭର କରିଥାଏ। ସମାଜରେ ସବୁ ମା' ବାପାମାନେ ଆର୍ଥିକ ସ୍ୱଚ୍ଛଳ ନୁହନ୍ତି ବା ସେମାନଙ୍କର ପିଲାମାନଙ୍କ ପାଇଁ ମଧ୍ୟ ସେମାନେ ଅହେତୁକ ଆଶାବାଦୀ ମଧ୍ୟ ହୋଇ ନ ଥାନ୍ତି। କିନ୍ତୁ ଗୋଟିଏ ଅର୍ଥରେ ବିଚାର କଲେ ଧନୀ ଗରିବ ନିର୍ବିଶେଷରେ ପ୍ରତ୍ୟେକ ପିଲାମାନଙ୍କର ପୃଷ୍ଠଭୂମି ଗଠନ ହୋଇଥାଏ ଶୈଶବର ଶିକ୍ଷାକ୍ଷେତ୍ରରୁ । ଆଗକାଳରେ ସମ୍ଭ୍ରାନ୍ତ ପରିବାର, ରାଜା, ବିତ୍ତଶାଳୀ ବ୍ୟକ୍ତିମାନଙ୍କର ପିଲାମାନେ ପ୍ରଥମେ ଗୁରୁକୁଳ ଆଶ୍ରମରେ ଶିକ୍ଷା ଅଧ୍ୟୟନ କରୁଥିଲେ ଓ ଆର୍ଥିକ ଦୃଷ୍ଟିକୋଣରୁ ନ୍ୟୂନ ଥିବା ମା' ବାପା ମାନେ ସେମାନଙ୍କର ପିଲାମାନଙ୍କୁ ଗାଁ ଚାଟଶାଳୀରେ ଶିକ୍ଷା ଦେଉଥିଲେ। ଗୁରୁକୁଳ ଶିକ୍ଷା ଓ ଚାଟଶାଳୀ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିକ୍ଷା ସହିତ ନୀତି ଓ ଦୀକ୍ଷାରେ ନିପୁଣ ଓ ଯତ୍ନଶୀଳ ହେବା ଅର୍ଥାତ ଶିକ୍ଷା ସହିତ ନୀତି ନିୟମ, ଆଚାର ବ୍ୟବହାର, କର୍ତ୍ତବ୍ୟ, ଆଦର୍ଶ ଓ ସମ୍ମାନ ଆଦିର ଦୈନନ୍ଦିନ ଜୀବନରେ ପ୍ରୟୋଗ ; ଯେଉଁଥିରେ ମଣିଷ ପରିମାର୍ଜିତ ହୋଇଥାଏ।

ସଂସ୍କାର ହେଉଛି ଶିକ୍ଷାର ଆଦର୍ଶ। ଉତ୍ତମ ବ୍ୟବହାର, ଉତ୍ତମ ଚରିତ୍ର ଓ ସର୍ବୋପରି ଉତ୍ତମ ଶୃଙ୍ଖଳା ହେଉଛି ପୁରାତନ ଶିକ୍ଷାର ନିଷ୍କର୍ଷ। ସମୟର ପରିବର୍ତ୍ତନରେ ତଥା ସ୍ଥିତି ପରିସ୍ଥିତିର ବିବର୍ତ୍ତନରେ ଧୀରେ ଧୀରେ ଶିକ୍ଷା ଓ ଦୀକ୍ଷା ଅଧ୍ୟୟନର ସୋପାନଗୁଡ଼ିକ ପରିବର୍ତ୍ତନ ହେବାକୁ ଲାଗିଲା ଓ ସେଥିରେ ପିଲାମାନଙ୍କର ବାପା ମା'ମାନେ ପ୍ରଥମେ ନିମର୍ଜିତ ହେଲେ। ସମୟକ୍ରମେ ଶିକ୍ଷାର ଶୈଳୀ ପରିବର୍ତ୍ତନ ହୋଇ ଅର୍ଥସର୍ବସ୍ୱ ଶିକ୍ଷାରେ ପରିଣତ ହୋଇଗଲା, ଯାହା ବର୍ତ୍ତମାନର ସମ୍ଭ୍ରାନ୍ତ ଓ ବିତ୍ତଶାଳୀ ମା'ବାପାମାନେ ସେମାନଙ୍କର ପିଲାମାନଙ୍କ ପାଇଁ ବ୍ୟଗ୍ର। ଏବେ ବସ୍ତୁତଃ ଦୁଇ ପ୍ରକାର ଶିକ୍ଷାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ, ତାହା ହେଲା ଦେୟଯୁକ୍ତ ଶିକ୍ଷା ଓ ଦେୟମୁକ୍ତ ଶିକ୍ଷା। ଦେୟମୁକ୍ତ ଶିକ୍ଷାକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ନିମ୍ନ ଆୟର ମା'ବାପାମାନେ ଆଦରି ନେଇଥିବା ବେଳେ ଦେୟଯୁକ୍ତ ଶିକ୍ଷାକୁ ସମାଜର ସମ୍ଭ୍ରାନ୍ତ ଓ ବିତ୍ତଶାଳୀ ମା'ବାପାମାନେ ଆଦରି ନେଇଥାନ୍ତି। ଦେୟମୁକ୍ତ ଶିକ୍ଷାରେ ପିଲାମାନଙ୍କର ନିଜସ୍ୱ ଜ୍ଞାନର ଗଭୀରତା ବା ପରିପକ୍ୱତାକୁ ବିଶ୍ଳେଷଣ କରାଯାଇଥାଏ ଓ ସେହି ଜ୍ଞାନକୁ ପାଥେୟ କରି ଉକ୍ତ ପିଲାମାନେ ସମାଜରେ ସଂସ୍କାର, ନୀତି ନିୟମ ଓ ଆଦର୍ଶକୁ ଶିକ୍ଷାର ଏକ ଏକ ଅଙ୍ଗ ବୋଲି ମାନି ନେଇଥାନ୍ତି। ମାତ୍ର ଦେୟଯୁକ୍ତ ଶିକ୍ଷାରେ ପିଲାମାନଙ୍କର ଜ୍ଞାନର ଗଭୀରତାର ସ୍ଥିତିକୁ ପରୀକ୍ଷା ନିରୀକ୍ଷା କରିବା ପରିବର୍ତ୍ତେ ନାମୀ ମା'ବାପାମାନଙ୍କର ଧନର ଗଭୀରତା, ଆର୍ଥିକ ସ୍ୱଚ୍ଛଳତା ଓ ରୋଜଗାରର ପନ୍ଥାକୁ ବିଚାର କରାଯାଇଥାଏ । ଉକ୍ତ ଶିକ୍ଷାରେ ପିଲାମାନେ କୌଣସି ଅଭାବ ଅସୁବିଧାର ସମ୍ମୁଖୀନ ହୋଇ ନ ଥାନ୍ତି ବା ଅର୍ଥନୈତିକ ଚିନ୍ତାଧାରାର ବିକଳ୍ପ କ୍ଷେତ୍ର ଉପରେ ସେମାନଙ୍କର ଜ୍ଞାନ ଅଞ୍ଚ ବୋଲି ବିଶ୍ୱାସ କରାଯାଇଥାଏ। ପିଲାମାନଙ୍କର ଜନ୍ମର ପୂର୍ବରୁ ଓ ପରେ ଉଭୟ ମା'ବାପାମାନେ ଅର୍ଥ ରୋଜଗାରରେ ବ୍ୟସ୍ତ ଥାଆନ୍ତି ଓ ପିଲାମାନଙ୍କ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ନ ଥାନ୍ତି। ଆଭିଜାତ୍ୟର ଜୁଆରରେ ଉକ୍ତ ନାମୀ ମା'ବାପାମାନଙ୍କର ପିଲାମାନେ ଯେତେବେଳେ କୌଣସି ଉଚ୍ଚ ଶିକ୍ଷାଳୟରେ ଅଧ୍ୟୟନ କରିଥାନ୍ତି ସେତେବେଳେ ସେମାନଙ୍କର ସାମାଜିକ ଆଭିଜାତ୍ୟ ସାମ୍ୟତା ବହୁ ଗୁଣରେ ବୃଦ୍ଧି ହୋଇଥାଏ । ଅତଏବ ସେମାନେ ଶୃଙ୍ଖଳାର ପରିଧି ମଧ୍ୟରେ ରହିବାକୁ ଉଚିତ ମନେକରନ୍ତି ନାହିଁ। ପିଲାମାନେ ଦାମୀ ପିଲା ବୋଲି ରାଜରାସ୍ତାରେ ନିଜର ଅହମିକାକୁ ସାବ୍ୟସ୍ତ କରନ୍ତି। ବର୍ତ୍ତମାନ ସମାଜରେ ଶିକ୍ଷାର ଶୃଙ୍ଖଳା ଜ୍ଞାନ ପିନ୍ଧିଥିବା ଉକ୍ତ ନାମୀ ମା' ବାପାମାନଙ୍କର ଦାମୀ ପିଲାମାନେ ପୋଷାକ, ଖାଦ୍ୟ, ମନୋରଞ୍ଜନ, ଗାଡିଚାଳନା ଇତ୍ୟାଦିରେ ସଂଯମତାର ଘୋର ଅଭାବ ପରିଲକ୍ଷିତ ହେଉଅଛି। ବିଦ୍ୟାର ଉତ୍କର୍ଷତାର ଆଳରେ, ଜଗତୀକରଣର ଅବକାଶରେ, ମାନସିକତାର ଉର୍ବର ଚିନ୍ତାଧାରାର ପରିପ୍ରକାଶ ନ ହୋଇ ପ୍ରକୃତ ବିଦ୍ୟାର ଅବମୂଲ୍ୟାୟନ କରାଯାଉଛି, ଯାହା ସମାଜରେ ଅନ୍ୟ ବର୍ଗର ପିଲା ତଥା ସମାଜ ଉପରେ ତାହାର ପ୍ରଭାବ ପଡୁଛି। ସମାଜର ପ୍ରଗତିର କ୍ଷେତ୍ର ବାଧାପ୍ରାପ୍ତ ହେଉଅଛି। ଉକ୍ତ ପିଲାମାନେ କ୍ରମେ କ୍ରମେ ନିଶାସେବନ ତଥା ଆଭିଜାତ୍ୟ ଜୀବନଶୈଳୀ ଦ୍ୱାରା ମାନସିକ ରୋଗାକ୍ରାନ୍ତ ଓ ବିକାରଗ୍ରସ୍ତ ହେଉଛନ୍ତି, ଯାହା ଏକ ସୁସ୍ଥ ସମାଜ ପାଇଁ ବିପଦ। ଏହାଦ୍ୱାରା ପାରିବାରିକ ବିଶୃଙ୍ଖଳା ଓ ସାମାଜିକ ଅସନ୍ତୁଳନ ସମାଜରେ ଏକ ମନୁଷ୍ୟକୃତ ସମସ୍ୟା ହୋଇ ଉଭା ହେଉଅଛି।

ଜୀବନାଦର୍ଶରେ ମଣିଷ ଯେତେବେଳେ ନିଜର ପରିଚୟ ଖୋଜୁଥାଏ, ସେତେବେଳେ ସେ ପ୍ରଥମେ ନିଜର ସ୍ଥିତିକୁ ପରିମାର୍ଜିତ କରିଥାଏ। ସୃଷ୍ଟିର କୌଣସି ମା' ବାପା ସେମାନଙ୍କର ପିଲାମାନଙ୍କର ଅବନତି ଚାହିଁ ନ ଥାନ୍ତି। ମାତ୍ର ଅତ୍ୟଧିକ ଧନ ଓ ପ୍ରାଚୁର୍ଯ୍ୟର ପୃଷ୍ଠପୋଷକରେ ପିଲାମାନଙ୍କ ଜୀବନ ରାସ୍ତା ଏତେ କଣ୍ଟକିତ ହୋଇଯାଏ ଯେ କେହି କାହାର ପରିଚୟ ଖୋଜି ପାଇ ପାରନ୍ତି ନାହିଁ। ଜୀବନ ନିକିତିରେ ତଉଲିବାକୁ ହେଲେ ପ୍ରଥମେ ଯୁବ ସମାଜ ଶୃଙ୍ଖଳିତ ଓ ପରିଚୟ ଯୁକ୍ତ ଆଦର୍ଶରେ ନିଜକୁ ତଉଲିବା ଦରକାର, ନଚେତ ନିକିତି ଦଉଡିର ଅସମତୁଲ ଭାରସାମ୍ୟରେ କେତେବେଳେ କେଉଁ ରଜ୍ଜୁ ଗୋଟିଏ ଅନ୍ୟଠାରୁ ବିଚ୍ଛିନ୍ନ ହୋଇ ଧରାଶାୟୀ ହୋଇଯିବ ସେତେବେଳେ ଅସମତୁଲ ନାମୀ ମା' ବାପାମାନେ ସେମାନଙ୍କର ଦାମୀ ପିଲା ମାନଙ୍କ ସହ ସମତୁଲ ହୋଇପାରିବେ ନାହିଁ। ଫଳତଃ ସମଗ୍ର ମଣିଷ ସମାଜ ହୋଇଯିବ ଏକ ଅସ୍ଥିର ଘୂର୍ଣ୍ଣିଝଡ ହେଉଥିବା ସାଗରରେ ଅସମତୁଲ ଭଙ୍ଗା ନୌକା। ପରିଣାମ ସ୍ୱରୂପ ହଜିଯିବ ଦାମ୍ଭିକତାର ନାମୀଦାମୀ ନାଁ ଓ ନିଜର ଅସ୍ତିତ୍ୱ।

ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର,
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦
satyanarayan_mishra2003@yahoo.co.in

## ଏଇ ଭାରତରେ

କରୋନା ସମୟରେ ସମାଜରେ କିଛି ନୂଆ କାର୍ଯ୍ୟ ଆରମ୍ଭ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ଯୋଗେଶ ରାଓ୍ତ ଅନ୍ୟତମ। ସେ ପରିବେଶ ସଂରକ୍ଷଣ ଲାଗି ଏକ ଗଛ ବ୍ୟାଙ୍କ ଖୋଲିଛନ୍ତି। ଆପଣ ଯଦି ପରିବେଶପ୍ରେମୀ ଓ ଶସ୍ତାରେ ଗଛ ନେଇ ତାହାକୁ ରୋପଣ କରିବାକୁ ଚାହୁଁଛନ୍ତି ତେବେ ଗାଜିଆବାଦର ଇନ୍ଦିରାପୁରମସ୍ଥିତ ଶିପ୍ରା ସନସିଟି ସୋସାଇଟିର ଶିବ ମନ୍ଦିର ପରିସରରେ ଥିବା ଏହି ଗଛ ବ୍ୟାଙ୍କକୁ ଯାଆନ୍ତୁ। ଗଛ ନେଇ ବ୍ୟାଙ୍କର ଏକ କିଲୋମିଟର ପରିଧିରେ ତାହାକୁ ଲଗାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ନିଜେ ଗଛର ରକ୍ଷଣାବେକ୍ଷଣ କରିପାରିବେ ତେବେ କୌଣସି ଦେୟ ଦେବାକୁ ପଡିବନାହିଁ। ରକ୍ଷଣାବେକ୍ଷଣ ନ କଲେ ବ୍ୟାଙ୍କରେ ଏକକାଳୀନ ୧୦୦ ଟଙ୍କା ଜମା କରିବାକୁ ପଡିବ। ଗଛକୁ ଖତ, ପାଣି, ସାର ଦେଇ ବଢାଇବା ଦାୟିତ୍ୱ ବ୍ୟାଙ୍କର। ଯୋଗେଶ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅଙ୍କ ସହ ହାଥରାସ ଜିଲା ଖୋରନା ଗାଁରେ ରହୁଛନ୍ତି। ସେ ଗତ କିଛି ବର୍ଷ ହେବ ଶିପ୍ରା ସନସିଟି ଆଖପାଖ ଅଞ୍ଚଳରେ ଦେଢ ହଜାରରୁ ଅଧିକ ଗଛ ଲଗାଇ ସାରିଛନ୍ତି। ଯୋଗେଶ ସ୍ଥାନୀୟ ଲୋକମାନଙ୍କୁ ଏଥିରେ ସାମିଲ କରିବା ସହ ସେମାନଙ୍କୁ ଶ୍ରମଦାନ କରିବାକୁ ପ୍ରେରଣା ଦେଉଛନ୍ତି। ସେ ଏବେ ୫୧ଟି ଗଛକୁ ନେଇ ବ୍ୟାଙ୍କ ଆରମ୍ଭ କରିଛନ୍ତି ଓ ଆଗକୁ ୫୦୦ ଗଛ ରଖିବା ଲାଗି ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଯୋଗେଶ ରାସ୍ତାକଡ, ପାର୍କ ଓ ଅନ୍ୟ ସ୍ଥାନଗୁଡିକରେ ଉଠିଥିବା ଗଛଗୁଡିକୁ ଆଣି ବ୍ୟାଙ୍କରେ ଜମାଉଛନ୍ତି। ବ୍ୟାଙ୍କରେ ନିମ୍ବ, ଜାମୁ, ଅଶ୍ୱତ୍ଥ, ବର, ଡିମ୍ବିରି, ମୁଲ୍‌ବେରୀ, କାଞ୍ଚନ, ଟଗର, ମନ୍ଦାର, ତୁଳସୀ, କଦଳୀ, ଘିକୁଆଁରି, ଅଶ୍ୱଗନ୍ଧା ଆଦି ଗଛ ରଖିଛନ୍ତି। ଯଦି କେହି ରୁଦ୍ରାକ୍ଷ, ଚନ୍ଦନ, ମହୁଲ, କାଠଜାତୀୟ ଗଛର ମଞ୍ଜି ଦାନ କରନ୍ତି ତେବେ ସେଥିରୁ ଗଛ ଉଠାଇବେ ବୋଲି ସେ କହିଛନ୍ତି । ପରିବେଶ ସଂରକ୍ଷଣ ପ୍ରତି ସଚେତନତା ଆଣିବା ଲାଗି ୨୧ଟଙ୍କାରେ ବ୍ୟାଙ୍କରୁ ଗଛ ଦିଆଯାଉଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ନଷ୍ଟ କରନ୍ତୁନି

ମହାଶୟ,

ଭୋକରେ ପେଟ ପୋଡୁଥିଲେ ମଣିଷ ବାସି, ସଜ ଖାଦ୍ୟ ବିଚାର କରିବା ପାଇଁ ତର ପାଏ ନାହିଁ। ଏହି ଭୋକ ଦାଉ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସଭିଙ୍କଠାରେ ଦେଖାଯାଏ। ସେଥିପାଇଁ କଥାରେ ଅଛି- "ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହା ଘେନି।" ଅନ୍ନ ବ୍ରହ୍ମ। ପୂର୍ବେ ଭାତଟିଏ ଖାଇବା ସମୟରେ ତଳେ ପଡ଼ିଯାଉଥିଲେ ଗାଳିଗୁଲଜ ଶୁଣିବାକୁ ପଡୁଥିଲା। କାରଣ ଅନ୍ନକୁ ମା' ଲକ୍ଷ୍ମୀ ବୋଲି ଲୋକେ ଗ୍ରହଣ କରୁଥିଲେ। ଏପରିକି ଧାନ କି ଚାଉଳ ଯଦ୍ୟପି ତଳେ ପଡ଼ିଯାଉଥିଲା, ଲୋକେ ତାହା ଅତି ସନ୍ତର୍ପଣରେ ଗୋଟାଇ ତାକୁ ମୁଣ୍ଡରେ ମାରି ସାଇତି ରଖୁଥିଲେ। ମାତ୍ର ଏବେ ଭୋଜିଭାତରେ ଯେଉଁ ପରିମାଣରେ ଅଯଥାରେ ଖାଦ୍ୟଦ୍ରବ୍ୟ ନଷ୍ଟ ହେଉଛି, ତାହା ଦେଖିଲେ ବହୁତ କଷ୍ଟ ବୋଧ ହେଉଛି। କିଛି ଥିଲାବାଲା ନିଜର ବଡ଼ପଣିଆ ଦେଖାଇହେବା ପାଇଁ ଭୋଜିଭାତରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପ୍ରସ୍ତୁତ କରି ଅତିଥିମାନଙ୍କୁ ପରିବେଷଣ କରି ଗର୍ବିତ ମନେକରୁଛନ୍ତି। ଖାଦ୍ୟ ନିରାପତ୍ତା ଆଇନ ଥିଲେ ମଧ୍ୟ ସରକାରୀ କଳରେ କାର୍ଯ୍ୟରତ କର୍ମଚାରୀମାନେ ତାହା ମାନୁ ନାହାନ୍ତି। ଅନେକ ସରକାରୀ ଉଚ୍ଚ ପଦାଧିକାରୀମାନେ ଆଇନକୁ ଅଣଦେଖା କରି ଅଧିକ ଖାଦ୍ୟ ପ୍ରସ୍ତୁତ କରି ଅତିଥି ସତ୍କାର କରିବା ସହ ଉଦ୍‌ବୃତ୍ତ ଖାଦ୍ୟକୁ ନଷ୍ଟ କରୁଛନ୍ତି। ଗୋଟିଏପଟେ ଜଣେ କୋଭିଲା ଲୋକ ଗଣ୍ଡେ ଖାଇବାକୁ ନିୟମିତ ପାଉ ନ ଥିବା ବେଳେ ଅଯଥାରେ ଅଧିକ ବ୍ୟଞ୍ଜନ କରି ନଷ୍ଟ କରିବା ଏକ ଅନୁଚିତ କର୍ମ ନୁହେଁ କି ? ପରିତାପର ବିଷୟ ଏହିକି, ବଳକା ଖାଦ୍ୟ ଓ ଅତିଥିମାନଙ୍କର ଅଇଁଠା ଖାଦ୍ୟ ଏଣେ ତେଣେ ଫିଙ୍ଗାଯିବା ଫଳରେ ପରିବେଶ ପ୍ରଦୂଷିତ ହେଉଛି। ଏଥିପାଇଁ ନାଗରିକମାନେ ସଚେତନ ହେବାର ଆବଶ୍ୟକତା ରହିଛି।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଚିରନ୍ତନୀ

ବେଗ ଆସେ ବେଢ଼ି ଛାୟା
ଏହି ପଥେ ରହେ ଆହା
ସବୁ ଶୋଭା ନିମେଷରେ ଗୁପତ
ରୂପତୃଷା ନୋହେ କାହିଁ ତୃପତ !
(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗଞ୍ଜାମରେ ହେବନି ଗଣେଶପୂଜା

ଛତ୍ରପୁର,(ଡି.ଏନ୍.ଏ.): କରୋନା ଯୋଗୁ ଚଳିତବର୍ଷ ଗଞ୍ଜାମ ଜିଲାରେ ଗଣେଶ ପୂଜା ଉତ୍ସବ ପାଳନକୁ ଅନୁମତି ଦିଆଯିବ ନାହିଁ। ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଏଥିରେ ସହଯୋଗ କରିବା ସହ ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବାକୁ ଜନସାଧାରଣଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି। ସାମାଜିକ ଦୂରତା ରକ୍ଷାକୁ ସୁନିଶ୍ଚିତ କରିବା, ନୂଆ ସଂକ୍ରମଣ ରୋକିବାରେ ଜିଲାବାସୀଙ୍କ ସହଯୋଗ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଟୁଇଟରରେ ଉଲ୍ଲେଖ କରିଛନ୍ତି। ପଞ୍ଚସୂତ୍ର ନିୟମକୁ ସମସ୍ତ ଦୋକାନୀ ଠିକ୍ ଭାବେ ପାଳନ କରିବାକୁ ଜିଲାପାଳ କହିଛନ୍ତି।

# ବ୍ରାଉନସୁଗାର ର୍‍ୟାକେଟ୍‌ରେ ଏମ୍‌ବିଏ ଛାତ୍ର

ଭୁବନେଶ୍ୱର, (ବ୍ୟୁରୋ)/ ବାଲେଶ୍ୱର ଅଫିସ, ୧୮।୮

- ବାଲେଶ୍ୱର ବସ୍‌ଷ୍ଟାଣ୍ଡରୁ ଗିରଫ କଲା ଏସ୍‌ଟିଏଫ୍
- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ
- ବହି ଭିତରେ ଲୁଚାଇ କାରବାର ଚଳାଉଥିଲେ

ବ୍ରାଉନସୁଗାର କାରବାର କରୁଥିବା ଜଣେ ଏମ୍‌ବିଏ ଛାତ୍ରଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ସୋମବାର ରାତିରେ ବାଲେଶ୍ୱର ବସ୍‌ଷ୍ଟାଣ୍ଡରୁ ଗିରଫ କରିଛି। ତାଙ୍କ ନିକଟରୁ ୧ କେଜି ୩୨୦ ଗ୍ରାମର ବ୍ରାଉନସୁଗାର ସମେତ ୧୪ ହଜାର ଟଙ୍କା, ମୋବାଇଲ ଫୋନ୍, ଏଟିଏମ୍ ଏବଂ ଡେବିଟ୍ କାର୍ଡ ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଏସ୍‌ଟିଏଫ୍ କହିଛି। ଗିରଫ ଛାତ୍ର ହେଲେ ବାଲେଶ୍ୱର ଜିଲା ଟାଉନ ଥାନା ଅନ୍ତର୍ଗତ ସୁନହଟ ବଙ୍କାଖବୁରି ଅଞ୍ଚଳର ସେକ୍ ରିୟାଜୁଦ୍ଦିନ। ସେ ଭୁବନେଶ୍ୱରସ୍ଥ ଏକ ଘରୋଇ କଲେଜର ଶେଷ ବର୍ଷ ଏମ୍‌ବିଏ ଛାତ୍ର। ବହି ଭିତରେ ବ୍ରାଉନସୁଗାର ରଖି ପୋଲିସକୁ ଚକ୍‌ମା ଦେଇ ସେ ଧନ୍ଦା ଜହର କାରବାର ଚଳାଉଥିଲେ। ରିୟାଜୁଦ୍ଦିନ ବାଲେଶ୍ୱରରୁ ବସ୍ ଯୋଗେ ଭୁବନେଶ୍ୱର


ସେକ୍ ରିୟାଜୁଦ୍ଦିନ

ଆସିବାକୁ ଅପେକ୍ଷାରତ ଥିବାବେଳେ ଏସ୍‌ଟିଏଫ୍ ଟିମ୍ କୌଣସି ସୂତ୍ରରୁ ସୂଚନା ପାଇ ତାଙ୍କୁ ଗିରଫ କରିଥିଲା। ଏ ନେଇ ଏସ୍‌ଟିଏଫ୍ ପକ୍ଷରୁ ୨୧(ସି) ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁଯାୟୀ କେସ୍ ନଂ. ୨୨/୨୦ ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଭୁବନେଶ୍ୱର କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯିବା ପରେ ମଙ୍ଗଳବାର ବାଲେଶ୍ୱର କୋର୍ଟ ଚାଲାଣ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ଏପର୍ଯ୍ୟନ୍ତ ଏସ୍‌ଟିଏଫ୍ ରାଜ୍ୟର ବିଭିନ୍ନ ଜିଲାରେ ଚଢାଉ କରି ମୋଟ ୧୬ କେଜି ୭୧୧ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏ ନେଇ ୨୧ଟି ମାମଲା ରୁଜୁ ହୋଇଥିବାବେଳେ ୪୧ଜଣଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ରାୟଗଡ଼ା ଡେପୁଟି କଲେକ୍ଟର ନିଲମ୍ବିତ

ରାୟଗଡ଼ା ଅଫିସ,୧୮।୮: କାର୍ଯ୍ୟରେ ଅବହେଳା ପାଇଁ ରାୟଗଡ଼ା ଡେପୁଟି କଲେକ୍ଟର ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ସମୟରେ ସେ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ରହିବେ। ଜିଲାପାଳଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣ ପ୍ରଶାସନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଜେନାଙ୍କୁ କରୋନା ମୁକାବିଲା ପାଇଁ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ୍‌ରେ ଓଏସ୍‌ଡି(ଅଫିସର୍ ଅନ୍ ସ୍ପେଶାଲ ଡ୍ୟୁଟି)ଭାବେ ନିଯୁକ୍ତ କରାଯାଇଥିଲା।

### ଏମ୍‌ଜିଏନ୍‌ଆରଇଜିଏସ୍: ୧୦୦ ଦିନର କାମ ଦେବାରେ ବଲାଙ୍ଗୀର ପ୍ରଥମ

- ଦ୍ୱିତୀୟରେ ଗଞ୍ଜାମ
- ପଛରେ ବୌଦ୍ଧ

ବଲାଙ୍ଗୀର ଅଫିସ, ୧୮।୮: ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ସମଗ୍ର ରାଜ୍ୟରେ ବଲାଙ୍ଗୀର ଜିଲା ନୂଆ ରେକର୍ଡ ସୃଷ୍ଟି କରିଛି। ଏହି ଯୋଜନାରେ ସର୍ବାଧିକ ପରିବାରକୁ ୧୦୦ ଦିନର କାମ ଦେବାରେ ବଲାଙ୍ଗୀର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସୁଦ୍ଧା ଜିଲାର ୩୮୯୮ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ବଲାଙ୍ଗୀର ପଛକୁ ଗଞ୍ଜାମ ଜିଲାର ୩୮୧୫ ପରିବାରକୁ ୧୦୦ ଦିନର କାମ ମିଳିଛି। ସୁନ୍ଦରଗଡ଼ ଜିଲାର ୩୫୨୧ ପରିବାର ୧୦୦ ଦିନର କାମ କରି ତୃତୀୟ ସ୍ଥାନରେ ରହିଛି। ନବରଙ୍ଗପୁର ଜିଲାର ୨୭୮୯ ପରିବାର ଓ କନ୍ଧମାଳ ଜିଲାର ୨୭୬୮ ପରିବାର ୧୦୦ ଦିନର କାମ ଦେଇ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। କୋରାପୁଟ ଜିଲାର ୨୫୯୦ ପରିବାର ଓ ନୂଆପଡ଼ା ଜିଲାର ୨୩୮୯ ପରିବାର ୧୦୦ ଦିନ କାମ କରି ଯଥାକ୍ରମେ ଷଷ୍ଠ ଓ ସପ୍ତମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷେ ୧୦୦ ଦିନ କାମ ଯୋଗାଇବାରେ ବୌଦ୍ଧ ଜିଲା ସବା ପଛରେ ରହିଛି। ୩୦ ନମ୍ବର ଜିଲା ଭାବେ ବୌଦ୍ଧ ଜିଲାରେ ମାତ୍ର ୧୫ ପରିବାର ଶହେ ଦିନର କାମ ପାଇଛନ୍ତି। ସେହିପରି ଜଗତ୍‌ସିଂହପୁର ଜିଲାରେ ୧୮, ଭଦ୍ରକରେ ୨୩, ପୁରୀରେ ୪୧ ଓ କେନ୍ଦ୍ରପଡାରେ ୭୯ ପରିବାର ୧୦୦ ଦିନର କାମ ପାଇଥିବା ସରକାରୀ ତଥ୍ୟରୁ ଜଣାପଡିଛି।

### ଘରର ବୟସ୍କା ମହିଳାଙ୍କୁ ସାନିଟାରି ନାପକିନ ଯୋଗାନ୍ତୁ: ଭାଜପା

ଭୁବନେଶ୍ୱର,୧୮।୮(ବ୍ୟୁରୋ): ୭୪ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ଝିଅ ଏବଂ ମହିଳାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଶସ୍ତାରେ ସାନିଟାରି ନାପକିନ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ମୋଦି ସରକାର ଦେଶବ୍ୟାପୀ ୬ ହଜାରରୁ ଅଧିକ ଜନଔଷଧୀ କେନ୍ଦ୍ରରେ ୫ କୋଟିରୁ ଅଧିକ ସାନିଟାରି ନାପ୍‌କିନ୍ ମାତ୍ର ୧ ଟଙ୍କାରେ ଉପଲବ୍ଧ କରାଇଛନ୍ତି। ମୋଦି ସରକାରଙ୍କ ଏହି ପଦକ୍ଷେପକୁ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଧନ୍ୟବାଦ ଜଣାଇ କହିଛନ୍ତି, ପ୍ରତି ଘରେ ଝିଅ ଏବଂ ମହିଳାମାନେ ସେମାନଙ୍କ ଋତୁସ୍ରାବ ସମୟରେ ସାନିଟାରି ନାପ୍‌କିନ୍ ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି। ଗ୍ରାମାଞ୍ଚଳରେ ୧୨ ପ୍ରତିଶତ ମହିଳା ଏବଂ ସହରାଞ୍ଚଳରେ ୫୦ ପ୍ରତିଶତ ମହିଳା ସାନିଟାରି ନାପ୍‌କିନ୍ ବ୍ୟବହାର କରୁଛନ୍ତି। ଦେଶବ୍ୟାପୀ ମାତ୍ର ୨୦ ପ୍ରତିଶତ ମହିଳା ସାନିଟାରି ନାପ୍‌କିନ୍ ବ୍ୟବହାର କରୁଛନ୍ତି। ବାକି ମହିଳାମାନେ ସାନିଟାରି ନାପ୍‌କିନ୍ ବ୍ୟବହାର କରୁ ନ ଥିବା ଯୋଗୁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ଏହାଦ୍ୱାରା ଆଗାମୀ ଦିନରେ ସର୍ଭାଇକାଲ କ୍ୟାନସର ହେବାର ଆଶଙ୍କା ରହିଛି। ତେଣୁ ଘରର ମୁରବୀ ତଥା ପୁରୁଷମାନେ ସାମିଲ ହୋଇ ମହିଳାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସାନିଟାରି ନାପ୍‌କିନ୍ ଯୋଗାଇ ଦେବାର ସଂକଳ୍ପ ନିଅନ୍ତୁ ବୋଲି ଲେଖାଶ୍ରୀ କହିଛନ୍ତି।



ପଣ୍ଡିତ ଯଶରାଜଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ମଙ୍ଗଳବାର ପୁରୀଠାରେ ବାଲୁକା ଶିଳ୍ପୀ ଶ୍ରୀଧର ଦାସଙ୍କ ସ୍ୟାଣ୍ଡ ଆନିମେଶନ।

# ଅଧିକ ୟୁରିଆ ଆବଶ୍ୟକ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

- କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କଲେ ରାଜ୍ୟ କୃଷିମନ୍ତ୍ରୀ
- ଚାହିଦାରୁ ୧୩,୭୭୨ ମେଟ୍ରିକ ଟନ୍ କମ୍ ଯୋଗାଇଛି କେନ୍ଦ୍ର
- ବିଦେଶରୁ ଆମଦାନୀ ହେଉଥିବା ୟୁରିଆ ଦିଆଯାଉ

ଚଳିତ ଖରିଫ ଚାଷ ଲାଗି ରାଜ୍ୟକୁ ଅଧିକ ୟୁରିଆ ସାରର ଆବଶ୍ୟକତା ରହିଛି। ତେଣୁ ଅଧିକ ୟୁରିଆ ସାର ଯୋଗାଇବାକୁ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ କେନ୍ଦ୍ର ସରକାରଙ୍କ ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ମନ୍‌ସୁଖଭାଇ ମାଣ୍ଡବ୍ୟ ଭିଡିଓ କନ୍‌ଫରେନ୍ସରେ ରାଜ୍ୟ କୃଷିମନ୍ତ୍ରୀମାନଙ୍କ ସହ ବୈଠକ କରି ସାର ଯୋଗାଣର ଉପରେ ସମୀକ୍ଷା କରିଛନ୍ତି।

ଏଥିରେ ମନ୍ତ୍ରୀ ସାହୁ ଅଗଷ୍ଟରେ ବାକି ଥିବା ୟୁରିଆ ସାର ତୁରନ୍ତ ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଅନୁରୋଧ କରିଛନ୍ତି। ଜୁଲାଇ ଦ୍ୱିତୀୟ ସପ୍ତାହରୁ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ୟୁରିଆର ଚାହିଦା ଅଧିକ ଥାଏ। ୨୦୨୦ ଜୁନ୍‌ରେ ରାଜ୍ୟର ୟୁରିଆ ସାର ଚାହିଦା ୭୦ ହଜାର ମେଟ୍ରିକ୍ ଟନ୍ ଥିବାବେଳେ ୫୬ ହଜାର ୨୨୮ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଥିଲା, ଯାହା ଚାହିଦାଠାରୁ ୧୩ ହଜାର ୭୭୨ ମେଟ୍ରିକ୍ ଟନ୍ କମ୍ ଥିଲା। ସେହିପରି ଜୁଲାଇରେ ୧୯ ହଜାର ୬୧୯ ମେଟ୍ରିକ୍ ଟନ୍ କମ୍ ସାର ଓଡ଼ିଶାକୁ ଯୋଗାଣ ହୋଇଥିଲା। ଅଗଷ୍ଟରେ ରାଜ୍ୟରେ ଏକ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକତା ଥିବାବେଳେ ଅଗଷ୍ଟ ୧୭ ସୁଦ୍ଧା ରାଜ୍ୟକୁ ମାତ୍ର ୩୪ ହଜାର ୧୫୦ ମେଟ୍ରିକ୍ ଟନ୍ ଯୋଗାଣ ହୋଇଛି। ଜୁନ୍ ଓ ଜୁଲାଇ ମାସର ନିଅଣ୍ଟିଆ ସାର ଯୋଗାଣ ଏବଂ ଅଗଷ୍ଟର ବାକି ଅବଧି ପାଇଁ ରାଜ୍ୟରେ ୧ ଲକ୍ଷ ୩ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକତା ରହିଛି। ଓଡ଼ିଶାରେ ଖରିଫରେ ମୁଖ୍ୟତଃ ଧାନଚାଷ କରାଯାଉଥିବା ବେଳେ ଅଧିକ ୟୁରିଆ ସାରର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ତରଫରୁ ଇଫ୍‌କୋ, ଆର୍‌ସିଏଫ୍, ଏନ୍‌ଏଲ୍‌ଏଫ୍ ଆଦି ସାର କମ୍ପାନୀଗୁଡ଼ିକ ନିଜସ୍ୱ ଉତ୍ପାଦିତ ସାର ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଥିବା ବେଳେ ରାଜ୍ୟକୁ ବିଦେଶରୁ ଆମଦାନୀ ହେଉଥିବା ୟୁରିଆ ସାର ଉପଲବ୍ଧ ହୋଇନାହିଁ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟକୁ ଇଣ୍ଡିଆନ ପଟାସ ଲିମିଟେଡ୍ ପକ୍ଷରୁ ବିଦେଶରୁ ଆମଦାନୀ ହେଉଥିବା ୟୁରିଆ ସାର ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି। ରାଜ୍ୟରେ ୟୁରିଆ ସାର ଖୁଚୁରା ବିକ୍ରୟକୁ କ୍ୟାଶ୍‌ଲେସ୍ ଓ ଡିଜିଟାଲ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଅଦ୍ୟାବଧି ହଜାରଟି ଖୁଚୁରା ସାର ବିକ୍ରୟ କେନ୍ଦ୍ରକୁ ଡିଜିଟାଲ କରାଯାଇଥିବା ମନ୍ତ୍ରୀ ସାହୁ କହିଛନ୍ତି।

## ସାପ କାମୁଡ଼ାରେ ୨ ମହିଳା ମୃତ

ବୋଲଗଡ଼/ନିରାକାରପୁର,୧୮।୮ (ଡି.ଏନ୍.ଏ.): ସାପ କାମୁଡ଼ାରେ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମର ବାଳାମଣି ରାଉତରାୟ ଓ ଟାଙ୍ଗୀ ବ୍ଲକ ଗୋବରାମୁଣ୍ଡର ସୁକାନ୍ତି ଓଝା। ବାଳାମଣି ସୋମବାର ରାତିରେ ଶୋଇଥିବା ବେଳେ ସାପ କାମୁଡ଼ି ଥିଲା। ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସୁକାନ୍ତିଙ୍କୁ ସାପ କାମୁଡ଼ି ଥିଲା। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୋମବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆର୍‌ଟିଓ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ପରିବହନ ବିଭାଗର କେତେକ ଅଧିକାରୀଙ୍କୁ ପଦୋନ୍ନତି ଦିଆଯିବା ସହ କେତେକ ଆର୍‌ଟିଓଙ୍କୁ ବଦଳି କରାଯାଇଛି। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଯୁଗ୍ମ ସଚିବ ପରିବହନ (ବୈଷୟିକ) ମନୋରଞ୍ଜନ ଲୋଧାଙ୍କୁ ଅତିରିକ୍ତ କମିଶନର ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବା ବେଳେ ସମ୍ବଲପୁର ଉତ୍ତର ଜୋନ୍‌ର ଡେପୁଟି କମିଶନର ଧନଞ୍ଜୟ ସେନାପତିଙ୍କୁ ଯୁଗ୍ମ କମିଶନର ପରିବହନ (ବୈଷୟିକ)ପଦୋନ୍ନତି ଦିଆଯାଇଛି। ପଦୋନ୍ନତି ପରେ ସେନାପତିଙ୍କୁ ଭୁବନେଶ୍ୱରରେ ମନୋରଞ୍ଜନ ଲୋଧାଙ୍କ ସ୍ଥାନକୁ ବଦଳି କରାଯାଇଛି। କଟକ ଆଞ୍ଚଳିକ ପରିବହନ ଅଧିକାରୀ ଦୀପ୍ତିରଞ୍ଜନ ପାତ୍ରଙ୍କୁ ଡେପୁଟି କମିଶନର ପରିବହନ(ବୈଷୟିକ) ପଦୋନ୍ନତି ଦିଆଯାଇଛି। ତାଙ୍କୁ ସମ୍ବଲପୁର ଉତ୍ତର ଜୋନ୍‌ରେ ନିଯୁକ୍ତି ଦିଆଯାଇଛି। କଟକ ଆର୍‌ଟିଓ କାର୍ଯ୍ୟାଳୟର ଆଇଏମ୍‌ଭି ରଶ୍ମି ରଞ୍ଜିତ ଦଳବେହେରାଙ୍କୁ ଆର୍‌ଟିଓ ଭାବେ ପଦୋନ୍ନତି ଦିଆଯାଇଛି। ପଦୋନ୍ନତି ପରେ ତାଙ୍କୁ ବାଲେଶ୍ୱର ଆର୍‌ଟିଓ ଭାବେ ବଦଳି କରାଯାଇଛି। ସମ୍ବଲପୁର ଆଇଏମ୍‌ଭି ବିଭା ଭଞ୍ଜନ ସାମନ୍ତ ସିଂହାରରାୟଙ୍କୁ ଆର୍‌ଟିଓ ପଦବୀକୁ ପଦୋନ୍ନତି ଦିଆଯାଇଛି। ସାମନ୍ତ ସିଂହାରରାୟଙ୍କୁ ପଦୋନ୍ନତି ପରେ ଅନୁଗୋଳ ଆର୍‌ଟିଓ ଭାବେ ନିଯୁକ୍ତି ଦିଆଯାଇଛି। ନବରଙ୍ଗପୁର ଆଇଏମ୍‌ଭି ସନତ କୁମାର ଜେନାଙ୍କୁ ଆର୍‌ଟିଓ ଭାବେ ପଦୋନ୍ନତି ଦିଆଯାଇ ନୟାଗଡ଼ ଆର୍‌ଟିଓ ଭାବେ ନିଯୁକ୍ତି ଦିଆଯାଇଛି।

ପଦୋନ୍ନତି ପରେ ସମ୍ବିତ କୁମାରଙ୍କୁ ବରଗଡ଼ ଆର୍‌ଟିଓ, ଅନୁଗୋଳର ଜିତେନ୍ଦ୍ର କୁମାର ଭୋଇଙ୍କୁ ନବରଙ୍ଗପୁର, କଳାହାଣ୍ଡି ଆର୍‌ଟିଓ ଦୀନବନ୍ଧୁ ଶୁଣ୍ଡିଙ୍କୁ ଝାରସୁଗୁଡା, ସୁନ୍ଦରଗଡ଼ ଆରଟିଓ ରାମ ନିବାସ ସିରିକାଙ୍କୁ କଳାହାଣ୍ଡି, ଭୁବନେଶ୍ୱର-୨ର ଆର୍‌ଟିଓ ସଞ୍ଜୟ କୁମାର ବେହେରାଙ୍କୁ କଟକ, ବାଲେଶ୍ୱର ଆର୍‌ଟିଓ ବିକାଶ ଚନ୍ଦ୍ର ଚୌଧୁରୀଙ୍କୁ ଗଞ୍ଜାମ, ବରଗଡ଼ ଆର୍‌ଟିଓ କେଶବ ଚନ୍ଦ୍ର ନାୟକଙ୍କୁ ଚଣ୍ଡିଖୋଲ ଏବଂ ଗଞ୍ଜାମ ଆର୍‌ଟିଓ ସଞ୍ଜୟକୁମାର ବିଶ୍ୱାଳଙ୍କୁ ଭୁବନେଶ୍ୱର-୨ ଆର୍‌ଟିଓ ଭାବେ ବଦଳି କରାଯାଇଛି।

## ପୂଜା ଅନୁମତି ପାଇଁ ଜନସ୍ୱାର୍ଥ ମାମଲା

ଦ୍ୱୈତନଗରୀରେ ଗଣେଶ ଉତ୍ସବ ବନ୍ଦ

କଟକ ଅଫିସ,୧୮।୮

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ଦ୍ୱୈତନଗରୀରେ ଗଣେଶ ପୂଜା ଉପରେ କଟକଣା ଲଗାଇଛି। ପୋଲିସର ଏହି ପଦକ୍ଷେପକୁ ଚ୍ୟାଲେଞ୍ଜ କରି ମଙ୍ଗଳବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। କଟକ ନଗର ବୁଢ଼ା ଗଣେଶ କମିଟିର ସଭାପତି ଶିବାନନ୍ଦ କୁମାର ହାତୀ ଏହି ମାମଲା କରିଛନ୍ତି। ଏଥିରେ ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର, ପୋଲିସ କମିଶନର, କଟକ ଜିଲାପାଳ, କଟକ ଡିସିପି, କଟକ ମହାନଗର ନିଗମ କମିଶନର, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନରେ ଦର୍ଶାଯାଇଛିଯେ, କଟକ ଓ ଭୁବନେଶ୍ୱରରେ ଗଣେଶ ପୂଜା ହେଉଛି ଅନ୍ୟତମ ବଡ଼ ଉତ୍ସବ। ବକ୍ସିବଜାର ବଣିଆ ସାହିରେ ପ୍ରାୟ ୬ ଶହ ବର୍ଷ ହେଲା ଗଣେଶ ପୂଜା ପାଳିତ ହୋଇଆସୁଛି। ସହରର ଅନ୍ୟ ସ୍ଥାନରେ ପ୍ରାୟ ୪ ଶହ ବର୍ଷ ହେଲା ପୂଜା ଆୟୋଜିତ ହେଉଛି। ସଂକ୍ରମଣ ରୋକିବା ପାଇଁ ସରକାର ଯାହା ପଦକ୍ଷେପ ଠିକ୍ ଭାବୁଛନ୍ତି, ତାହା କାର୍ଯ୍ୟକାରୀ କରିପାରିବେ। କିନ୍ତୁ ସମ୍ବିଧାନରେ ନାଗରିକଙ୍କୁ ଧାର୍ମିକ ସ୍ୱାଧୀନତା ଦିଆଯାଇଛି। ତେଣୁ ପୂଜାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଅସାମ୍ବିଧାନିକ ନିଷ୍ପତ୍ତି। ପୂଜା କମିଟିଗୁଡ଼ିକ ଜାକଜମକ ବିନା କେବଳ ମୂର୍ତ୍ତି ପୂଜା ପାଇଁ ଆଗ୍ରହୀ ଅଛନ୍ତି। ୧୦ରୁ ୨୦ ଜଣ ଭକ୍ତଙ୍କୁ ନେଇ କେବଳ ପୂଜା ବିଧି ହୋଇପାରିବ। ଏହି ସମୟରେ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପିନ୍ଧାଯିବ। ବିନା ଜନଗହଳିରେ ବିସର୍ଜନ ମଧ୍ୟ କରାଯିବ। ତେଣୁ ଗଣେଶ ପୂଜା ବନ୍ଦ କରିବା ନେଇ ପକ୍ଷଭୁକ୍ତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ଓ ପୂଜା ପାଇଁ ଅନୁମତି ଦେବାକୁ କୋର୍ଟଙ୍କ ପାଖରେ ନିବେଦନ କରାଯାଇଛି।

## ବଢ଼ିଲା ପୁନଃ ଯାଞ୍ଚ ଆବେଦନ ଅବଧି

ମାଟ୍ରିକ ପରୀକ୍ଷା

କଟକ ଅଫିସ,୧୮।୮: ମାଟ୍ରିକ ପରୀକ୍ଷାର ବିଭିନ୍ନ ବିଷୟର ପୁନଃ ଯାଞ୍ଚ, ପରୀକ୍ଷା ଖାତାର ଅବିକଳ ନକଲ ପାଇଁ ଦରଖାସ୍ତ ଓ ଫି' ଦାଖଲ ପ୍ରକ୍ରିୟା ଅବଧି ବୃଦ୍ଧି କରାଯାଇଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ୧୮ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ରହିଥିଲା। କିନ୍ତୁ ଏବେ ୨୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଫି' ଦାଖଲ କରିହେବ ବୋଲି ବୋର୍ଡ କାର୍ଯ୍ୟାଳୟ ପ୍ରେସ୍ ବିବୃତିରେ ସୂଚନା ଦେଇଛି। ଫର୍ମ ଦାଖଲର ଶେଷ ସମୟ ୨୧ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଏହାପରେ ଏହି ପ୍ରକ୍ରିୟା ପାଇଁ ଆଉ ସମୟ ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ କହିଛି। ୨୪ ଘଣ୍ଟିଆ ଅନ୍‌ଲାଇନ ଆବେଦନ ଚାଲୁ ରହିଛି। ଖାତାର ଅବିକଳ ନକଲ ବୋର୍ଡର ୱେବ୍‌ସାଇଟରୁ ଡାଉନଲୋଡ୍ କରିହେବ। ଅନ୍ୟପକ୍ଷରେ ୨୦୨୧ ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ ଏନ୍‌ରୋଲମେଣ୍ଟ ଡାଟା ସଂଶୋଧନର ସମୟସୀମା ଆସନ୍ତା ୨୦ରୁ ୩୧ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ସ୍ଥିର କରାଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଆଇଡି ଓ ପାସୱାର୍ଡ ଦେଇ ଛାତ୍ରୀଛାତ୍ରଙ୍କ ତଥ୍ୟ ରଖିବେ।

## ପାଣିରେ ବୁଡ଼ି ମା', ଝିଅଙ୍କ ମୃତ୍ୟୁ

ରାଇଘର, ୧୮।୮(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ରାଇଘର ବ୍ଲକ ହାଟଭରଣ୍ଡି ଗ୍ରାମରେ ମଙ୍ଗଳବାର ପାଣିରେ ବୁଡ଼ିଯାଇ ମା' ଓ ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରକାଶ ଗଣ୍ଡଙ୍କ ସ୍ତ୍ରୀ ରଶ୍ମି (୨୪) ଓ ତାଙ୍କର ୧୧ ମାସର ଝିଅ ପିଙ୍କି।

ପ୍ରକାଶ ଯେ,ରଶ୍ମି ୬ ବର୍ଷ ତଳେ ନିଜ ଗାଁର ପ୍ରକାଶଙ୍କୁ ବିବାହ କରିଥିଲେ। ପ୍ରକାଶ କିଛିଦିନ ତଳେ ଆନ୍ଧ୍ରକୁ ଦାଦନ ଖଟିବାକୁ ଯିବାପରେ ରଶ୍ମି ତାଙ୍କ ବାପଘରେ ରହୁଥିଲେ। ମଙ୍ଗଳବାର ସକାଳୁ ଶୌଚହେବା ପାଇଁ ରଶ୍ମି ଝିଅ ପିଙ୍କିକୁ ଧରି ଗାଁ ନିକଟ ପୋଖରୀକୁ ଯାଇଥିଲେ। ସେଠାରେ କୌଣସି କାରଣବଶତଃ ଉଭୟେ ବୁଡ଼ିଯାଇଥିଲେ। ସେହି ରାସ୍ତା ଦେଇ ଗାଁର ଜଣେ ଯୁବକ ଯାଉଥିବାବେଳେ ରଶ୍ମିଙ୍କ ମୃତଦେହ ଭାସୁଥିବା ଦେଖି ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଏନେଇ କୁନ୍ଦେଇ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ରଶ୍ମିଙ୍କ ମୃତଦେହ ଉଦ୍ଧାର କରିଥିଲା। ପିଙ୍କିର ମୃତଦେହ ନ ମିଳିବାରୁ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି ପରେ ଉଦ୍ଧାର କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ନଂ.୧୪/୨୦ ଓ ୧୫/୨୦ରେ ମାମଲା ରୁଜୁ କରିଛି।

କୋଭିଡ୍ ସାନିଟାଇଜେସନ ସେଣ୍ଟର, ଭୁବନେଶ୍ୱର ପାଇଁ
ଫିଲ୍‌ଡ ଯୁବକ ଆବଶ୍ୟକ
ମାସିକ ଦରମା ଟ୧୦୦୦୦ ରୁ ଟ୧୫୦୦୦
ଯୋଗାଯୋଗ:
Mob.:7978558732
7077982137

Wanted Life Insurance Advisor, * Unlimited Income Source, *Flexible working hours *Qualification: 10th / +2/ Graduate, Area of Operation – Cuttack, Athagarh, Badamba, Tigiria & Narsingpur.
Contact : 7008823334

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL
OFFICE OF DGM (EL), E.H.T. (C) DIVISION, BERHAMPUR - 760007
NOTICE INVITING TENDER
TENDER CALL NOTICE NO.- 03/2020-21
Advt No.: 02/2020-21 Dated: 18.08.2020
Sealed tenders are invited from Travel Agencies/Vehicle owner having valid Good & Services Tax Registration Certificate, PAN, Fitness Certificate, Taxi Permit & Insurance Policy, Non-Pollution Certificate, R.C. Book for "HIRING OF DIESEL RUN COMMERCIAL REGISTERED LIGHT VEHICLES ON MONTHLY BASIS WITH DAILY HIRING RATE FOR EHT(C) DIVISION, BERHAMPUR".

| Name of Unit | Type of Vehicle | Cost of Tender Paper | EMD Amount |
|---|---|---|---|
| EHT(C), Aska | Non A/C Bolero or Equivalent | Rs.4480.00 | Rs.5753/- |
| EHT(C) S/D. Baliguda | | Rs.4480.00 | Rs.5753/- |

Sale of Tender documents from 20.08.2020 to 08.09.2020. Last date of submission of tender: 03.00 P.M. of 09.09.2020. Date of Opening of Tender: 04.00 P.M. of 09.09.2020. For details please visit our website www.optcl.co.in or office in official hours. Corrigendum if any will be published in the office notice board only. Tender paper cost is non-refundable.
Sd./- DGM (Elect.)

ତହସିଲ କାର୍ଯ୍ୟାଳୟ, ଓଡ଼ଗାଁ
TAHASIL OFFICE, ODAGAON
Tel.No.06753-260050,
e-mail:tahasildar.odagaon@gmail.com
ବିଜ୍ଞାପନ ପତ୍ର ସଂ.2225 ତା17.8.20
ଲଘୁ ଖଣିଜ ଉତ୍ସ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ତହସିଲଦାର, ଓଡ଼ଗାଁଙ୍କ ବିଜ୍ଞାପନ ସଂଖ୍ୟା ୨୨୨୫ ତା୧୭।୮।୨୦ ଅନୁଯାୟୀ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଓଡ଼ଗାଁ ତହସିଲ ଅନ୍ତର୍ଗତ ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)ଗୁଡିକ ନିମନ୍ତେ ଆଗାମୀ ପାଞ୍ଚ ବର୍ଷ ପାଇଁ (୨୦୨୦-୨୦୨୧ରୁ ୨୦୨୪-୨୦୨୫) ଦୀର୍ଘମିଆଦୀ ଲିଜ୍ ସୂତ୍ରେ ଦେବା ପାଇଁ ଜଉମୁଦ ଟେଣ୍ଡର ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ଖାତା ନଂ. ପ୍ଲଟ୍ ନଂ., କିସମ, ରକବା ଓ ଦରଖାସ୍ତ ଗ୍ରହଣର ସମୟସୀମା ଇତ୍ୟାଦିର ସୂଚନା ନୟାଗଡ଼ ଜିଲ୍ଲା ୱେବ୍‌ସାଇଟ୍ (www.nayagarh.nic.in) ଅଧୀନରେ ଉପଲବ୍ଧ ଅଟେ । ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯେକୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି ।
ସ୍ୱା./– ତହସିଲଦାର, ଓଡ଼ଗାଁ

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BDFC Finance
(ରେଜିଷ୍ଟର୍ଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ 2 ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକକୁ ମନଚାହିଁ ପୁରସ୍କାର।
9910560681

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ • ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

BANDHAN FINANCE
(Regd No -1125124)
Bandhan ଋଣ ଲିମିଟେଡ୍
ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ଖର୍ଚ୍ଚ ଋଣରୁ କଟିବ
SHYAM FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
075875-54071

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ମୁଗ, ବିରି ବୁଣିବା ସମୟରେ...




**ପ**ଡିଆ ପଡିଥିବା ଢିପ ଜମିରେ ମୁଗ, ବିରି ବୁଣାବୁଣି କାମ ଶେଷ କରନ୍ତୁ। ଆମ ରାଜ୍ୟର ଜଳବାୟୁ ପାଇଁ ଉନ୍ନତ ମୁଗ କିସମ: କେ-୮୫୧, ପିଡିଏମ-୧୧, ପିଡିଏମ-୫୪ ଏବଂ ଓୟୁଏମ-୧୧-୫। ବିରିର ଉନ୍ନତ କିସମ ହେଲା- ଟି-୯, ପନ୍ତ-ୟୁ-୧୧, ପନ୍ତ-ୟୁ-୧୯ ଏବଂ ପନ୍ତ-ୟୁ-୩୦। ଏକର ପ୍ରତି ୮-୧୦ କିଗ୍ରା ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ କିଗ୍ରା ପ୍ରତି ୨ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ଗୋଳାଇ ବିହନ ବିଶୋଧନ କରନ୍ତୁ। ବିହନ ବିଶୋଧନ ପରେ ବୁଣିବା ଦିନ ୮-୧୦ କିଗ୍ରା ବିହନକୁ ୨୦୦ ଗ୍ରାମ ନିର୍ଦ୍ଦିଷ୍ଟ ବୀଜାଣୁ କଲଚରରେ ଗୋଳାଇ ବିହନ ଉପଚାର କରନ୍ତୁ। ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ, ୧୬ କିଗ୍ରା ଫସଫରସ ଓ ୮ କିଗ୍ରା ପଟାସ୍ ସାର ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଜଳସେଚିତ ମଧ୍ୟମ କିସମ ଫସଲରେ ୫୦ ପ୍ରତିଶତ ଅଧିକ ସାର ପ୍ରୟୋଗ କରନ୍ତୁ। ବିହନଗୁଡିକୁ ଧାଡିରେ ବୁଣନ୍ତୁ। ଧାଡିକୁ ଧାଡି ୩୦ ସେମି ଏବଂ ଗଛକୁ ଗଛ ୧୦ସେମି ବ୍ୟବଧାନ ରଖନ୍ତୁ। ବର୍ତ୍ତମାନ ବର୍ଷା ପାଗରେ ମୁଗ, ବିରି, ହରଡ ଆଦି ଡାଲିଜାତୀୟ ଫସଲରେ ନାଲି ଓ କଳା ଶମ୍ବାଳୁଆ ପୋକ ପତ୍ର ଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ତେଣୁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ସକାଳବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ପତ୍ର କଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ମେଘୁଆ ପାଗ ହୋଇଥିଲେ ଜଉ ପୋକ ଲାଗିବାର ଆଶଙ୍କା ରହିଛି। ଗଛରେ ପିମ୍ପୁଡି କିମ୍ବା ଜନ୍ଦା ଲାଗିଲେ ଜଉ ପୋକ ଲାଗିବାର ଜଣାପଡିଥାଏ। ସେଥିରୁ ରକ୍ଷା ପାଇବା ସକାଶେ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ ସିଞ୍ଚନ କରନ୍ତୁ।

# ଅନ୍ତରେ...



**ରୁଆ ଧାନ:** ଅନୁମୋଦିତ ପ୍ରଣାଳୀରେ ଧାନ ରୋଇ ସାରିଥିଲେ ଏବଂ ତାହା ୨୦ ଦିନର ହୋଇଯାଇଥିଲେ ସେଥିରୁ ଅନାବନା ଘାସ ବାଛି କିସମ ଅନୁଯାୟୀ ଏକର ପ୍ରତି ୧୨-୧୬ କିଗ୍ରା ଯବକ୍ଷାରଜାନ ପିଲସାର ଆକାରରେ ପ୍ରୟୋଗ କରନ୍ତୁ। ବିଳମ୍ବରେ ପକାଯାଇଥିବା ତଳି ୨୧ରୁ ୨୫ଦିନର ହୋଇଯାଇଥିଲେ (୪-୫ ପତ୍ର ବିଶିଷ୍ଟ ତଳି) ରୋଇବା କାମ ଶୀଘ୍ର ଶେଷ କରନ୍ତୁ। ସେପରି ସ୍ଥଳେ ତଳି ରୋଇବା ପାଇଁ ମୁଖ୍ୟ କିଆରିକୁ କାଦୁଅ କରନ୍ତୁ। ପ୍ରଥମେ ୩-୪ ଓଡ ଚାଷ କରି ପାଣି ବାନ୍ଧି ରଖନ୍ତୁ। ରୋଇବା ଦିନ ଅତ୍ୟଧିକ ପାଣି ନିଗାଡି ଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ପାଇଁ ଆଜୋଲା ବଢ଼ାଇ ଥିଲେ କାଦୁଅ ବେଳେ ହଳ କରି ମାଟିରେ ମିଶାଇ ଦିଅନ୍ତୁ।

**ଲେମ୍ବୁ:** ଏବେ ଲେମ୍ବୁ ଗଛ ଲଗାଇବାର ଉପଯୁକ୍ତ ସମୟ। ଲେମ୍ବୁର ଉନ୍ନତ କିସମ ମଧ୍ୟରେ ରହିଛି- ଲେମୋନର୍ ୟୁରେକା, ଲିସ୍ବନ୍, ଭିଲାଫ୍ରାଙ୍କା, ମେକ୍ସିକାନ୍ ଲାଇମ୍, ସରବତି ଲାଇମ୍ ଓ ଟାହିଆ। ୫X୫ ମିଟର ଦୂରତାରେ ୦.୭୫X୦.୭୫X୦.୭୫ ସେମିର ଗାତ ଖୋଳି ଲେମ୍ବୁ ଗଛ ଲଗାନ୍ତୁ। ୦.୩୫ ମିରୁ ୦.୭୫ ମି ଉଚ୍ଚ କେନାବିହୀନ ସୁସ୍ଥ ସବଳ କଲମି ଗଛ କିମ୍ବା ସୁସ୍ଥ ସବଳ ନୀରୋଗ ନିଉସେଲାର ମଞ୍ଜି ଲଗାନ୍ତୁ।

# ଲାଭଜନକ କାକୁଡ଼ି



ଡ. ପରେଶ କୁମାର ପଣ୍ଡା

**କା**କୁଡିର ଚାହିଦା ବର୍ଷସାରା ଓ ସବୁଠାରେ ରହିଛି। ପିଲାଠାରୁ ବୁଢ଼ାଯାଏ କାକୁଡି ସଭିଙ୍କର ପ୍ରିୟ କଞ୍ଚାଖିଆ (ସାଲାଡ୍) ପରିବା। ଏସବୁ ଖାଇ କୋଷ୍ଠକାଠିନ୍ୟ, ବଦହଜମି, ଅମ୍ଳଦୋଷ ଉପଶମ ନିମନ୍ତେ ବ୍ୟବହାର କରାଯାଏ। ଏଥିରେ ଅଧିକ ପରିମାଣର ଧାତବ ସାର (ମିନେରାଲସ), ଜୀବନିକା (ଭିଟାମିନ୍) ଓ ପୁଷ୍ଟିସାର ରହିଥାଏ। ଏହି ଫସଲରୁ କମ ପରିଶ୍ରମରେ ଅଧିକ ଉତ୍ପାଦନ ମିଳିଥାଏ। ଏହାର ଚାଷ ସବୁ ଅଞ୍ଚଳରେ ହୋଇପାରିବ।

ଏହାର ଚାଷ ନିମନ୍ତେ ପ୍ରଚୁର ସୂର୍ଯ୍ୟାଲୋକ ଆବଶ୍ୟକ। ଉର୍ବର, ନିଗିଡା, ଦୋରସା ମାଟି ଏହି ଚାଷ ପାଇଁ ବେଶ୍ ଭଲ। ଉନ୍ନତ, ଅଧିକ ଅମଳକ୍ଷମ କିସମ କାକୁଡି ମଞ୍ଜି ମଧ୍ୟରେ ରହିଛି-ଚଇତାଳି, ପୋଏନସେଟ୍, ନିର୍ମାଲ୍ୟ, ପୁଷା ବରଖା, ପୁଷା ଉଦୟ, ପୁଷା ସିଡ୍‌ଲେସ୍, କୁକୁମ୍ବର-୭, ଲକ୍ଷ୍ମୀ, ପୂଜାକ୍ଷୀରା, ରେନି ସ୍ପେଶାଲ ଅନ୍ୟତମ। ସଙ୍କର କାକୁଡି ବିହନ ମଧ୍ୟରେ ରହିଛି ପୁଷା ସଂଯୋଗ, ଟେଷ୍ଟି, ସିମରନ୍, ରାନୀ, ତୃପ୍ତି, ଆଦାକସ୍।

ଏକର ପ୍ରତି ୧.୫ କିଗ୍ରା ମଞ୍ଜିକୁ ବିଶୋଧନ କରିବା ପରେ ମୁଖ୍ୟ ଜମିରେ ମନ୍ଦାରେ ଲଗାଯାଏ। ଲଗାଇବା ପୂର୍ବରୁ ମଞ୍ଜିକୁ ୮ ଘଣ୍ଟା ପାଣିରେ ଭିଜାଇ ଲଗାଇଲେ ଶୀଘ୍ର ଗଜା ବାହାରିଥାଏ। ଧାଡିକୁ ଧାଡି ୧୫୦ସେମି ଓ ଗଛକୁ ଗଛ ୬୦-୧୦୦ ସେମି ଲମ୍ବ ଓସାର ଓ ଗଭୀର ବିଶିଷ୍ଟ ଗାତ ଖୋଳି ଖତ ଓ ମୂଳସାର ମାଟିରେ ମିଶାଇ ନରମ ମାଟିରେ ମନ୍ଦା ପ୍ରତି ୪-୫ଟି ମଞ୍ଜି ଲଗାନ୍ତୁ। ମୂଳସାର ଭାବେ ୬୦ କୁଇଣ୍ଟାଲ ଶଢ଼ା ଖତ ସହ ୧୦ କିଗ୍ରା ଯବକ୍ଷାରଜାନ, ୧୨ କିଗ୍ରା ଫସଫରସ ଓ ୧୫ କିଗ୍ରା ପଟାସ୍ (ସାର ହିସାବରେ ଡିଏପି ୨୭ କିଗ୍ରା, ୟୁରିଆ ୧୧ କିଗ୍ରା ଓ ପଟାସ (ଏମଓପି) ୨୫ କିଗ୍ରା) ଏକର ପ୍ରତି ପ୍ରୟୋଗ କରନ୍ତୁ। ତାହାର ତିନି ସପ୍ତାହ ବେଳକୁ ପୁନର୍ବାର ୟୁରିଆ ୨୨ କିଗ୍ରା ଓ ଏମଓପି (ପଟାସ୍) ୨୫ କିଗ୍ରା ଦିଅନ୍ତୁ। ଲଗାଇବାର ମାସକ ବେଳକୁ ଅଣୁସାର ପ୍ରୟୋଗ କଲେ ଅମଳ ଅଧିକ ମିଳିଥାଏ। ଲଗାଇବା ସମୟରେ ମନ୍ଦା ଉପରେ ଛାଦିକରଣ ଦ୍ୱାରା ଶୀଘ୍ର ଗଜା ହୋଇଥାଏ। ମନ୍ଦା ପ୍ରତି ସବଳ ୨-୩ଟି ଗଛ ରଖିଲେ ଭଲ।

ଗଛ ଉଠିବାର ୩ ସପ୍ତାହ ଓ ୬ ସପ୍ତାହ ବେଳକୁ ଏହିପରି ଦୁଇ ଥର କୋଡାଖୁସା କରି ଘାସ ବାଛି ତା'ପରେ ସାର ଦେଇ ମୂଳକୁ ମାଟି ଘୋଡାଇ ଦିଅନ୍ତୁ। ପାଗ ଓ ବତର ଦେଖି ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ଗଛ ମୂଳରେ ପାଣି ଜମି ନ ରହୁ ଥିବା ଦରକାର। ଅଧିକ ଉତ୍ତାପ ଅନୁଭୂତ ଅବସ୍ଥାରେ ଗଛରେ ଅଣ୍ଡିରା ଫୁଲ ଅଧିକ ଆସିଥାଏ। ଗଛ ଦୁଇ ପତ୍ରିଆ ଥିବା ବେଳେ ଇଥେଫନ୍ ଏକ ଗ୍ରାମ ୧୦ଲିଟର ପାଣିରେ ପ୍ରତି ସିଞ୍ଚନ କଲେ ମାଈ ଫୁଲ ଅଧିକ ଆସିଥାଏ। ମଡାଇବା ବଦଳରେ ରଞ୍ଜା ଦେଲେ ଭଲ।

ରୋଗ ପୋକ ସଂକ୍ରମଣ ଦେଖି ବିହିତ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ପାଉଁଶିଆ ରୋଗ ପ୍ରତିକାର ଲାଗି ଆଜୋକ୍ସଷ୍ଟ୍ରୋବିନ୍ ୨୩ ପ୍ରତିଶତ ଏସ.ସି.ର. ୧ ମିଲି/କାର୍ବେଣ୍ଡାଜିମ ୫୦ ପ୍ରତିଶତ, ଡବ୍ଲୁପିର ୧.୫ ଗ୍ରାମ; ଆନ୍ଥ୍ରାକ୍ନୋଜ୍ (ପତ୍ରପୋଡା), ପତ୍ରଚିତା ଓ ନିମ୍ନମୁଖୀ ପାଉଁଶିଆ ପାଇଁ ମାନକୋଜେବ/ବିନେବ ୭୫ ପ୍ରତିଶତ, ଡବ୍ଲୁପିର ୨.୫ ଗ୍ରାମ; କାକୁଡି ମୋଜାଇକ୍ ଭୂତାଣୁ ରୋଗ କ୍ଷେତ୍ରରେ ଡାଇମେଥୋଏଟ୍ ୨ ମିଲି ଲିଟର ପାଣିରେ ସିଞ୍ଚନ କରନ୍ତୁ। କିନ୍ତୁ ନାଲି କଖାରୁ ଓ କାଙ୍କେଡିଆ ପୋକର ନିୟନ୍ତ୍ରଣ ଲାଗି କାର୍ବାରିଲ୍ ୨ ଗ୍ରାମ/ଲୋରୋପାଇରିଫସ କିମ୍ବା କୁଇନାଇଲଫସ ୨ ମିଲି ; ଜଉ ଓ ପତ୍ରଡିଆଁ ପୋକ ଲାଗି ଇମିଡାକ୍ଲୋପ୍ରିଡ ୭୦ ପ୍ରତିଶତ, ଡବ୍ଲୁଜି ୦.୦୭ ଗ୍ରାମ ଓ ଫଳ ମାଛିର ପ୍ରତିକାର ଲାଗି ବିଷ ଥୋପ ରଖିବା ବା ମାଲାଥିଅନ ୫୦ ପ୍ରତିଶତ ଇ.ସି.ର ୨ ମିଲି ଲିଟର ପାଣି ପ୍ରତି ସିଞ୍ଚନ କରାଯାଏ।



କାକୁଡି ଅମଳ ଲଗାଇବାର ୪୦-୪୫ ଦିନ ବେଳକୁ ଆରମ୍ଭ ହୋଇଯାଏ। ଫସଲର ଅବଧି ୩-୪ ମାସ। କାକୁଡିକୁ କଅଁଳ ଅବସ୍ଥାରେ ୨-୫ଦିନ ଅନ୍ତରରେ ତୋଳିଲେ ଅଧିକ ଫଳିଥାଏ। ବଜାରକୁ ପଠାଇବା ପୂର୍ବରୁ ସମ୍ପୂର୍ଣ୍ଣ ସବୁଜ ରଙ୍ଗର କାକୁଡିଗୁଡିକୁ ବାଛି ନେଇ ଧୋଇ ପଠାଇଲେ ଭଲ ବଜାର ଦର ମିଳିଥାଏ। ଉତ୍ତମ ଚାଷରୁ ଏକର ପ୍ରତି ୪୦-୬୦କୁଇଣ୍ଟାଲ ଅମଳ ମିଳିଥାଏ।



*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

# ବିଲ ପୋଖରୀରେ ପଦ୍ମଫୁଲ ଚାଷ



ପ୍ରତ୍ୟୁଷ ପଣ୍ଡା



**ପ**ଦ୍ମ ଆମର ଜାତୀୟ ପୁଷ୍ପ। ଆମ ସଂସ୍କୃତିରେ ପଦ୍ମର ସ୍ଥାନ ବି ଅନନ୍ୟ। ପୁଣି ପଦ୍ମ ଫୁଲ ଗଛର ସମସ୍ତ ଅଂଶ ଆମ ବ୍ୟବହାରରେ ଲାଗେ। ତା' ସହ ଏହି ଫୁଲର ଚାହିଦା ବହୁତ ବେଶି। ପଦ୍ମ ଫୁଲ ମନ୍ଦିରରେ ଦେବତାଙ୍କ ଉପରେ ଚଢ଼ାଯାଏ। ଏହାସହ ମାଣବସା ଗୁରୁବାରରେ ପଦ୍ମଫୁଲର ଚାହିଦା ଅଧିକ। ବାସ୍ତୁ ଶାସ୍ତ୍ର ଅନୁସାରେ ପଦ୍ମ ଫୁଲର ବିଶେଷ ବର୍ଣ୍ଣନା ଥିବାରୁ ଲୋକେ ଘରେ ପଦ୍ମଫୁଲ ରଖିବାର ନଜିର ରହିଛି। ପଦ୍ମ ଗଛର ମୂଳକୁ ଖାଦ୍ୟ ଆକାରରେ ବ୍ୟବହାର କରାଯାଏ। ଏହାକୁ 'ମୁରାଓ' କୁହାଯାଏ ଏବଂ ଏହାର ଚାହିଦା ମଧ୍ୟ ବହୁତ ଅଧିକ। ତା'ସହ ପଦ୍ମକୁ ଆମେ ଖାଦ୍ୟ ପରଷା ଖଲି ଆକାରରେ ବ୍ୟବହାର କରିପାରିବା। ଏହି ପତ୍ରରେ ପରଷା ଯାଉଥିବା ଖାଦ୍ୟ ଆକର୍ଷଣୀୟ ହେବା ସହ ଖାଦ୍ୟର ସ୍ୱାଦକୁ ମଧ୍ୟ ଦ୍ୱିଗୁଣିତ କରିଥାଏ। ତେବେ ବର୍ତ୍ତମାନ ରାଜ୍ୟ ସରକାର ବିଲ ପୋଖରୀ ଖନନ ଯୋଜନାରେ ସାରା ରାଜ୍ୟରେ ୫ ଲକ୍ଷ ବିଲପୋଖରୀ ଖୋଳାଇବାର ଲକ୍ଷ୍ୟ ରଖିଛନ୍ତି। ଏହି ବିଲପୋଖରୀରେ ପଦ୍ମ ଚାଷ କରି ଆମ ଚାଷୀଭାଇମାନେ ବେଶ ଦୁଇ ପଇସା ରୋଜଗାର କରିପାରିବେ।

ଏଠାରେ ଏହାର ଲଗାଇବା ପ୍ରଣାଳୀ ଏବଂ ଯତ୍ନ ବିଷୟରେ ଉଲ୍ଲେଖ କରାଯାଉଛି। ପଦ୍ମ ଗଛକୁ ଦୁଇ ପ୍ରକାର ପ୍ରଣାଳୀରେ ଲଗାଯାଇ ପାରିବ- ପଦ୍ମମୂଳକୁ ବ୍ୟବହାର କରି ଏବଂ ପଦ୍ମ ମଞ୍ଜିକୁ ବ୍ୟବହାର କରି। ଯଦି ବିଲ ପୋଖରୀରେ ପଦ୍ମ ଗଛ ସିଧା ଲଗାଇବାକୁ ଚାହିଁବା, ତେବେ ଏହି ପଦ୍ମ ଗଛର ମୂଳକୁ ସଂଗ୍ରହ କରି ପଙ୍କ ପୋଖରୀ ମଧ୍ୟରେ ଲଗାଇ ଦେଇ ପାରିବା କିମ୍ବା ଯଦି ମଞ୍ଜି ଦ୍ୱାରା ଏହା ଲଗାଇବା ତେବେ ଚାରା ପ୍ରସ୍ତୁତ କରିବାକୁ ପଡିଥାଏ। ଚାରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମଞ୍ଜିର ଗୋଜିଆ ପଟକୁ ଭଲ ଭାବରେ ଘଷିବା, ଯେପରି ଭିତରର ଧଳା ଅଂଶ କିଛି ଦେଖାଯିବ। ତା'ପରେ ଗ୍ଲାସ ଜାର୍ କିମ୍ବା ଗ୍ଲାସ ପଟରେ ପାଣି ଦେଇ ଏହି ଘଷା ଯାଇଥିବା ମଞ୍ଜିକୁ ପକାଇବା। ପ୍ରାୟ ୪ ଦିନ ପରେ ମଞ୍ଜି ଅଙ୍କୁରୋଦମ ହେବାର ଦେଖିବା, ତା'ପରେ ସେହି ପାଣି ଯାହା ଏବେ ହଳଦିଆ ପଡିଯାଇଥିବ ତାହାକୁ ବଦଳାଇ ନୂଆ ପାଣି ସେହି ଗ୍ଲାସଜାରରେ ଭରିବା। ପୁଣି ଚାରି ଦିନ ପରେ ଅର୍ଥାତ୍ ଆଠ ଦିନରେ ଦେଖିବା ଗଛ କିଛି ବଡ ହୋଇ ଯାଇଥିବ। ଏବେ କୁଣ୍ଡରେ ଦୁଇ ଇଞ୍ଚ ଯାଏ ମାଟି ବା କାଦୁଅ ଭର୍ତ୍ତି କରି ସେହି ବାହାରିଥିବା ଗଛକୁ ଅଳ୍ପ ପୋତିଦେବା, ଯେପରି ଗଛର ବାହାରିଥିବା ଅଂଶ ଉପରକୁ ରହିବ। ତା'ପରେ କୁଣ୍ଡର ମୂଳ ଯାଏ ବା ଗଛଟିର କିଛିଅଂଶ ଉପରକୁ ଥିବା ଯାଏ ପାଣି ଦେବା, ଯେପରି ଗଛଟି ଭାସିବାର ଦେଖାଯିବ। ଦୁଇ ମାସ ପରେ ଗଛଟି ବଡ ହୋଇଯିବ ଏବଂ ଏହାକୁ ପୋଖରୀରେ ରୋପଣ କରିବା ଲାଗି ଉପଯୁକ୍ତ ହୋଇଯିବ। ଏହି ପ୍ରଣାଳୀରେ ବିଭିନ୍ନ ପଦ୍ମ ଫୁଲ ଚାଷ କରିପାରିବେ। ତେବେ ପଦ୍ମ ଫୁଲ, ତା'ସହ ମୁରାଓ ଏବଂ ପଦ୍ମ ପତ୍ରକୁ ବିକ୍ରୟ କରିପାରିବେ।

ଗୋଟିଏ ବିଲ ପୋଖରୀର ଆୟତନ ୧୦ମିଟର ଦୈର୍ଘ୍ୟ, ୧୦ମିଟର ପ୍ରସ୍ଥ ଓ ୩ ମିଟର ଗଭୀର। ଏହି ପୋଖରୀକୁ ହିସାବକୁ ନେଲେ ୧୦ମିଟର ଲମ୍ବ ପ୍ରସ୍ଥ ବିଶିଷ୍ଟ ପୋଖରୀରେ ୧୦୦ରୁ ୧୧୫ଟି ଗଛ ରହିପାରିବ। ଗୋଟିଏ ଗଛରୁ ୧୦୦ ଟଙ୍କା ପାଇଲେ ଆନୁମାନିକ ଆୟ ପ୍ରାୟ ୧୦,୦୦୦ଟଙ୍କା ହୋଇପାରିବ। ଏହି ପଦ୍ମ ଫୁଲର ମଞ୍ଜି ବିଭିନ୍ନ ଇ-କମର୍ସ ସାଇଟ୍‌ରେ ଉପଲବ୍ଧ। ଚାଷୀଭାଇମାନେ ଏହି ମଞ୍ଜିଗୁଡିକୁ କିଣି ଚାଷ କଲେ ବିଲ ପୋଖରୀଗୁଡିକର ସଦୁପଯୋଗ ହେବା ସହ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବ।

*-୩ୟ ବର୍ଷ କୃଷି ଛାତ୍ର,*
*ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, କଟକ,*
*ମୋ:୭୮୭୩୮୨୭୮୩୦*

# ମହୁଚାଷ ସମ୍ପର୍କରେ...



ଡ. ବିଷ୍ଣୁ ଚରଣ ଜେନା

**ଓ**ଡ଼ିଶାର ବରୀଠାରେ ୧୯୩୬ ମସିହାରେ ମହୁ ଚାଷ ଆରମ୍ଭ ହେଲା। ମହାତ୍ମା ଗାନ୍ଧୀ ମହୁଚାଷକୁ କ୍ଷୁଦ୍ର ଶିଳ୍ପର ମାନ୍ୟତା ଦେଲେ। ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ବଣ ଜଙ୍ଗଲରେ ବାସ କରୁଥିବା ହରିଜନ ଓ ଆଦିବାସୀ ପାଇଁ ଏହା ଏକ ସ୍ୱଳ୍ପ ବ୍ୟୟ ସମ୍ପନ୍ନ ଏବଂ ଲାଭକାରୀ ବୃତ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ଖଦି ଓ ଗ୍ରାମ୍ୟଶିଳ୍ପ ସମିତି (କେଭିଆଇସି) ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଜିଲାରେ ମହୁଚାଷ ଆରମ୍ଭ ହେଲା। ୧୯୭୬ରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ଜାତୀୟ କୃଷି ସମିତି (ନ୍ୟାଶନାଲ କମିଶନ ଅନ ଏଗ୍ରିକଲଚର)ର ପରାମର୍ଶ ଅନୁଯାୟୀ ଭାରତୀୟ କୃଷି ଗବେଷଣା ଓ ଅନୁସନ୍ଧାନ ପ୍ରତିଷ୍ଠାନ (ଆଇସିଏଆର) ସର୍ବଭାରତୀୟ ସ୍ତରରେ ମହୁଚାଷ ଗବେଷଣା ଓ ତାଲିମ ସଂଯୋଜକ ପ୍ରକଳ୍ପ ୧୯୮୦ ମସିହାରେ ଆରମ୍ଭ କଲା। ୧୯୮୩ରେ ଓଡ଼ିଶାରେ ସେହି ପ୍ରତିଷ୍ଠାନ ମହୁଚାଷ ଗବେଷଣା ଓ ତାଲିମ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଅନୁମତି ଦେଲେ ଓ ତଦନୁଯାୟୀ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ କୃଷି ମହାବିଦ୍ୟାଳୟରେ ଥିବା କୀଟତତ୍ତ୍ୱ ବିଭାଗରେ ମହୁଚାଷ କାର୍ଯ୍ୟ ଆରମ୍ଭ ହେଲା। ସେବେଠାରୁ ଏପର୍ଯ୍ୟନ୍ତ ୩୮ବର୍ଷ ଧରି ଏହି କାର୍ଯ୍ୟ ଜାରି ରହିଛି। କେନ୍ଦ୍ରର ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମହୁମାଛିଙ୍କ ଦ୍ୱାରା ଉତ୍ପନ୍ନ ମହୁ ସହିତ ମହୁମାଛିମାନଙ୍କୁ କିପରି ବିଭିନ୍ନ ବୃକ୍ଷ ଓ ଫସଲ ଯଥା ପନିପରିବା ଓ ତୈଳ ଆଦି ଫସଲର ଅମଳ ବୃଦ୍ଧି କରିବା। ତତ୍‌ସହିତ କିପରି ଉନ୍ନତମାନର ମହୁମାଛି ସୃଷ୍ଟି କରିବା ଓ ସେମାନଙ୍କ ଦ୍ୱାରା ଅଧିକ ମହୁ ଉତ୍ପାଦନ କରିବା ଓ ଏହି କାର୍ଯ୍ୟକ୍ରମକୁ ଓଡ଼ିଶାରେ ଉପଲବ୍ଧ ହେଉଥିବା ଜଳବାୟୁକୁ ନେଇ ଭିନ୍ନ ଭିନ୍ନ ଜିଲାରେ ମହୁଚାଷକୁ ପ୍ରସାରଣ କରିବା ଥିଲା ଦ୍ୱିତୀୟ ଆଭିମୁଖ୍ୟ। ତୃତୀୟ ଆଭିମୁଖ୍ୟ ଥିଲା ମହୁମାଛିଙ୍କୁ ଆକ୍ରମଣ କରୁଥିବା ଭିନ୍ନ ଭିନ୍ନ ରୋଗ ଓ ପୋକ କବଳରୁ ରକ୍ଷା କରି ଅଧିକ ଅମଳ ସୃଷ୍ଟି କରିବା। ଚତୁର୍ଥ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ଚାଷୀଙ୍କୁ ଓ ପାର୍ବତ୍ୟାଞ୍ଚଳର ହରିଜନ ଓ ଆଦିବାସୀଙ୍କୁ ମହୁଚାଷ ସମ୍ବନ୍ଧୀୟ ସମସ୍ତ ଗବେଷଣାଗାରର ନିଷ୍କର୍ଷ ତାଲିମ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ଓ ଏହାକୁ ନିଜର ବୃତ୍ତି ରୂପେ ଗ୍ରହଣ କରି ପରିବାର ପାଇଁ କିଛି ଅର୍ଥ ପ୍ରାପ୍ତ ହେବା। ମହୁମାଛି ପ୍ରଜାତି ଯଥା- ଏସପି ସିରାନା ଇଣ୍ଡିକା ସହିତ ଅନ୍ୟାନ୍ୟ ପ୍ରଜାତିର ମହୁମାଛି ଓ କେତେକ ପ୍ରଜାତିର ମାଛ ଫସଲର ପରାଗ ସଂଗମରେ ଯୋଗ ଦେଇ ଫସଲର ଅମଳ ବୃଦ୍ଧି କରିବାରେ ସହାୟକ ହେଉଥିବାରୁ ସେମାନଙ୍କ ସମ୍ବନ୍ଧରେ ଗବେଷଣା କରି କିଛି ଉପାଦେୟ ତଥ୍ୟ ହାସଲ କରିବା ପାଇଁ ପ୍ରକଳ୍ପର ନୂତନ ନାମ କରିବା ପାଇଁ ବିଚାର କରାଗଲା। ତେଣୁ ଭାରତ ସରକାର ଏହାର ଏକାଦଶ ପଞ୍ଚବାର୍ଷିକ ଯୋଜନା ମଧ୍ୟରେ ଏହାର ନାମକରଣ ରଖିଲେ 'ସର୍ବଭାରତୀୟ ମହୁମାଛି ଓ ପରାଗସଂଗମକାରୀ ସଂଯୋଜନା ପ୍ରକଳ୍ପ'। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ପୁରାତନ ଓ ନୂତନ ଆଭିମୁଖ୍ୟ ନେଇ କାର୍ଯ୍ୟ କରିଆସୁଅଛି।

ଭୁବନେଶ୍ୱରସ୍ଥିତ କୃଷି ମହାବିଦ୍ୟାଳୟ ଅଧୀନରେ ଥିବା ମହୁଚାଷ ପ୍ରକଳ୍ପର ବୈଜ୍ଞାନିକ ଓ ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ସୁକଳ୍ପିତ ଗବେଷଣାରୁ ଅନେକ ଉପାଦେୟ ତଥ୍ୟ ପ୍ରସ୍ତୁତ କରାହୋଇଛି। ଏକ ଏକର ଫସଲରେ ୩ରୁ ୫ଟି ମହୁବାକ୍ସ ରଖିବା ଯୋଗୁଁ ସୋରିଷ, ସୂର୍ଯ୍ୟମୁଖୀ, ରାଶି ଓ ଅଳସୀ ଫସଲରେ ୧୦.୨, ୭୯, ୨୫.୧ ଓ ୩୦.୦ ପ୍ରତିଶତ ଅମଳ ଯଥାକ୍ରମେ ବୃଦ୍ଧି ହୋଇପାରିଛି। ସେହିପରି ଲିଚି ଅମଳ ମଧ୍ୟ ସାଧାରଣ ଅମଳର ୬.୩ ଗୁଣ ବୃଦ୍ଧି ପାଇଛି। ଅଳସୀ ଫୁଲକୁ ୫୦ ପ୍ରତିଶତ ଚିନି ଦ୍ରବଣରେ ଦୁଇ ଘଣ୍ଟାରୁ ତିନି ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ରଖିଲେ ମହୁମାଛିମାନେ ଫସଲକୁ ସହଜରେ ଆସି ଫସଲର ପରାଗ ସଙ୍ଗମ କାର୍ଯ୍ୟରେ ସହାୟକ ହୁଅନ୍ତି। ସୋରିଷ ଫସଲର ଫୁଲ ଧରିବା ସମୟରେ ଫସଲକୁ ୧୦ ପ୍ରତିଶତ ଚିନି ଦ୍ରବଣ ଦ୍ୱାରା ସିଞ୍ଚନ କରିପାରିଲେ ଫସଲ ପ୍ରତି ବହୁ ମହୁମାଛି ଆକର୍ଷିତ ହୋଇ ଫସଲର ଯଥେଷ୍ଟ ପରିମାଣର ଅମଳ ବୃଦ୍ଧି ଘଟାନ୍ତି। ଧନିଆ ଫସଲରେ ମହୁମାଛି ଦ୍ୱାରା ଘଟିବା ପରାମ ସଂଗମ ଯୋଗୁଁ ୨୫ ପ୍ରତିଶତ ମଞ୍ଜି ଉତ୍ପାଦନ ବୃଦ୍ଧି ପାଇଛି। ବର୍ଷର ୧୨ ମାସରେ ରହିଥିବା ବୃକ୍ଷ ଯଥା ଶିମିଳି, ଆମ୍ବ, ତେନ୍ତୁଳି, ବଉଳ, କରଞ୍ଜ, ମହୁଲ ଓ ଇଉକାଲିପଟାସ ଏବଂ ଫସଲ ଯଥା ସୋରିଷ, ରାଶି, ରସୁଣ, କୋଳଥ, ଲେମ୍ବୁ, ପିଜୁଳି, ନଡିଆ, ଅଳସୀ, କଖାରୁ, ମକା, ବରକୋଳି, ସଜନା, ଧନିଆ ଓ ସୂର୍ଯ୍ୟମୁଖୀର ଫୁଲରୁ ମହୁ ସଂଗ୍ରହ କରି ମହୁ ବାକ୍ସରେ ରଖନ୍ତି।

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର*
*ମୋ : ୯୭୭୬୪୦୪୪୦୬*



# କପାରେ ପୋକ ଦମନ



**ସ**ଅଳ ଲଗାଯାଇଥିବା କପା ଫସଲରେ ଧଳା ମାଛି ଓ ଜଉ ପୋକ ଲାଗିବାର ଆଶଙ୍କା ରହିଛି। ଏଥିରୁ ରକ୍ଷା ଲାଗି ୩ ମିଲି ଇମିଡାକ୍ଲୋପ୍ରିଡକୁ ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ୨ ମିଲି ଟ୍ରାୟୋଜୋଫସ ଏକ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବର୍ତ୍ତମାନ ପାଗରେ ବୀଜାଣୁଜନିତ ପତ୍ରପୋଡା ରୋଗର ପ୍ରାଦୁର୍ଭାବ ଦେଖାଯିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ଏକ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଜଉ ପୋକ, ପତ୍ର ଡିଆଁ ପୋକ ଆଦି ଶୋଷକ କୀଟ ଆକ୍ରମଣକୁ କିଛି ପରିମାଣରେ ସହ୍ୟ କରାଯାଇପାରେ। କିନ୍ତୁ ଆର୍ଥିକ ଦେହଳୀ ସୀମା ଅତିକ୍ରମ କଲେ ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ କିମ୍ବା ଥାୟୋମେଥୋକ୍ସାମକୁ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଶମ୍ବାଳୁଆ ଦମନ ପାଇଁ କୀଟନାଶକ ପ୍ରୟୋଗର ଆଦୌ ଆବଶ୍ୟକ ନାହିଁ। କିନ୍ତୁ ଅତ୍ୟଧିକ ହେଲେ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ସକାଳବେଳା ପ୍ରୟୋଗ କରନ୍ତୁ।

ଦେଶର ୪୦ ପ୍ରତିଶତ ଜନସଂଖ୍ୟା ସହରରେ ବାସ କରିବେ। ୨୦୩୦ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ହେବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀ ସୂଚନା ଦେଇଛନ୍ତି। ସେଥିପାଇଁ ୧୦ ବର୍ଷ ମଧ୍ୟରେ ପ୍ରତିବର୍ଷ ୬ ଶହରୁ ୮ଶହ ନିୟୁତ ବର୍ଗ ମିଟର ସହରାଞ୍ଚଳ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ୨୦୩୦ ବେଳକୁ ଦେଶର ୬୦ ପ୍ରତିଶତରୁ କମ୍ ଜନସଂଖ୍ୟା ଗ୍ରାମାଞ୍ଚଳରେ ବାସ କରୁଥିବେ ବୋଲି ହରଦୀପ୍ କହିଛନ୍ତି।





# ପେସା ଡାକ୍ତର, ନିଶା ଫଟୋଗ୍ରାଫି

**ଫଟୋଗ୍ରାଫି ଏଭଳି ଏକ କଳା ଯେଉଁଥିରେ ରହିଥାଏ ଆବେଗ, ଉତ୍କଣ୍ଠା, କୌତୂହଳ ଓ ସୃଜନଶୀଳତା। ହଜାରେ ଶବ୍ଦ ବ୍ୟବହାର କରି ଯେଉଁ କଥା କହି ହୁଏ ନାହିଁ, ତାହା ଗୋଟିଏ ଫଟୋ ଅତି ସହଜରେ ବର୍ଣ୍ଣନା କରିପାରେ। ସେଥିପାଇଁ କଥାରେ ଅଛି 'ଏ ଫଟୋଗ୍ରାଫ୍ ସ୍ପିକ୍ସ ଏ ଥାଉଜାଣ୍ଡ ୱାର୍ଡସ'' ବା ଗୋଟିଏ ଫଟୋ ହଜାର ଶବ୍ଦ କହିପାରେ। ଜୀବନ ସାରା ସାଇତି ରଖିବା ପାଇଁ ଏହା ଆମକୁ ଅନେକ ସ୍ମୃତି ଦେଇଥାଏ। ସେହିଭଳି ଫଟୋଗ୍ରାଫି କାହା ପାଇଁ ପେସା ତ ଆଉ କାହା ପାଇଁ ନିଶା। ଫଟୋଗ୍ରାଫିକୁ ପ୍ରୋତ୍ସାହନ ଦେବା ପାଇଁ ବିଶ୍ୱ ଫଟୋଗ୍ରାଫି ସଙ୍ଗଠନ ପକ୍ଷରୁ ପ୍ରତିବର୍ଷ ଅଗଷ୍ଟ ୧୯ରେ 'ବିଶ୍ୱ ଫଟୋଗ୍ରାଫି ଦିବସ'' ପାଳନ କରାଯାଉଛି।**

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ସେହି ହାତ ଛୁରୀ, କଇଁଚି ଧରେ। ଶରୀର ଚିରେ। ମଣିଷକୁ ନୂଆ ଜୀବନ ମଧ୍ୟ ଦିଏ। ସେହି ହାତ ଷ୍ଟେଥୋ ଧରି ହୃଦ୍ ସ୍ପନ୍ଦନ ବି ମାପେ। ମସ୍ତିଷ୍କର ସବୁ ତନ୍ତ୍ରୀକୁ ଉପଯୋଗ କରେ, କେମିତି ରୋଗୀର ରୋଗକୁ ଠିକ୍ ଭାବେ ଚିହ୍ନଟ କରିବା ସହିତ ରୋଗୀକୁ ଚିକିତ୍ସା ଯୋଗାଇ ଦିଅନ୍ତି। ଏମାନେ ସମସ୍ତେ ଜଣେ ଜଣେ ବିଶେଷଜ୍ଞ ଡାକ୍ତର। କିନ୍ତୁ ନିଜର ଡାକ୍ତରୀ ପେଶା ଭିତରେ ତାଙ୍କର ହୃଦୟରେ ଏକ କଳା ମଧ୍ୟ ଲୁଚିକି ଥିଲା। ବ୍ରେନ୍‌ରେ ଔଷଧୀୟ ଫର୍ମୁଲା ଘୋଷି ମନେ ରଖୁଥିବାବେଳେ କେଉଁ ଏକ ନୀଭୃତ କୋଣରେ ସୌନ୍ଦର୍ଯ୍ୟ ଅଭିପ୍ସା ମଧ୍ୟ ଲୁଚିକି ଥିଲା। ଯେଉଁ ହାତ ରୋଗୀର ଶରୀରରେ ଜଟିଳ ଅପରେସନ୍ ସବୁ କରିପାରୁଛି, ସେହି ହାତ କ୍ୟାମେରା ଧରି ଅପରୂପ ଫ୍ରେମ୍ ତିଆରି କରି ବିଶେଷ ମୁହୂର୍ତ୍ତକୁ ସ୍ମୃତିରେ ତୋଳିବାର କ୍ଷମତା ମଧ୍ୟ ରହିଛି। ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ସେହିଭଳି କିଛି ବିଶେଷଜ୍ଞ ଡାକ୍ତରଙ୍କ ଫଟୋଗ୍ରାଫି ନିଶା ସମ୍ପର୍କରେ ...

## ଫଟୋଗ୍ରାଫି ପ୍ରତି ରହିଛି ଦୁର୍ବଳତା



ଅର୍ଥୋପେଡିକ୍ ସର୍ଜନ ଡାକ୍ତର ଏଭି ରଙ୍ଗନାଧମ ପ୍ରାୟ ୧୫ବର୍ଷ ହେବ ଫଟୋ ଉଠାଇଲେଣି। କିନ୍ତୁ ଗତ ୭ବର୍ଷ ହେଲାଣି ସେ ଫଟୋଗ୍ରାଫିକୁ ଗୁରୁତ୍ୱ ଦେଇଛନ୍ତି। ଯେବେ ବି ସମୟ ମିଳେ, କ୍ୟାମେରା ଧରି ବୁଲିବାକୁ ବାହାରି ପଡ଼ନ୍ତି। ଫଟୋଗ୍ରାଫି ପାଇଁ ସେ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲିବା ସହିତ ଦେଶ ତଥା ଦେଶ ବାହାରକୁ ଯାଇଛନ୍ତି। ଟ୍ରାଭେଲ ଫଟୋଗ୍ରାଫି ପ୍ରତି ତାଙ୍କର ରହିଛି ଅନେକ ଦୁର୍ବଳତା। ଯେଉଁ ସ୍ଥାନକୁ ଗଲେ ସେଠିକାର କୀର୍ତ୍ତିରାଜିଠାରୁ ଆରମ୍ଭ କରି କଳା, ସଂସ୍କୃତି, ପରମ୍ପରା ପର୍ଯ୍ୟନ୍ତ ସବୁର ଫଟୋ ଉଠାଇବାରେ ଲାଗିପଡ଼ନ୍ତି। ଏହାଛଡ଼ା ନେଚର ଫଟୋଗ୍ରାଫି ମଧ୍ୟ କରନ୍ତି। ଗୋଟେ ସ୍ଥାନରୁ ଫଟୋଗ୍ରାଫି ସାରି ଫେରିବା ପରେ କାମ କରିବା ପାଇଁ ଶକ୍ତି ମିଳେ। ଯିଏ ଯେଉଁ ବି କାମ କରୁଛନ୍ତି, ସେଥିରେ ଟିକେ ବ୍ରେକ୍ ଦେବା ଦରକାର ବୋଲି ରଙ୍ଗନାଧମ କୁହନ୍ତି।

## ବିଶ୍ୱ ଫଟୋଗ୍ରାଫି ଦିବସ



### ପ୍ରଶଂସା ମିଳିଲେ ଖୁସି ଲାଗେ



ମେଡିସିନ୍ ସ୍ପେଶାଲିଷ୍ଟ ଡାକ୍ତର ଆଲୋକ ପଟ୍ଟନାୟକଙ୍କ ପୂର୍ବରୁ ୱାଇଲ୍ଡଲାଇଫ୍ ପ୍ରତି ଦୁର୍ବଳତା ଥିଲା। ପରବର୍ତ୍ତୀ ସମୟରେ ଫଟୋଗ୍ରାଫି ପ୍ରତି ମନ ବଳିଥିଲା। ଦୀର୍ଘ ୧୦ବର୍ଷ ହେବ ଫଟୋଗ୍ରାଫିକୁ ନିଶା କରିଛନ୍ତି। ୱାଇଲ୍ଡଲାଇଫ୍ ସହ ନେଚର ଫଟୋଗ୍ରାଫି ମଧ୍ୟ କରୁଛନ୍ତି। ଏପରି କି 'ସାଙ୍କଚୁଅରି ଏସିଆ'' ମାଗାଜିନ୍‌ରେ ତାଙ୍କର ଅନେକ ଫଟୋ ପ୍ରକାଶ ପାଇଛି। ୱାଇଲ୍ଡଲାଇଫ ଫଟୋଗ୍ରାଫି ପାଇଁ ଅନେକ ଥର ଓଡ଼ିଶା ବନ ବିଭାଗର କର୍ମଚାରୀଙ୍କ ଠାରୁ ପ୍ରଶିକ୍ଷଣ ନେଇଛନ୍ତି। ଯେତେବେଳେ ପେସାକୁ ଛାଡ଼ି ଅନ୍ୟ କୌଣସି କାମ ପାଇଁ ପ୍ରଶଂସା ମିଳେ ସେତେବେଳେ ବହୁତ ଖୁସି ଲାଗେ ଓ ସେହି କାମ କରିବା ପାଇଁ ଆହୁରି ମନୋବଳ ଦୃଢ଼ ହୋଇଯାଏ ବୋଲି ଡା. ପଟ୍ଟନାୟକ କହିଛନ୍ତି। ତାଙ୍କ ମତରେ ଯଦିଓ ଡାକ୍ତରୀ ପେସାରେ କାମ ଅଧିକ। ତଥାପି ଇଚ୍ଛା ଥାଏ, ତେଣୁ କେଉଁଠି ନା କେଉଁଠି ସମୟ ବାହାରିଯାଏ। ବ୍ୟସ୍ତବହୁଳ କାର୍ଯ୍ୟରୁ ସାମାନ୍ୟ ସମୟ ବାହାର କରି ଫଟୋଗ୍ରାଫିରେ ନିଜକୁ ହଜେଇ ଦେଲେ ପୁଣି କାମ କରିବାକୁ ମନରେ ଏକ ପ୍ରକାର ସ୍ଫୂର୍ତ୍ତି ଆସିଥାଏ। ଆଜିକାଲି ସମସ୍ତେ ଫଟୋ ଉଠାଉଛନ୍ତି। କିନ୍ତୁ ନିଜର ଇଛାଶକ୍ତି ଉପରେ ନିର୍ଭର କରେ ଆପଣ କିପରି ଫଟୋ ଉଟଠାଇବେ। ଯଦି ୱାଇଲ୍ଡଲାଇଫ୍ ଫଟୋ ଉଠାଇବେ ତେବେ ଅଧିକ କଷ୍ଟ କରିବାକୁ ପଡ଼ିବ ଓ ଧୈର୍ଯ୍ୟ ରଖିବାକୁ ହେବ।

### ଇଚ୍ଛାଶକ୍ତି ଜରୁରୀ



ଗାଇନାକୋଲୋଜିଷ୍ଟ ଡାକ୍ତର ପ୍ରମୋଦ କୁମାର ସାହୁଙ୍କ ମତରେ ପିଲାଟି ଦିନରୁ ତାଙ୍କର ଫଟୋ ପ୍ରତି ଦୁର୍ବଳତା ଥିଲା। ସ୍କୁଲରେ ପଢ଼ିବା ସମୟରେ ଫଟୋ ଉଠାଇବା ପାଇଁ ଇଚ୍ଛା ଥିଲା। ହେଲେ ପାଖରେ ନା ଥିଲା କ୍ୟାମେରା ନା ଥିଲା ଟଙ୍କା। ଡାକ୍ତରୀ ପାଠ୍ୟକ୍ରମ ସାରିବା ପରେ ଏକ ଛୋଟ କ୍ୟାମେରା କିଣିଥିଲେ। ଚାକିରି କରିବା ପରେ ଯେତେବେଳେ ପାଖରେ ଟଙ୍କା ହେଲା ସେତେବେଳେ ଫଟୋଗ୍ରାଫି ପାଇଁ ବିଭିନ୍ନ ଲେନ୍ସଠାରୁ ଆରମ୍ଭ କରି ଭଲ କ୍ୟାମେରା କିଣିଲେ। ଯଦିଓ ସେ ସବୁ ପ୍ରକାର ଫଟୋ ଉଠାନ୍ତି, କିନ୍ତୁ ୱାଇଲ୍ଡଲାଇଫ୍ ଫଟୋଗ୍ରାଫି ତାଙ୍କର ପ୍ରିୟ। ଫଟୋଗ୍ରାଫି ପାଇଁ ସ୍ୱତନ୍ତ୍ର ଛୁଟି ନେଇ ଯାଇହୁଏ ନାହିଁ। କିନ୍ତୁ ସମୟ ମିଳିଲେ ଫଟୋ ଉଠାଇବା ପାଇଁ ବାହାରି ପଡ଼ନ୍ତି। ଫଟୋଗ୍ରାଫି ପ୍ରତିଯୋଗିତାରେ ଭାଗ ନେଇ ନ ଥିଲେ ମଧ୍ୟ ତାଙ୍କର ଫଟୋକୁ ସୋସିଆଲ ମିଡିଆରେ ବହୁତ ଲାଇକ୍ ମିଳେ। ଫଟୋ ଉଠାଇବା ପାଇଁ କେବଳ ଇକ୍ୟୁପମେଣ୍ଟ ଥିଲେ ହେବ ନାହିଁ, ଇଚ୍ଛାଶକ୍ତି ଥିବା ଜରୁରୀ ବୋଲି ସାହୁ କହିଛନ୍ତି।

# ୩ କୋଟି ଅଫରକୁ ନା



ମୁମ୍ବାଇ: ବିଗ୍ ବସ୍-୧୪ ପାଇଁ ନିର୍ମାତାଙ୍କୁ ଏବେ ପ୍ରତିଯୋଗୀ ଖୋଜିବା ଚ୍ୟାଲେଞ୍ଜ ହୋଇଯାଇଛି। ଟିଭି ତାରକାଙ୍କୁ ବିଗ୍ ବସ୍-୧୪ରେ ସାମିଲ କରିବା ପାଇଁ ନିର୍ମାତା ଚାହୁଁଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକେ ଏଥିରେ ସାମିଲ ହେବାକୁ ରୋକ୍‌ଠୋକ୍ ମନା କରିଦେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଛୋଟ ପରଦାର ସଫଳ ଅଭିନେତ୍ରୀ ଜେନିଫର୍ ୱିଙ୍ଗେଟ୍। ରିପୋର୍ଟ ଅନୁସାରେ ବିଗ୍ ବସ୍- ୧୪ରେ ସାମିଲ ହେବା ପାଇଁ ଜେନିଫର୍‌ଙ୍କୁ ନିର୍ମାତା ୩ କୋଟି ଟଙ୍କା ଅଫର୍ କରିଥିଲେ। ତଥାପି ସେ ଏଥିରେ ଭାଗ ନେବାକୁ ସଫା ମନା କରିଦେଇଛନ୍ତି। ଏହା ପୂର୍ବ ସିଜନ୍‌ରେ ମଧ୍ୟ ଜେନିଫର୍ ବିଗ୍ ବସ୍‌ର ଅଫର୍‌କୁ ଗ୍ରହଣ କରି ନ ଥିଲେ। ଅନ୍ୟପକ୍ଷରେ ଜେନିଫର୍‌ଙ୍କ କୋ-ଷ୍ଟାର୍ ଶିବିନ୍ ନାରଙ୍ଗ ବିଗ୍ ବସ୍-୧୪ରେ ଭାଗ ନେବା ପାଇଁ ରାଜି ହୋଇଛନ୍ତି। ଗତବର୍ଷ ବିଗ୍ ବସ୍‌ରେ ଭାଗ ନେବା ପାଇଁ ଶିବିନ୍‌ଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ସିରିୟଲ 'ବେହଦ-୨' ପାଇଁ ସେ ଏହାକୁ ଗ୍ରହଣ କରି ନ ଥିଲେ। ଅନ୍ୟପକ୍ଷରେ ସୂଚନା ଅନୁଯାୟୀ, ଟେଲିଭିଜନ ଅଭିନେତ୍ରୀ ନିଆ ଶର୍ମା 'ବିଗ୍ ବସ୍-୧୪'ରେ ପ୍ରତିଯୋଗୀ ଭାବେ ଭାଗ ନେବା ପାଇଁ ରାଜି ହୋଇଯାଇଛନ୍ତି। ତିନିମାସ ପାଇଁ 'ବିଗ୍ ବସ୍' ଘରେ ଲକ୍ ହେବା ପାଇଁ ରାଜି ହୋଇଯାଇଛନ୍ତି ସେ। ବିଗ୍ ବସ୍-୧୪ର ପ୍ରୋମୋ ଆସିଯାଇଛି। ଏହାକୁ ସଲ୍‌ମାନ ଖାନ୍‌ଙ୍କ ପନ୍‌ୱେଲ ସ୍ଥିତ ଫାର୍ମହାଉସ୍‌ରେ ଶୁଟ୍ କରାଯାଇଛି। ତେବେ ଏଥର 'ବିଗ୍ ବସ୍'ର ନିୟମରେ କିଛି ପରିବର୍ତ୍ତନ କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ସମସ୍ତ ପ୍ରତିଯୋଗୀଙ୍କ କୋଭିଡ୍-୧୯ ଟେଷ୍ଟ କରାଯିବ। ସେହିଭଳି ଶୋ' ଚାଲିବା ଭିତରେ ଯଦି କାହାର ସ୍ୱାସ୍ଥ୍ୟ ଖରାପ ହେଲା, ତା'ହେଲେ ତାଙ୍କୁ ବାହାର କରି ଦିଆଯିବ।

ଜେନିଫର୍ ୱିଙ୍ଗେଟ୍

# ବିପର୍ଯ୍ୟୟରେ ଆଶାର କିରଣ



## ବିଶ୍ୱ ମାନବୀୟ ଦିବସ

୨୦୦୩ ଅଗଷ୍ଟ ୧୯ରେ ଇରାକ ବାଗଦାଦସ୍ଥିତ ଜାତିସଂଘ ମୁଖ୍ୟାଳୟରେ ବୋମାମାଡ଼ ଯୋଗୁ ଇରାକରେ ଜାତିସଂଘର ମୁଖ୍ୟ ହ୍ୟୁମାନିଟାରିଆନ ବା ମାନବୀୟ କର୍ମୀ ସର୍ଜିୟୋ ଭିଏରା ଡି ମିଲୋଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ ଘଟିଥିଲା । ଏଣୁ ଏହି ଦିନଟିକୁ ବିଶ୍ୱ ମାନବୀୟ ଦିବସ ଭାବେ ପାଳନ କରାଯିବା ଲାଗି ୨୦୦୯ରେ ଜାତିସଂଘ ସାଧାରଣ ପରିଷଦ ନିଷ୍ପତ୍ତି ନେଇଥିଲା। ସେବେଠାରୁ ପ୍ରତିବର୍ଷ ଅଗଷ୍ଟ ୧୯ରେ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ ନେଇ ଏହି ଦିବସ ପାଳନ କରାଯାଉଛି। ମାନବ ସେବାରେ ସାରା ଜୀବନ ସମର୍ପିତ ରହିଥିବା ଏହି ମାନବୀୟ କର୍ମୀଙ୍କୁ ସମ୍ମାନ ଦେବା ସହ ସେବା ଲାଗି ଜୀବନ ଦେଇଥିବା ଏହି କର୍ମୀମାନଙ୍କ ବଳିଦାନକୁ ଏହି ଦିବସରେ ସ୍ମରଣ କରାଯାଏ । କେବଳ ଏମାନେ ନୁହନ୍ତି ପୃଥିବୀରେ ବିଭିନ୍ନ ପ୍ରାନ୍ତରେ ଅସହାୟ ଲୋକମାନଙ୍କ ଜୀବନ ରକ୍ଷା ପାଇଁ ନିଜ ଜୀବନକୁ ବିପଦରେ ପକାଉଥିବା କର୍ମୀମାନଙ୍କୁ ମଧ୍ୟ ସମ୍ମାନ ଦେବା ଏହି ଦିବସର ଲକ୍ଷ୍ୟ। ଏହା ମାନବ ସମାଜର କଲ୍ୟାଣରେ ଲାଗିଥିବା କର୍ମୀମାନଙ୍କ ମଧ୍ୟରେ ସାହସ ଓ ଉତ୍ସାହ ବଢ଼ାଇଥାଏ। ଆତଙ୍କବାଦୀ ଓ ହିଂସା ଏବେ ବିଶ୍ୱକୁ ମହାସଙ୍କଟରେ ପକାଇଛି। ଏଣୁ ଏ ସ୍ଥିତିରେ ଏମାନେ ଅହରହ କାର୍ଯ୍ୟରତ। ସିରିଆଠାରୁ ଆରମ୍ଭ କରି ଦକ୍ଷିଣ ସୁଦାନ ଓ ମାଳଦ୍ୱୀପରୁ ଆରମ୍ଭ କରି ଅନାହାର ଜନିତ ମୃତ୍ୟୁ ଘଟୁଥିବା ଆଫ୍ରିକାର ବିଭିନ୍ନ ଅଞ୍ଚଳ ଯାଏ ମାନବୀୟ କର୍ମୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର ଦିନରେ ମାନବ ସେବାରେ ଲାଗିଥିବା ଏହି ମାନବୀୟ କର୍ମୀମାନଙ୍କୁ ସମ୍ମାନ ଦେବା ଆମର ନୈତିକ କର୍ତ୍ତବ୍ୟ।

# ପ୍ରଶଂସା ସାଉଁଟୁଛି ଷ୍ଟେଶନ ସୌନ୍ଦର୍ଯ୍ୟକରଣ

## ପର୍ଯ୍ୟଟକଙ୍କୁ କରିବ ଆକର୍ଷିତ

ତିରୁର୍(କେରଳ): କରୋନା ପରିସ୍ଥିତିରେ ପର୍ଯ୍ୟଟକଙ୍କ ଆସିବା ବନ୍ଦ ହୋଇଛି। ଏହା ଦେଶର ପର୍ଯ୍ୟଟନକୁ ଗୁରୁତରଭାବେ ପ୍ରଭାବିତ କରିଛି। ତେବେ ଭାରତୀୟ ରେଲୱେ ପକ୍ଷରୁ ଏବେ ବିଭିନ୍ନ ରେଳଷ୍ଟେଶନର ସୌନ୍ଦର୍ଯ୍ୟକରଣ କରାଯାଉଛି। ଏହା ଅନେକ ଲୋକଙ୍କୁ ବିମୋହିତ କରିଛି। ସଦର୍ନ ରେଲୱେ ପକ୍ଷରୁ କେରଳର ତିରୁର୍ ରେଲୱେ ଷ୍ଟେଶନରେ ବିଭିନ୍ନ କିସମର ସୁନ୍ଦର ସୁନ୍ଦର ଗଛ ଲଗାଯାଇଛି। ଷ୍ଟେଶନ ମାଷ୍ଟରଙ୍କ ରୁମ୍ ସମ୍ମୁଖରୁ ଆରମ୍ଭକରି ଷ୍ଟେଶନର ବିଭିନ୍ନ ସ୍ଥାନରେ ଏପରି ରଙ୍ଗବେରଙ୍ଗର ଗଛ(ପଟେଡ୍ ପ୍ଲାଣ୍ଟ) ଷ୍ଟେଶନର ସୌନ୍ଦର୍ଯ୍ୟ ବୃଦ୍ଧିକରୁଛି। ବିଭିନ୍ନ ସ୍ଥାନରେ ଝୁଲନ୍ତା ଗଛ ମଧ୍ୟ ଲଗାଯାଇଛି। ସୋମବାର ଷ୍ଟେଶନର କେତୋଟି ଫଟୋ ରେଲୱେ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟରରେ ଶେୟାର କରାଯାଇଛି। ରେଲୱେର କାର୍ଯ୍ୟକୁ ଅନେକ ଟୁଇଟର ବ୍ୟବହାରକାରୀ ପ୍ରଶଂସା କରିଛନ୍ତି। ସ୍ଥିତି ସ୍ୱାଭାବିକ ହେଲେ ନିଶ୍ଚିତଭାବେ ଆମେ ଏହି ସୌନ୍ଦର୍ଯ୍ୟକୁ ପାଖରୁ ଉପଭୋଗ କରିବାକୁ ଚାହିଁବୁ ବୋଲି କେତେଜଣ ପ୍ରତିକ୍ରିୟା ରଖିଛନ୍ତି। ସେହିପରି ଦେଶର ଅନ୍ୟ ଷ୍ଟେଶନଗୁଡ଼ିକୁ ମଧ୍ୟ ଏପରି ସୌନ୍ଦର୍ଯ୍ୟକରଣ କରାଯାଉ ବୋଲି ମତ ରଖିଛନ୍ତି। ସେହିପରି ଆଉ କେତେଜଣ ଗଛଗୁଡ଼ିକର ଉପଯୁକ୍ତ ଯତ୍ନ ନେବାପାଇଁ ମଧ୍ୟ ଅନୁରୋଧ କରିଛନ୍ତି। ଏପରିକି ପ୍ରତ୍ୟେକ ବର୍ଷ 'ବେଷ୍ଟ ଗ୍ରୀନ୍ ଷ୍ଟେଶନ' ପ୍ରତିଯୋଗିତା କରିବା ପାଇଁ ମଧ୍ୟ ଜଣେ ଟୁଇଟର ବ୍ୟବହାରକାରୀ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୧୬ରେ ରେଲୱେ ମନ୍ତ୍ରଣାଳୟ ପକ୍ଷରୁ କର୍ନାଟକର ହୁବ୍‌ଲି ଷ୍ଟେଶନର ମଧ୍ୟ ଫଟୋ ଶେୟାର କରାଯାଇଥିଲା। 'ମଡର୍ନ ଲୁକ୍ ଅଫ୍ ହୁବ୍‌ଲି ରେଲୱେ ଷ୍ଟେଶନ' କ୍ୟାପ୍‌ଶନ ଉଲ୍ଲେଖ ରହିଥିବା ଫଟୋରେ ଷ୍ଟେଶନର ସମ୍ମୁଖଭାଗର ବିଭିନ୍ନ ରଙ୍ଗର ସୁନ୍ଦର ଆଲୋକୀକରଣ ବ୍ୟବସ୍ଥା କରାଯାଇଥିବା ନଜରକୁ ଆସିଥିଲା। ଏହାକୁ ମଧ୍ୟ ଟୁଇଟରରେ ଅନେକ ଲୋକ ପ୍ରଶଂସା କରିଥିଲେ। ଷ୍ଟେଶନର ସ୍ୱଚ୍ଛତା ଏବଂ ସୌନ୍ଦର୍ଯ୍ୟକରଣ ଆଗାମୀ ଦିନରେ ପର୍ଯ୍ୟଟକଙ୍କୁ ନିଶ୍ଚିତଭାବେ ଆକର୍ଷିତ କରିବ ବୋଲି ମତପ୍ରକାଶ ପାଇଛି।




# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ପଦ୍ମାବତୀ ରାଉତ
ସ୍ଥାନ : ବରାଳ ପୋଖରୀ, ଚରମ୍ପା, ଭଦ୍ରକ
ଆବିର୍ଭାବ: ୧୮.୧୧.୧୯୪୬
ତିରୋଧାନ:୦୯.୦୮.୨୦୨୦
ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ଏକତ୍ର ବାନ୍ଧି ରଖିବାର ସୂତ୍ର ଏବଂ ଈଶ୍ୱରଙ୍କ ସେବା ଓ ସମସ୍ତଙ୍କୁ ଭଲପାଇବା କେବେ ବି ଭୁଲି ହେବ ନାହିଁ। ପ୍ରତିଟି ମୁହୂର୍ତ୍ତରେ ତୋର ଅନୁପସ୍ଥିତି ଆମ୍ଭେ ଅନୁଭବ କରୁଛୁ ଏବଂ କରୁଥିବୁ। ତୋର ପାବନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତଥା ପରମେଶ୍ୱର ବାବାଶ୍ରୀ ଆଖଣ୍ଡଳମଣିଙ୍କ ନିକଟରେ ଆମର ପ୍ରାର୍ଥନା।
-: ଶୋକ ସନ୍ତପ୍ତ :-
ସ୍ୱାମୀ- ନୃସିଂହ ଚରଣ ରାଉତ, ପୁତ୍ର- ଅକ୍ଷୟ, ଜଗବନ୍ଧୁ, ଶ୍ରୀଧର, ସନ୍ତୋଷ ଓ କୁନୁ, ନାତି- ବିଲ୍ଟୁ, ଚନ୍ଦନ, ଶୁଭମ, ଶିବୁ, ଅଙ୍କୁର, କନ୍ୟା, ପୁତ୍ରବଧୂ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୧୭୯୭୯

ଚତୁର୍ଥ ସ୍ମୃତି ତର୍ପଣ



ସ୍ୱର୍ଗତା ଶ୍ରୀମତୀ ସୁଷମା ସୁନ୍ଦରୀ ପଟ୍ଟନାୟକ
ମଳିପଡ଼ା
ଆବିର୍ଭାବ: ମେ, ୧୯୩୩
ତିରୋଧାନ: ୦୧।୦୯।୨୦୧୬
ତୋର ସ୍ନେହରେ ଥିଲା ସରଗର ସୁଖ, ଆକଟରେ ଅଭିମାନ। ପଣତ ପରଶେ ପୋଛି ଦେଉଥିଲୁ, ଜଞ୍ଜାଳ-ଯାତନା ମାନ। ସରଗର ଶଶୀ ହାତେ ଦେଉଥିଲୁ, ସରଗେ ରହିଲୁ ଯାଇ ; ସରାଗ ତୋହର ଝୁରି ହେଉଅଛୁ, ତୋ ମୁହଁ ମନେ ପକାଇ। ଢାଳି ଦେଉଥାଆ ସ୍ନେହାଶିଷ ବାରୀ, ଥାଇ ସେ ସରଗପୁରୀ, ଅଭୁଲା ସ୍ମୃତିର ଗଣି ଗଣି ଦିନ, ଆଜି ବରଷ ହୋଇଲା ଚାରି।
—:ଇତି:—
ତୋର ସ୍ନେହ କାଙ୍ଗାଳ ପୁଅଝିଅମାନେ।
ଧ-୧୭୯୭୮

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରମାନାଥ ନନ୍ଦ (ସଦାନା)
ଅବସରପ୍ରାପ୍ତ ଶିକ୍ଷକ
ପୁରୁଷୋତ୍ତମପୁର, କବୀରପୁର, ଯାଜପୁର
ଆବିର୍ଭାବ: ୨୪।୦୩।୧୯୪୫
ତିରୋଧାନ: ୧୦।୦୮।୨୦୨୦
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ସର୍ବଦା ଆମମାନଙ୍କ ଉପରେ ଅତୁଟ ରହିଥାଉ। ଆପଣଙ୍କର ତ୍ୟାଗ ଓ ନିଷ୍ଠା ଆମମାନଙ୍କ ପ୍ରେରଣାର ଉତ୍ସକୁ ପାଥେୟ କରି ଆମ୍ଭେ ବାଟ ଚାଲିବୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ ପରିବାର:
ପତ୍ନୀ: ଉଷାରାଣୀ ନନ୍ଦ, ଜ୍ୱାଇଁ: ଲିଲୁ, ବାବୁ, ଝିଅ: ବୁଢୀ, ବାୟାଣୀ, ପୁତ୍ର: ବାବୁନି, ପାପୁ, ପୁତ୍ରବଧୂ: ରୋଜି, ଇତି, ନାତି-ନାତୁଣୀ: ଲୋକନାଥ, ସିତୁଲ୍, ସାନ୍‌ଭି, ନନ୍ଦନ, ଖୁସୀ (ତିତେଇ) ସାନ୍, ବନ୍ଧୁ ଓ ପରିବାରବର୍ଗ ।
ଧ-୧୭୯୮୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ହରପ୍ରିୟା ଖଣ୍ଡୁଆଳ
ଗୋଠପଦା, ଗଡମା, ଜଗତ୍‌ସିଂହପୁର
ଆବିର୍ଭାବ: ୧୦।୧୧।୧୯୩୨
ତିରୋଧାନ: ୦୯।୦୮।୨୦୨୦
ଆଜି ବି ତୁମର ଶବ୍ଦ ଆମ କାନରେ ଗୁଞ୍ଜୁଛି ସେ ଅନାବିଳ ସ୍ନେହ, ନିଃସ୍ୱାର୍ଥପରତା, ଉପଦେଶ ଓ ସମୟ ଉପଯୋଗୀ ଦିଗ୍‌ଦର୍ଶନ ଆମପାଇଁ ଅମୂଲ୍ୟ ସମ୍ପଦ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ବିନମ୍ର ପ୍ରାର୍ଥନା କରୁଛି
-:ଶୋକସନ୍ତପ୍ତ:-
ପୁତ୍ର: ରବି, ନାନ, ମନୁଆ, ମୁନୁ, ପୁତ୍ରବଧୂ: କବିତା, ଆଶା, ସୁଶାନ୍ତି, ଝିଅ: ରେଣୁ, ନାତି, ନାତୁଣୀ: ରାକେଶ, ବାବୁନା, ଆଲିସା ।
ଧ-୧୭୯୮୩

**ଆଇସିଆଇସିଆଇରେ ଚାଇନା ବ୍ୟାଙ୍କର ନିବେଶ**

ଦେଶର ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କ ଆଇସିଆଇସିଆଇ ବ୍ୟାଙ୍କରେ ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ୧୫ କୋଟି ଟଙ୍କା ନିବେଶ କରିଛି। ଫଳରେ ଚାଇନା ବ୍ୟାଙ୍କକୁ ୦.୦୦୭% ଅଂଶଧନ ମିଳିଛି। ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଗତ ସପ୍ତାହରେ ୧୫ ହଜାର କୋଟି ଟଙ୍କାର କ୍ୱାଲିଫାଏଡ୍ ଇନ୍‌ଷ୍ଟିଚ୍ୟୁସନାଲ ପ୍ଲେସ୍‌ମେଣ୍ଟ(କ୍ୟୁଆଇପି) ଜାରି କରାଯାଇଥିଲା। ଏହି ପ୍ରକ୍ରିୟା ଦ୍ୱାରା ଚାଇନା ବ୍ୟାଙ୍କ ନୂଆ ନିବେଶ କରିଥିବା ଜଣାପଡିଛି। ଚାଇନା ବ୍ୟାଙ୍କ ସମେତ ୩୭୫ ଇନ୍‌ଷ୍ଟିଚ୍ୟୁଶନାଲ ଇନଭେଷ୍ଟର ଆଇସିଆଇସିରେ ନିବେଶ କରିଛନ୍ତି।

## ସଂକ୍ଷେପରେ

### ଏଏସ୍‌ବିଏମ୍‌ରେ ଅନ୍‌ଲାଇନ ପାଠ୍ୟକ୍ରମ

**ଭୁବନେଶ୍ୱର,୧୮।୮:** ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଲଜିଷ୍ଟିକ୍‌ସ ଏବଂ ସପ୍ଲାଇଚେନ୍ ପରିଚାଳନା ଉପରେ ଏକ ଅନ୍‌ଲାଇନ ପାଠ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭିସ୍କାନ ଲଜିଷ୍ଟିକର ପରିଚାଳନା ନିର୍ଦ୍ଦେଶକ ଭି.ଏସ୍.ମଣିମାରାନ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ କୋଭିଡ୍ ପରିସ୍ଥିତିରେ ଜ୍ଞାନର ପ୍ରସାର ଲାଗି ଅନ୍‌ଲାଇନ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି ବୋଲି ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର କଲ୍ୟାଣ ଶଙ୍କର ରାୟ ମତ ପ୍ରକାଶ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ଗ୍ରହଣ କରାଯାଇଥିବା ନିୟମିତ ୱେବିନାର ଏବଂ ଅନ୍‌ଲାଇନ ପାଠ୍ୟକ୍ରମ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ବିଶ୍ୱଜିତ ପଟ୍ଟନାୟକ କହିଛନ୍ତି ଯେ, ଲଜିଷ୍ଟିକ ଏବଂ ସପ୍ଲାଇ ଚେନ୍‌ରେ ବିପୁଳ ନିଯୁକ୍ତି ସୁଯୋଗ ରହିଛି। କାର୍ଯ୍ୟକ୍ରମରେ ଏଏମ୍‌ଭିସି ସିଇଓ ହେମନ୍ତ ସେଠୀ ଲଜିଷ୍ଟିକ ଏବଂ ସପ୍ଲାଇଚେନ୍‌ର ପୃଷ୍ଠଭୂମି ଉପରେ ମତ ରଖିଥିଲେ। ଏଥିରେ ଉଦ୍ୟୋଗପତି, ଅଧ୍ୟବସାୟୀ, ଗବେଷକ, ଶିକ୍ଷକ ଏବଂ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

### କାନାରା ବ୍ୟାଙ୍କ ପକ୍ଷରୁ ସ୍ୱାଧୀନତା ଦିବସ

**ଭୁବନେଶ୍ୱର,୧୮।୮:** କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ୭୪ତମ ସ୍ୱାଧୀନତା ଦିବସ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବ୍ୟାଙ୍କର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ବି.ଏଲ୍.ମିନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ ଦେଶର ମହାନ୍ ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଦାନ ବିଷୟରେ ମତ ଉପସ୍ଥାପନ କରିଥିଲେ। ସେହିଭଳି ଏହି ମହାମାରୀ ସମୟରେ ଦେଶର ଅର୍ଥନୀତିର ଉନ୍ନତି ସହ ବ୍ୟାଙ୍କର ଅଭିବୃଦ୍ଧି ପାଇଁ ସାମୂହିକ ସହଯୋଗ କାମନା କରିଥିଲେ। ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ସେ ଆହ୍ୱାନ ଦେଇଥିଲେ।

# ଚାକିରି ହରାଇଛନ୍ତି ୪୧ ଲକ୍ଷ ଯୁବବର୍ଗ

**ଆଇଏଲ୍‌ଓ, ଏଡିବି ରିପୋର୍ଟ**



**ନୂଆଦିଲ୍ଲୀ,୧୮।୮**

କୋଭିଡ୍ ଯୋଗୁ ସାରା ବିଶ୍ୱରେ ବାଣିଜ୍ୟ କାରବାର କ୍ଷତିଗ୍ରସ୍ତ ହୋଇଛି। କାରବାର କ୍ଷତି ଯୋଗୁ କମ୍ପାନୀଗୁଡିକରେ ଛଟେଇ ମଧ୍ୟ ବଢ଼ିଛି। କରୋନା ପ୍ରଭାବରେ ଭାରତର ୪୧ ଲକ୍ଷ ଯୁବବର୍ଗ ଚାକିରି ହରାଇଥିବା ଜଣାପଡିଛି। ନିର୍ମାଣ ଏବଂ କୃଷିକ୍ଷେତ୍ରରେ ବେଶି ଲୋକ ଜୀବିକା ହରାଇଥିବା ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ଏବଂ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ପକ୍ଷରୁ ଏକମିଳିତ ରିପୋର୍ଟରେ ପ୍ରକାଶ ପାଇଛି।

କୋଭିଡ୍ ଯୋଗୁ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉପୁଜିଥିବା ନିଯୁକ୍ତି ସଙ୍କଟକୁ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମହାମାରୀ ଯୋଗୁ ନିଯୁକ୍ତି କ୍ଷେତ୍ରରେ ଏକ ଚ୍ୟାଲେଞ୍ଜିଂ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ଦେଶର ନିଯୁକ୍ତି ଡାଟାକୁ ନେଇ ଏଭଳି ରିପୋର୍ଟ ପ୍ରକାଶ ପାଇଛି। ସମସ୍ୟାକୁ ସୁଧାରିବା ଲାଗି ଭାରତ ସରକାର ତ୍ୱରିତ ଭିତ୍ତିରେ ପଦକ୍ଷେପ ନେବା ଉପରେ ଏହି ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି। ଯୁବବର୍ଗଙ୍କ ମଧ୍ୟରେ ନିଯୁକ୍ତି ସୃଷ୍ଟି, ତାଲିମ ପ୍ରଦାନ ଦ୍ୱାରା ଦେଶର ବୃହତ୍ ସଂଖ୍ୟକ ଯୁବବର୍ଗଙ୍କୁ ଭବିଷ୍ୟତରେ ଆସୁଥିବା ସମସ୍ୟାକୁ ସମାଧାନ କରିବା ଦିଗରେ ଯୋଗ୍ୟ କରି ଗଢି ତୋଳିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

କୋଭିଡ୍ ଯୋଗୁ ଯୁବବର୍ଗ ଉଭୟ ସ୍କୁଲ କଲେଜ କିମ୍ବା ନିଯୁକ୍ତି କ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ୨୦୧୯ରେ ଭାରତରେ ଯୁବବର୍ଗଙ୍କ ମଧ୍ୟରେ ବେକାରି ହାର ୧୩.୮% ରହିଥିଲା। ବର୍ତ୍ତମାନ ପ୍ରତି ୫ ଜଣରେ ୪ ଜଣ ଯୁବା ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ସେହିଭଳି ୪ ଜଣରେ ଜଣେ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଜୀବନଯାପନ କରୁଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ପୂର୍ବରୁ ରହିଥିବା ନିଯୁକ୍ତି ସମସ୍ୟା କୋଭିଡ୍ ଯୋଗୁ ଆହୁରି ବିଗିଡିଥିବା ଆଇଏଲ୍‌ଓର ଆଞ୍ଚଳିକ ଅର୍ଥନୈତିକ ଏବଂ ସୋସିଆଲ ଆନାଲିଷ୍ଟ ୟୁନିଟ ମୁଖ୍ୟ ସାରା ଏଲ୍‌ଡର ସୂଚନା ଦେଇଛନ୍ତି।

# ଅଧିକ ଦେଶକୁ ମିଳିବ ଅନ୍ତର୍ଜାତୀୟ ବିମାନ ସେବା

**ନୂଆଦିଲ୍ଲୀ,୧୮।୮**

ସରକାର ଅଗାମୀ ଦିନଗୁଡିକରେ ଅନ୍ତର୍ଜାତୀୟ ବିମାନ ସେବାକୁ ଉତ୍ସାହିତ କରିବେ। ଏହାକୁ ଧ୍ୟାନରେ ରଖି ସରକାର ୧୩ ଦେଶ ସହିତ ଦ୍ୱିପାକ୍ଷିକ ଚୁକ୍ତି ନେଇ ଆଲୋଚନା ଜାରି ରଖିଛନ୍ତି। ଅଷ୍ଟ୍ରେଲିଆ, ଜାପାନ, ସିଙ୍ଗାପୁର ଭଳି ଦେଶଗୁଡିକ ସହ କେନ୍ଦ୍ର ସରକାର ଏୟାର ବବଲ୍ ଚୁକ୍ତି କରିବା ନେଇ ଅଗ୍ରସର ହେଉଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ସୂଚନା ଦେଇଛନ୍ତି। ଏହି ଚୁକ୍ତି କାର୍ଯ୍ୟକାରୀ ହେଲେ ଉଭୟ ଦେଶର ବିମାନଗୁଡିକ ଅନ୍ତର୍ଜାତୀୟ ବିମାନ ସେବା ଯୋଗାଇବେ। କମ୍ପାନୀଗୁଡିକ ବିଭିନ୍ନ କଟକଣା ସହ ଯାତ୍ରୀ ସେବା ପ୍ରଦାନ କରିବେ। ପୁରୀ ଟୁଇଟର ଯୋଗେ ସୂଚନା ଦେଇଛନ୍ତି ଯେ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ନେପାଳ ଏବଂ ଭୂଟାନ ଭଳି ଦେଶଗୁଡିକୁ ମଧ୍ୟ ବିମାନ ସେବା ଯୋଗାଇ ଦେବା ନେଇ ପ୍ରସ୍ତାବ ରହିଛି।



ବର୍ତ୍ତମାନ ସୁଦ୍ଧା ଆମେରିକା, ଫ୍ରାନ୍ସ, ଜର୍ମାନୀ, ୟୁକେ, ୟୁଏଇ, କତାର ଏବଂ ମାଲଦୀପ ଭଳି ସ୍ଥାନଗୁଡିକ ସହ ଭାରତ ଏୟାର ବବଲ୍ ଚୁକ୍ତିରେ ସାମିଲ ହୋଇଛି। ଆଉ ଅଧିକ ଦେଶଗୁଡିକ ସହ ଏଭଳି ଚୁକ୍ତି କରିବାକୁ ସରକାର ଯୋଜନା କରିଛନ୍ତି।

# ଶିଳ୍ପସଂସ୍ଥାଗୁଡ଼ିକରେ ଲୁହାପଥର ଅଭାବ

**ଭୁବନେଶ୍ୱର,୧୮।୮**

ଘରୋଇ ବଜାରରେ ଲୁହାପଥରର ଅଭାବ ଛୋଟ ଇସ୍ପାତ ଶିଳ୍ପ ଗୁଡିକ ଲାଗି ସମସ୍ୟା ସୃଷ୍ଟି କରୁଛି। ଫଳରେ ଶିଳ୍ପ ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି। ସ୍ଥିତିରେ ସୁଧାର ନ ଆସିଲେ ଆସନ୍ତା କିଛି ମାସ ମଧ୍ୟରେ ବହୁ ଇସ୍ପାତ ଉତ୍ପାଦନକାରୀ ସେମାନଙ୍କ ଅପରେଶନ ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ଶିଳ୍ପ ପକ୍ଷରୁ ଆଶଙ୍କା ପ୍ରକଟ କରାଯାଇଛି। ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେବା ସହ ଅନେକ ଲୋକ ଚାକିରି ହରାଇବା ସ୍ଥିତି ଉପୁଜିଛି। ବିଭିନ୍ନ ସମସ୍ୟା ଯୋଗୁ ଲୁହାପଥର ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। ନିକଟରେ ଓଡ଼ିଶା ଏବଂ ଝାଡ଼ଖଣ୍ଡର କିଛି ଖଣିଜ ବ୍ଲକର ନିଲାମ କରାଯାଇଛି। ହେଲେ ଏହି ଖଣିଗୁଡିକରୁ ଉତ୍ପାଦନ ୨%ରୁ କମ୍ ରହିଛି। ଫଳରେ ଅଂଶୀଦାରମାନେ ଏହି ଖଣିଗୁଡିକ ଦ୍ୱାରା ବିଶେଷ ଭାବେ ଲାଭବାନ୍ ହୋଇପାରୁନାହାନ୍ତି। ନିଲାମ ହୋଇଥିବା ବିଭିନ୍ନ ଖଣିରୁ କାମ ଆରମ୍ଭ ହୋଇ ନ ଥିବା ବେଳେ ଆଉ କିଛିରୁ ଉତ୍ପାଦନ ହାର ମଧ୍ୟ କମ୍ ରହିଛି। ଅନ୍ତର୍ଜାତୀୟ ବଜାରରେ ଚାହିଦା ଥିବାରୁ ଖଣି ମାଲିକମାନେ ରପ୍ତାନିକୁ ଗୁରୁତ୍ୱ ଦେଉଛନ୍ତି। ସମସ୍ୟାର ସମାଧାନ ଲାଗି ପେଲେଟ୍ ଶିଳ୍ପ ଏବଂ ସ୍ପଞ୍ଜ ଆଇରନ ଶିଳ୍ପ ପକ୍ଷରୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡାଯାଇଛି। ନିଲାମ ହୋଇଥିବା ଖଣିଗୁଡିକର ୮୦% ମାସିକ ଉତ୍ପାଦନ ଏବଂ ଡେସ୍‌ପାଚ୍ ତଦାରଖ, ନୂଆ ଲିଜ୍ ଡେସ୍‌ପାଚ୍‌ର ୮୦% ଏମ୍‌ଡିପିଏ ପରିମାଣ ପ୍ରତିମାସରେ ପ୍ରୋରେଟ ବେସିସ୍ କରାଯିବା ନେଇ ଶିଳ୍ପ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେହିଭଳି ପୁରୁଣା ଲିଜ୍‌ଗୁଡିକୁ ଡାଇରେକ୍ଟ କରାଯିବା ସହ ସେମାନଙ୍କ ଷ୍ଟକ୍‌କୁ ଲିକ୍ୟୁଡେଟ୍, ଯେଉଁ ଖଣିଗୁଡିକ ଲାଗି ବିଡର ଆବଶ୍ୟକ ଅର୍ଥ ପଇଠ କରିନାହାନ୍ତି ସେସବୁ ଖଣିଗୁଡିକୁ ପୁନଃ ନିଲାମ ଭଳି ବିଭିନ୍ନ ପଦକ୍ଷେପ ନେବାକୁ କୁହାଯାଇଛି।

# ୯ କ୍ଷେତ୍ରର ପ୍ରତିବନ୍ଧକ ଦୂର ହେଲେ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ

**ଭୁବନେଶ୍ୱର,୧୮।୮**

ଦେଶର ପ୍ରମୁଖ ୯ଟି କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂର କରିବାର ବିଶେଷ ଆବଶ୍ୟକତା ରହିଛି। ଏଭଳି କାର୍ଯ୍ୟ ସାଧନ ହୋଇପାରିଲେ ଘରୋଇ ବଜାରର ବିକାଶ ହାର ଆହୁରି ତ୍ୱରାନ୍ୱିତ ହେବ। ସ୍ୱାଧୀନତା ଦିବସରେ ପିଡବ୍ଲ୍ୟୁସି ଇଣ୍ଡିଆ ପକ୍ଷରୁ ଉନ୍ମୋଚନ ହୋଇଥିବା 'ସୁଧାର ଓ ଅଭିବୃଦ୍ଧିର ସମ୍ପୂର୍ଣ୍ଣ ସୁଯୋଗ' ରିପୋର୍ଟରେ ଏହା କୁହାଯାଇଛି। ଭାରତର ମଧ୍ୟବର୍ତ୍ତିକାଳୀନ ଯାତ୍ରାର ଯୋଜନା ପ୍ରସ୍ତୁତି ପ୍ରସଙ୍ଗ ଏଥିରେ ଉଲ୍ଲେଖ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ଆସନ୍ତା ୩ବର୍ଷରେ ଭାରତୀୟ ଅର୍ଥନୀତିର ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ୯ଟି କ୍ଷେତ୍ରର ପ୍ରମୁଖ ବିଷୟ ଓ କାର୍ଯ୍ୟକାରିତାକୁ ଧ୍ୟାନରେ ରଖିବାକୁ ହେବ।

# ବ୍ୟାଙ୍କ ଅଂଶଧନ ବିକ୍ରି ପ୍ରକ୍ରିୟା ତ୍ୱରାନ୍ୱିତ ହେବ

**ନୂଆଦିଲ୍ଲୀ,୧୮।୮**



ଚଳିତ ଆର୍ଥିକ ବର୍ଷରେ ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଅଂଶଧନ ବିକ୍ରି ପ୍ରକ୍ରିୟାକୁ ସରକାର ତ୍ୱରାନ୍ୱିତ କରିବେ। ଏହି ବ୍ୟାଙ୍କଗୁଡିକରେ ରହିଥିବା ସରକାରଙ୍କ ଅଂଶଧନକୁ ଖସାଇବା ଧାରାକୁ ବଢାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକ୍ରିୟା ସହ ଜଡିତ ଦୁଇ ଜଣ ବରିଷ୍ଠ ଅଧିକାରୀ ଏ ନେଇ ସୂଚନା ଦେଇଛନ୍ତି। ୪ ବ୍ୟାଙ୍କ ମଧ୍ୟରେ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ୟୁକୋ ବ୍ୟାଙ୍କ, ଆଇଡିବିଆଇ ବ୍ୟାଙ୍କ ରହିଛି। ଏହି ବ୍ୟାଙ୍କଗୁଡିକରେ ସରକାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଅଧିକାଂଶ ଅଂଶଧନ ନିଜ ପାଖରେ ରଖିଛନ୍ତି। ମହାମାରୀ ଯୋଗୁ ବର୍ତ୍ତମାନ ସରକାରଙ୍କ ଟିକସ ସଂଗ୍ରହ କମିଛି। ଏଭଳି ସ୍ଥିତିରେ ପୁଞ୍ଜି ପ୍ରତ୍ୟାହାରରୁ ସରକାର ଅଧିକ ଅର୍ଥ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ମଧ୍ୟ କାର୍ଯ୍ୟକ୍ରମ ଜାରି ରହିଛି। ବ୍ୟାଙ୍କିଙ୍ଗ୍‌ରେ ଘରୋଇକ୍ଷେତ୍ରକୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ସହାୟତାରେ ପୁଞ୍ଜି ଯୋଗାଡକରି ବଜେଟ ଲକ୍ଷ୍ୟ ଅନୁସାରେ ସରକାର ଖର୍ଚ୍ଚ କରିବାକୁ ଚାହୁଁଛନ୍ତି। ବ୍ୟାଙ୍କ ଅଂଶଧନ ଖସାଇବା ପ୍ରସଙ୍ଗରେ ପିଏମ୍‌ଓ ପକ୍ଷରୁ ଅର୍ଥ ମନ୍ତ୍ରଣାଳୟକୁ ମଧ୍ୟ ଚିଠି ଲେଖାଯାଇଛି। ଏହି ପ୍ରକ୍ରିୟା ବର୍ତ୍ତମାନ ଆରମ୍ଭ ହୋଇସାରିଛି। ଏ ସଂକ୍ରାନ୍ତରେ ବିଭିନ୍ନ ପରାମର୍ଶ ପ୍ରକ୍ରିୟା ମଧ୍ୟ ଶେଷ କରାଯାଇଛି। ଏହି ପ୍ରକ୍ରିୟା ଉପରେ ବ୍ୟାଙ୍କଗୁଡିକର ମତାମତ ଲୋଡାଯାଇଥିଲେ ମଧ୍ୟ ଏହା ମିଳିପାରିନାହିଁ। ସେହିଭଳି ଅର୍ଥ ମନ୍ତ୍ରଣାଳୟର ଉତ୍ତର ମଧ୍ୟ ମିଳିପାରିନାହିଁ। ଅର୍ଦ୍ଧାଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ସରକାର ଘରୋଇକରଣ କରିବାକୁ ଚାହୁଁଥିବା ଗତ ମାସରେ ରୟଟର୍ସରେ ଏକ ରିପୋର୍ଟ ମଧ୍ୟ ପ୍ରକାଶ ପାଇଥିଲା।

## ରାଜ୍ୟ ଖବର

### ଖୋର୍ଦ୍ଧା ମେଡିକାଲ ଓପିଡି, ଏମ୍‌ସିଏଚ୍ ଓଟି ୨୪ ଘଣ୍ଟା ବନ୍ଦ

**ଖୋର୍ଦ୍ଧା ଅଫିସ,୧୮।୮:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ୨ ଡାକ୍ତର ଏବଂ ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର(ଏମ୍‌ସିଏଚ୍)ର ଜଣେ ଷ୍ଟାଫ ନର୍ସ କରୋନା ପଜିଟିଭ୍ ଚିହ୍ନଟ ପରେ ମଙ୍ଗଳବାର ଏମସିଏଚ ଓଟି, ଓପିଡିକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ କରାଯାଇଛି ବୋଲି ମେଡିକାଲ ଅଧୀକ୍ଷକ ଡା. ବିଶ୍ୱମୋହନ ମିଶ୍ର କହିଛନ୍ତି। କେବଳ ଜରୁରିକାଳୀନ ରୋଗୀଙ୍କ ଚିକିତ୍ସା ବ୍ୟତୀତ ଅନ୍ୟ ସମସ୍ତ ରୋଗୀ ସେବା ବନ୍ଦ ରହିବ। ଅତ୍ୟାବଶ୍ୟକ ନ ଥିଲେ କୌଣସି ରୋଗୀ ମେଡିକାଲ ନ ଆସି ଦିଆଯାଇଥିବା ଡାକ୍ତରଙ୍କ ନମ୍ବରରେ ଯୋଗାଯୋଗ କରି ଚିକିତ୍ସିତ ହେବାକୁ କୁହାଯାଇଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଡା.ମିଶ୍ର କହିଛନ୍ତି। ସୂଚନାଥାଉ କି, ପୂର୍ବରୁ ମଧ୍ୟ ଜଣେ ଡାକ୍ତର ଏବଂ ସିକ୍ୟୁରିଟି ଗାର୍ଡ ସଂକ୍ରମିତ ହେବା ପରେ ମେଡିକାଲ ଓପିଡିକୁ ସାମୂହିକ ବନ୍ଦ କରାଯାଇଥିଲା।

# ଅବସରପ୍ରାପ୍ତ ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**

- ୪ କୋଟି ୩୭ ଲକ୍ଷର ଆୟ ବହିର୍ଭୂତ ସମ୍ପତ୍ତି ଠାବ, ୨ ବନ୍ଧୁକ ଜବତ
- ଅଟକ ରଖି ପଚରାଉଚରା
- ମୋତେ ଜାଣିଶୁଣି ଫସାଉଛନ୍ତି : ଅଭୟ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲୁଗାଁର ଅବସରପ୍ରାପ୍ତ ରେଞ୍ଜର ଅଭୟ କୁମାର ଜେନାଙ୍କ କଟକ ତୁଳସୀପୁରସ୍ଥିତ ବାସଭବନରେ ଭିଜିଲାନ୍ସ ଚଢାଉ କରିଛି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ୫ ଜଣିଆ ଟିମ୍ ଏକକାଳୀନ ୫ଟି ସ୍ଥାନରେ ଚଢାଉ କରାଯାଇଛି। ଅଭୟଙ୍କ ଘର ସମେତ ଭୁବନେଶ୍ୱରରେ ଥିବା ୩ମହଲା ବିଲ୍ଡିଂ, ବାଲୁଗାଁସ୍ଥିତ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଜିଲା ବଙ୍ଗଳାପୁରସ୍ଥିତ ଘର, ଶ୍ୱଶୁର ଘର ଏବଂ ଭୁବନେଶ୍ୱରରେ ଥିବା ଘରେ ଚଢାଉ କରାଯାଇଛି।

କଟକସ୍ଥିତ ବାସଭବନରୁ ଅନେକ ଆସବାବପତ୍ର, ଟଙ୍କା,ସୁନା, ଜମି ଓ ୨ଟି ବନ୍ଧୁକ ଠାବ ହୋଇଛି। ବିଭିନ୍ନ ସ୍ଥାନରେ ଚଢାଉ ବେଳେ ୪ କୋଟି ୩୭ ଲକ୍ଷ ୭୯ ହଜାର ୯୫୦ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ସେଥିମଧ୍ୟରୁ ଭୁବନେଶ୍ୱରରେ ଥିବା ୩ ତାଲା ବିଲ୍ଡିଂର ମୂଲ୍ୟ ୧କୋଟି ୨୭ ଲକ୍ଷ ୩୪ ହଜାର ୩୮୩ ଟଙ୍କା, କଟକରେ ଥିବା ଦୁଇ ତାଲା ଘରର ମୂଲ୍ୟ ୧ଲକ୍ଷ ୩୩ ହଜାର ୬୧୩ ଟଙ୍କା, ଭୁବନେଶ୍ୱରରେ ଥିବା ୯ଟି ପ୍ଲଟର ମୂଲ୍ୟ ୨କୋଟି ୧୩ଲକ୍ଷ ୯୧ ହଜାର ୬ଶହ ଟଙ୍କା, କେନ୍ଦ୍ରାପଡ଼ାରେ ଥିବା ଘରର ମୂଲ୍ୟ ୭ ଲକ୍ଷ ୫୬ ହଜାର ୭୭୮ ଟଙ୍କା, ବିଭିନ୍ନ ବ୍ୟାଙ୍କ୍‌ରେ ୫୬ଲକ୍ଷ ୮ ହଜାର ୪୭୩ ଟଙ୍କା, ୨ଟି ଚାରିଚକିଆର ମୂଲ୍ୟ ୧୩ଲକ୍ଷ ୯୬ ହଜାର ୪୨୦ ଟଙ୍କା, ଗୋଟିଏ ଦୁଇଚକିଆର ମୂଲ୍ୟ ୪୬ ହଜାର ୬୮୩ ଟଙ୍କା, ସୁନା ଓ ରୁପାର ମୂଲ୍ୟ ୧ଲକ୍ଷ ୮୪ ହଜାର ୨ଶହ ଟଙ୍କା, ନଗଦ ୩୬ ହଜାର ୫ଶହ ଟଙ୍କା, ଘରର ବିଭିନ୍ନ ସାମଗ୍ରୀ ମୂଲ୍ୟ ୧୪ ଲକ୍ଷ୯୧ ହଜାର ୩ଶହ ଟଙ୍କା। ଚଢାଉ ପରେ ଅଭୟଙ୍କୁ ଭିଜିଲାନ୍ସ ଅଫିସରେ ଅଟକ ରଖି ପଚରାଉଚରା କରାଯାଉଥିବା ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅକ୍ଷୟ ମିଶ୍ର କହିଛନ୍ତି।

ଅଭୟଙ୍କ ବାସଭବନରୁ ଜବତ ହୋଇଥିବା ୨ଟି ବନ୍ଧୁକର ଲାଇସେନ୍ସ ଅଛି କି ନାହିଁ ସେନେଇ ଯାଞ୍ଚ କରାଯାଉଛି। ଯଦି ଲାଇସେନ୍ସ ନ ଥିବ ତେବେ ତାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ୧୯୯୯ ମସିହାରେ ମଧ୍ୟ ଅଭୟଙ୍କ ଘରେ ଭିଜିଲାନ୍ସ ଚଢାଉ କରିଥିଲା। ସେବେଠୁ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ଅନ୍ୟପକ୍ଷରେ ଅଭୟ କହିଛନ୍ତି, ଭିଜିଲାନ୍ସ ଜାଣିଶୁଣି ମୋତେ ହଇରାଣ କରିବା ପାଇଁ ଏଭଳି ଚଢାଉ କରୁଛି। କୋର୍ଟରେ କେସ୍ ଚାଲିଥିବା ବେଳେ କିଭଳି ଏହି ଚଢାଉ କରାଗଲା ତାହା ମୋତେ ଆଶ୍ଚର୍ଯ୍ୟ କରିଛି। ସେମାନଙ୍କ ହାତରେ କ୍ଷମତା ରହିଛି, ସେମାନେ ଯାହା ଚାହିଁବେ କରିପାରିବେ। ତେବେ ଭିଜିଲାନ୍ସ ତଦନ୍ତକୁ ସହଯୋଗ କରିବି ବୋଲି ଅଭୟ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୀପ ତେଜିଲେ ହାତ ଚିକ୍କଣ ।**

ସାଧାରଣତଃ ଅନ୍ୟର ସମ୍ପତ୍ତିବାଡି ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ସମୟ ସୁବିଧା ଦେଖି ନିଜର ହାତ ଚିକ୍କଣ କରୁଥିବାର ବା ଲାଭ ଉଠାଉଥିବାର ଲକ୍ଷ୍ୟ କରାଯାଇଥାଏ। ଦୀପର ସଳିତାକୁ ତେଜିଲେ ଯେପରି ହାତରେ ଘିଅ ବା ତେଲ ଲାଗିଯାଇଥାଏ ସେହିପରି ଯିଏ ଅନ୍ୟର ଅର୍ଥ କାରବାର କରେ , ତହିଁରୁ ସିଏ କିଛି ନିଜର ଫାଇଦା ଉଠାଇନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଉଳ ଉପରେ କୁଶ ;
ମୁଁ ଖାଇନାହିଁ, ମୋ ପାଟି ଖାଇଛି
ନିୟମ କରିବା ଆସ ।**

ନିଜେ ଖାଇବା ଯାହା ନିଜର ପାଟି ଖାଇବା ତାହା, ଏସବୁ ଏକା କଥା । ଏସବୁ ଧର୍ମକୁ ଆଖିଠାର ମାରିବା ଭଳି କଥା। ଧର୍ମକୁ ସାକ୍ଷୀ ରଖି ବା ଧର୍ମ ନାଁ ନେଇ ଅପକର୍ମ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# କ୍ଷେତ୍ର ଅଧିକାରୀଙ୍କ ଆତ୍ମହତ୍ୟା ଅଭିଯୋଗ

**ନବରଙ୍ଗପୁର,୧୮।୮(ବି.ପ୍ର.)**

**ବେଆଇନ ବିଲ୍ କରିବାକୁ ଚାପ**

ନବରଙ୍ଗପୁର ଜିଲା ଉମରକୋଟ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସି) କ୍ଷେତ୍ର ଅଧିକାରୀ ପୁରୁଷୋତ୍ତମ ଭୋଇ ସୋମବାର ଆତ୍ମହତ୍ୟା କରିଛନ୍ତି। ବେଆଇନ ବିଲ୍ କରିବାକୁ ଟିଡିସିସି ସଂସ୍ଥା ପକ୍ଷରୁ ତାଙ୍କ ଉପରେ ଚାପ ପକାଯାଉଥିବା ଅଭିଯୋଗକରି ପୁରୁଷୋତ୍ତମଙ୍କ ପୁଅ ସନ୍ତୋଷ ମଙ୍ଗଳବାର ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ନଂ.୧୯୨/୨୦ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଶିମ୍ବମଞ୍ଜି ପାଇଁ ୩ ଲକ୍ଷ ଟଙ୍କାର ବେଆଇନ ବିଲ୍ କରିବାକୁ ଉମରକୋଟ ଟିଡିସିସି ଶାଖା ପରିଚାଳକ ପୁରୁଷୋତ୍ତମଙ୍କ ଉପରେ ଚାପ ପକାଉଥିଲେ। ବିଲ୍ ନ କଲେ ତାଙ୍କୁ ମାରିଦିଆଯିବ ବୋଲି ଧମକ ଦିଆଯାଇଥିଲା। ପୁରୁଷୋତ୍ତମ ଏ ନେଇ ସୋମବାର ନିଜ ବାପାଙ୍କ ମୋବାଇଲ ଫୋନ୍ ହ୍ୱାଟ୍ସଆପ୍‌ରେ ମେସେଜ କରିଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ପୁଅ ସନ୍ତୋଷଙ୍କ ଏତଲା ଓ ହ୍ୱାଟ୍ସଆପ୍ ମେଜେସକୁ ଆଧାରକରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

ଏ ସମ୍ପର୍କରେ ଟିଡିସିସି ଶାଖା ପରିଚାଳକ ଶ୍ୟାମସୁନ୍ଦର ମାଝିଙ୍କୁ ପଚାରିବାରୁ ପୁରୁଷୋତ୍ତମଙ୍କ ଉପରେ ବିଲ୍ କରିବାକୁ କୌଣସି ଚାପ ଦିଆଯାଉ ନ ଥିଲା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଟିଡିସିସି କ୍ଷେତ୍ର ଅଧିକାରୀ ପୁରୁଷୋତ୍ତମଙ୍କ ଘର ସମ୍ବଲପୁର ଜିଲା ଯୁଯୁମରା ବ୍ଲକ ଭୋଇପାଲି ଗ୍ରାମରେ। ସେ ନବରଙ୍ଗପୁରରେ ଥିବା ଆଉଟ୍‌ଲେଟ୍ ଦୋକାନ ଓ ସେଣ୍ଟ୍ରାଲ ଗୋଦାମର ଇନ୍‌ଚାର୍ଜ ଥିଲେ। ସୋମବାର ନବରଙ୍ଗପୁର ବ୍ଲକ କଲୋନିସ୍ଥିତ ସରକାରୀ କ୍ୱାର୍ଟର୍ସରୁ ଟାଉନ୍ ଥାନା ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରିଥିଲା।

# ପିଏଚ୍‌ସିରେ ହୋଇପାରିବନି କୋଭିଡ୍ କେୟାର ସେଣ୍ଟର

**କଟକ ଅଫିସ,୧୮।୮**

କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ବିଭିନ୍ନ ଜିଲାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)ଗୁଡ଼ିକୁ କୋଭିଡ୍ କେୟାର ସେଣ୍ଟର (ସିସିସି)ରେ ପରିଣତ କରାଯାଇଛି। କିନ୍ତୁ କୌଣସି ପିଏଚ୍‌ସିକୁ ସିସିସିରେ ପରିଣତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ପିଏଚ୍‌ସିଗୁଡ଼ିକରେ ଗର୍ଭବତୀ ଓ ଶିଶୁଙ୍କ ଚିକିତ୍ସା କରାଯାଉଛି। ଏଭଳି ସମ୍ବେଦନଶୀଳ କେନ୍ଦ୍ରରେ ସିସିସି କରାଗଲେ ସେମାନଙ୍କ ପ୍ରତି ବିପଦ ସୃଷ୍ଟି ହେବ। ହାଇକୋର୍ଟ ଆଶଙ୍କା ପ୍ରକାଶ କରିଛନ୍ତି। ପୁରୀ ଜିଲା ପ୍ରଶାସନ କୋଣାର୍କସ୍ଥିତ ପିଏଚ୍‌ସିକୁ ସିସିସିରେ ପରିଣତ କରିଛି। ଏହାକୁ ଚ୍ୟାଲେଞ୍ଜ କରି କୋଣାର୍କ ଓକିଲ ସଂଘ ହାଇକୋର୍ଟରେ ମାମଲା କରିଥିଲା। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ସମ୍ପୂର୍ଣ୍ଣ ତଥ୍ୟ ରଖିବେ ସରକାର

**କଟକ ଅଫିସ,୧୮।୮**



**ସମସ୍ତଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଲକ୍‌ଡାଉନ ବେଳେ ରାଶନକାର୍ଡ଼ଧାରୀଙ୍କୁ ସରକାର ଅତ୍ୟାବଶ୍ୟକ ସାମଗ୍ରୀ ମାଗଣାରେ ଯୋଗାଇ ଦେଉଥିବା ବେଳେ ମଧ୍ୟବିତ୍ତ ଏଥିରୁ ବଞ୍ଚିତ ହେଉଛନ୍ତି। ତେଣୁ ସମସ୍ତଙ୍କୁ ଏହି ସାମଗ୍ରୀ ଦେବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ହୋଇଥିଲା। ପୂର୍ବରୁ ରାଜ୍ୟ ସରକାର ଏହି ମାମଲାରେ ସତ୍ୟପାଠ ଦେଇଛନ୍ତି। କିନ୍ତୁ ଅନେକ ଜିଲାରେ ଗର୍ଭବତୀ ଓ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ସରକାର ସେମାନଙ୍କ ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠରେ କିଛି ଉଲ୍ଲେଖ କରି ନ ଥିବା ମଙ୍ଗଳବାର ମାମଲାର ଶୁଣାଣି ବେଳେ ଆବେଦନକାରୀ କୋର୍ଟଙ୍କୁ ଜଣାଇଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ବେଳେ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ସହ ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ ସମ୍ପୂର୍ଣ୍ଣ ତଥ୍ୟ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୯ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଉଲ୍ଲେଖଯୋଗ୍ୟ, ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା, ଆଇନଜୀବୀ ଦିଲ୍ଲିପ ରାୟ ଓ ଡି. ବିଶ୍ୱାବସୁ ଦାସ ଏହି ମାମଲା ଦାଏର କରିଥିଲେ।

# ଅନ୍‌ଲାଇନରେ ଚାଲିବ ବିଦ୍ୟୁତ୍ ସେବା

**ଭୁବନେଶ୍ୱର,୧୮।୮(ବ୍ୟୁରୋ):**

'୫-ଟି' ସିଦ୍ଧାନ୍ତ କାର୍ଯ୍ୟାନ୍ୱୟନ ଦିଗରେ ଅନ୍ୟ ଏକ ପଦକ୍ଷେପ ଭାବେ ବିଜୁଳି ସଂଯୋଗ ଓ ସେବା ଯୋଗାଣ ସମ୍ବନ୍ଧିତ ସମସ୍ତ କାର୍ଯ୍ୟ ଖୁବ୍‌ଶିଘ୍ର ଅନଲାଇନ୍ ବ୍ୟବସ୍ଥା ମାଧ୍ୟମରେ କରାଯିବ। ଏଥିପାଇଁ ଶକ୍ତି ବିଭାଗର ପ୍ରଚେଷ୍ଟାରେ ଏକ ଅନଲାଇନ୍ ପୋର୍ଟାଲ ପ୍ରସ୍ତୁତ ହୋଇଛି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡରେ ଅନୁଷ୍ଠିତ ବୈଠକରେ ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳ ସମୟାନୁବନ୍ଧିତ ଭାବେ ଉତ୍ତମ ବିଜୁଳି ସେବା ଯୋଗାଣରେ ପୋର୍ଟାଲର ପ୍ରୟୋଜନିୟତା ବିଷୟରେ ଆଲୋଚନା ଲାଗି ତଥ୍ୟ ଉପସ୍ଥାପିତ କରିଛନ୍ତି। ପୋର୍ଟାଲର ବିଭିନ୍ନ ଦିଗକୁ ବିଚାର କରି ସାଧାରଣ ଲୋକଙ୍କ ନିମନ୍ତେ ଏହାକୁ ଅଧିକ ସରଳ ଏବଂ ସୁଗମ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ପୋର୍ଟାଲରେ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷା ସନ୍ନିବେଶିତ କରିବାକୁ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପୋର୍ଟାଲ ମାଧ୍ୟମରେ ସେବା ଯୋଗାଇବାକୁ ନିଜ ନିଜର ବ୍ୟବସ୍ଥା ପ୍ରସ୍ତୁତ କରିବା ଲାଗି ରାଜ୍ୟରେ ଏବେ କାର୍ଯ୍ୟ କରୁଥିବା ୪ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷାରୁ ଜଣାପଡ଼ିଛି ଯେ, ଏହି ପୋର୍ଟାଲରେ ବିଦ୍ୟୁତ ସଂଯୋଗ ଦେୟ ସବୁ ବିତରକ କମ୍ପାନୀ ଅଞ୍ଚଳରେ ସମାନ ହେବ। ବିଦ୍ୟୁତ ଭିତ୍ତିଭୂମି ଥିବା ଅଞ୍ଚଳରେ ଘରୋଇ ଏବଂ ୫ କିଲୋୱାଟ୍ ପର୍ଯ୍ୟନ୍ତ ଅଣୁ ଉଦ୍ୟୋଗ ଉପଭୋକ୍ତାଙ୍କୁ ୪୮ ଘଣ୍ଟା ମଧ୍ୟରେ ବିଦ୍ୟୁତ ସଂଯୋଗ ଦିଆଯିବ। ବିଦ୍ୟୁତ ସଂଯୋଗ ସମ୍ବନ୍ଧିତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଉଭୟ ଉପଭୋକ୍ତା ଏବଂ ସଂପୃକ୍ତ ବିତରକ କମ୍ପାନୀର ଅଧିକାରୀଙ୍କୁ ଏସ୍‌ଏମ୍‌ଏସ୍ ପଠାଯିବ। ଅନ୍‌ଲାଇନରେ ଦରଖାସ୍ତ ଦାଖଲ ପରେ ସଂଯୋଗ ଦେୟ ଚୁକ୍ତି ପତ୍ର, ବିଲ୍ ଆଦି ସେହି ପୋର୍ଟାଲ ମାଧ୍ୟମରେ ମିଳିବ। ସେଥିରେ ବିଲ୍ ପୈଠର ସୁବିଧା ମଧ୍ୟ ରହିବ। ଉପଭୋକ୍ତାଙ୍କ ଦ୍ୱାରା ଅଭିଯୋଗ ଦାଖଲ ଏବଂ ସେସବୁର ଆଶୁ ସମାଧାନ ଲାଗି ପୋର୍ଟାଲରେ ସ୍ୱତନ୍ତ୍ର ସୁବିଧା ରହିବ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରାୟଗଡ଼ା,ବୁଧବାର, ଅଗଷ୍ଟ ୧୯/୨୦୨୦ Rayagada, Wednesday, August 19/2020


# ୫ ଖେଳାଳିଙ୍କୁ ଖେଳରତ୍ନ


ରୋହିତ ଶର୍ମା


ଭିନେଶ ଫୋଗତ


ମନିକା ବାତ୍ରା


ରାଣୀ ରାମପାଲ


ମାରିଆପ୍ପାନ ଥାଙ୍ଗାଭେଲୁ

**ନୂଆଦିଲ୍ଲୀ, ୧୮।୮ (ପି.ଟି.)**

ଷ୍ଟାର କ୍ରିକେଟର ରୋହିତ ଶର୍ମା, ରେସ୍‌ଲର ଭିନେଶ ଫୋଗତ ଏବଂ ମହିଳା ହକି ଅଧିନାୟିକା ରାଣୀ ରାମପାଲଙ୍କ ସମେତ ୫ଜଣ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ସିଲେକ୍ସନ କମିଟି ମଙ୍ଗଳବାର ଏଥିସହିତ ଅନ୍ୟ ୨୯ଜଣଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିଛି। ଦେଶର ସର୍ବୋଚ୍ଚ ଖେଳରତ୍ନ ପୁରସ୍କାର ପାଇଁ ୧୨ ଜଣିଆ ସିଲେକ୍ସନ କମିଟି ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା ଏବଂ ପାରା ଅଲିମ୍ପିକ ହାଇଜମ୍ପ ସ୍ୱର୍ଣ୍ଣ ବିଜେତା ମାରିଆପ୍ପାନ ଥାଙ୍ଗାଭେଲୁଙ୍କ ନାମ ମଧ୍ୟ ସୁପାରିସ କରିଛି। ରାମପାଲଙ୍କ ନାମ ଶେଷ ମୁହୂର୍ତ୍ତରେ ସାମିଲ କରାଯାଇଥିଲା। ପୁରସ୍କାର ଇତିହାସରେ ପ୍ରଥମ ଥର ୫ ଆଥଲେଟଙ୍କ ନାମ ଦେଶର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ପାଇଁ ସୁପାରି କରାଯାଇଛି। ତେବେ ଚୂଡ଼ାନ୍ତ ନିଷ୍ପତ୍ତି କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁଙ୍କ ଉପରେ ଛାଡ଼ି ଦିଆଯାଇଛି। ୨୦୧୬ରେ ଷ୍ଟାର ବ୍ୟାଡ଼ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ, ଜିମ୍ନାଷ୍ଟ ଦୀପା କର୍ମକାର, ଶୁଟର ଜିତୁ ରାୟ ଏବଂ ରେସଲର ସାକ୍ଷୀ ମଲିକଙ୍କୁ ମିଳିତ ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସଚିନ ତେନ୍ଦୁଲକର, ନିକଟରେ ଅବସର ନେଇଥିବା ମହେନ୍ଦ୍ର ସିଂ ଧୋନୀ ଏବଂ ବର୍ତ୍ତମାନ ଅଧିନାୟକ ଥିବା ବିରାଟ କୋହଲିଙ୍କ ପରେ ୩୩ ବର୍ଷୀୟ ରୋହିତ ଚତୁର୍ଥ କ୍ରିକେଟର ଭାବେ ଖେଳରତ୍ନ ପୁରସ୍କାର ପାଇବାକୁ ଯାଉଛନ୍ତି। ୧୯୯୮ରେ ତେନ୍ଦୁଲକର ପ୍ରଥମ ଭାରତୀୟ କ୍ରିକେଟର ଭାବେ ଏହି ସମ୍ମାନ ଲାଭ କରିଥିଲେ। ପରେ ଧୋନୀ ୨୦୦୭ରେ ଏବଂ କୋହଲି ୨୦୧୮ରେ ଏହି ପୁରସ୍କାର ପାଇଥିଲେ। କୋହଲି ୱେଟ୍‌ଲିଫ୍ଟର ମୀରାବାଈ ଚାନୁଙ୍କ ସହିତ ପୁରସ୍କାର ପାଇଥିଲେ। ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ମୁଖ୍ୟ କାର୍ଯ୍ୟାଳୟରେ ବୀରେନ୍ଦ୍ର ସେହ୍ୱାଗ ଏବଂ ପୂର୍ବତନ ହକି ଅଧିନାୟକ ସର୍ଦ୍ଦାର ସିଂଙ୍କ ଭଳି କ୍ରୀଡ଼ା ବ୍ୟକ୍ତିତ୍ୱଙ୍କୁ ନେଇ ଗଠିତ ସିଲେକ୍ସନ କମିଟି ବୈଠକରେ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା।

# ଆର୍ଥିକ ସହାୟତା ଦେବ ହକି ଇଣ୍ଡିଆ

**ନୂଆଦିଲ୍ଲୀ,୧୮।୮(ପି.ଟି.):** କୋଭିଡ୍-୧୯ କାରଣରୁ ସମସ୍ୟାରେ ପଡିଥିବା ୬୧ଜଣ ବେରୋଜଗାର ଖେଳାଳିଙ୍କୁ ହକି ଇଣ୍ଡିଆ (ଏଚ୍‌ଆଇ) ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ଘୋଷଣା କରିଛି। ଏମାନଙ୍କ ମଧ୍ୟରେ ୩୪ଜଣ ମହିଳା ଖେଳାଳି ସାମିଲ ରହିଛନ୍ତି। ମହାମାରୀ କାରଣରୁ ଏମାନେ ଖେଳଠାରୁ ଦୂରେଇ ରହିଥିଲେ। ଆର୍ଥିକ ସହାୟତା ଦ୍ୱାରା ଏହି ଖେଳାଳିମାନେ ପୁଣି ଥରେ କ୍ରୀଡ଼ା କାର୍ଯ୍ୟକଳାପକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି।

ଯେଉଁ ଆଥ୍‌ଲେଟମାନେ ଚାକିରି କରି ନାହାନ୍ତି ସେମାନେ ମହାମାରୀ ଦ୍ୱାରା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ କ୍ରୀଡ଼ା କାର୍ଯ୍ୟକଳାପରେ ଭାଗ ନେଇପାରୁନାହାନ୍ତି। ତେଣୁ ଏହି କଷ୍ଟକର ସମୟରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତ୍ୟେକ ଖେଳାଳିଙ୍କୁ ୧୦,୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ ମଧ୍ୟବର୍ତ୍ତିକାଳୀନ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମ୍‌ବାମ୍ କହିଛନ୍ତି। ଖେଳାଳିମାନଙ୍କୁ ମୌଳିକ ଭାବେ କିଛି ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ୬୧ ଜଣଙ୍କ ମଧ୍ୟରେ ସିନିୟର ଓ ଜୁନିୟର ପୁରୁଷ ସମ୍ଭାବ୍ୟ, ମହିଳା ସମ୍ଭାବ୍ୟ ଖେଳାଳି ସାମିଲ ରହିଛନ୍ତି। ଏମାନଙ୍କ ମଧ୍ୟରେ ୩୦ ଜୁନିୟର ମହିଳା, ୨୬ ଜୁନିୟର ପୁରୁଷ, ୪ ସିନିୟର ମହିଳା ଓ ଜଣେ ସିନିୟର ପୁରୁଷ ଟିମ୍ କୋର ପ୍ରୋବାବଲ୍ ରହିଛନ୍ତି।


## ପୁରୁଣା ଗଣ୍ଠି ବ୍ୟଥାର ପ୍ରଭାବୀ ଉପଚାର




**ଡା. ଅର୍ଥୋ ହିଁ କାହିଁକି କିଣିବେ?**

**ସମଗ୍ର ଭାରତରେ ମିଳିଛି ପରିଣାମ**

Maharashtra — ଆନନ୍ଦା ଲକ୍ଷ୍ମଣ ଗୁଜଲାୱର ୬୪ ବର୍ଷୀୟ ଅବସରପ୍ରାପ୍ତ କର୍ମଚାରୀ। ବିଗତ ଚାରି-ପାଞ୍ଚ ବର୍ଷ ଧରି ତାଙ୍କ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଦିନେ ଜଣେ ତାଙ୍କ ପଡ଼ୋଶୀଙ୍କ କଥା ମାନି ସେ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ କଲେ ଏବଂ ଡା.ଅର୍ଥୋ ଦୁଇ-ଦୁଇଟି କ୍ୟାପ୍‌ସୁଲ ତିନି ମାସ ପର୍ଯ୍ୟନ୍ତ ବ୍ୟବହାର କଲେ। ଆଜି ସେ ଖୁସି ଅଛନ୍ତି।

Uttar Pradesh — ମୁମ୍‌ତାଜ ବେଗମ ୬୭ ବର୍ଷୀୟ ହାଉସ୍ ୱାଇଫ୍ ଅଟନ୍ତି। ବିଗତ ୩ ବର୍ଷ ହେଲା ଆଣ୍ଠୁ ଓ ଗୋଡ଼ ବ୍ୟଥା କାରଣରୁ ଚଲାବୁଲା କରିପାରୁ ନ ଥିଲେ। ସବୁ ଚିକିତ୍ସା କରାଇଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ଟିଭିରୁ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ଆଡ୍ ଦେଖିଲେ। ସେ ବଜାରରୁ ତାହାକୁ ମଗାଇ ନିର୍ଦ୍ଦେଶ ଅନୁସାରେ ପ୍ରୟୋଗ କଲେ। ଏବେ ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ଉପଶମ ପାଇଛନ୍ତି।

Madhya Pradesh — ପଣ୍ଡିତ ଲକ୍ଷ୍ମୀନାରାୟଣ ସତ୍ୟାର୍ଥୀ ୬୪ ବର୍ଷୀୟ ଶିକ୍ଷକ ଓ ଚିକିତ୍ସକ। ସେ ଲେଖନ୍ତି କି ୩-୪ ବର୍ଷ ହେଲା ମୋ ଆଣ୍ଠୁ, କହୁଣି ଓ ହାତରେ ବହୁତ ପୀଡ଼ା ରହୁଥିଲା। ମୁଁ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ୍ କଲି ଓ ଡା.ଅର୍ଥୋର ୨-୨ କ୍ୟାପ୍‌ସୁଲ ସେବନ କଲି। ୫ ମାସ ମଧ୍ୟରେ ହିଁ ମୋତେ ଗଣ୍ଠିର ଭୟଙ୍କର ଯନ୍ତ୍ରଣାରୁ ମୁକ୍ତି ମିଳିଗଲା।

Rajasthan — କଲ୍ୟାଣ ପ୍ରସାଦ ଜୋଶୀଙ୍କୁ ୫୨ ବର୍ଷ ଓ ସେ ପୂଜାପାଠ କରନ୍ତି। ବିଗତ ୩ ବର୍ଷ ଧରି ପିଠି ଓ ଆଣ୍ଠୁର ଯନ୍ତ୍ରଣା କାରଣରୁ ବହୁତ ଚିନ୍ତିତ ଥିଲେ। ଦିନେ ସେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲେ। ସେ ଏହାକୁ ତିନି ମାସ ବ୍ୟବହାର କଲେ। ସେ ଲେଖନ୍ତି କି ତିନି ମାସରେ ହିଁ ତାଙ୍କର ତିନିବର୍ଷର ଯନ୍ତ୍ରଣା ସମ୍ପୂର୍ଣ୍ଣ ଭଲ ହୋଇଗଲା।

Odisha — ଚନ୍ଦ୍ରମଣି ବେଉରିଆ ୭୧ ବର୍ଷୀୟ ଅବସରପ୍ରାପ୍ତ ବ୍ୟକ୍ତି। ସେ ଲେଖିଛନ୍ତି ଯେ, ସେ ବିଗତ ଅନେକ ବର୍ଷ ଧରି ଗଣ୍ଠି ଯନ୍ତ୍ରଣା କାରଣରୁ ବ୍ୟଥିତ ଥିଲେ। କିନ୍ତୁ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ସନ୍ଧ୍ୟାରେ ହାଲୁକା ହାତରେ ମାଲିସ୍ କଲେ ଓ ଦୈନିକ ଡା.ଅର୍ଥୋର ଦୁଇ-ଦୁଇଟି କ୍ୟାପ୍‌ସୁଲ ସେବନ କରି ତାଙ୍କ ଜୀବନ ପୂର୍ବାପେକ୍ଷା ଉନ୍ନତ ହୋଇଯାଇଛି। ଏଥିପାଇଁ ସେ ଡା.ଅର୍ଥୋକୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଛନ୍ତି।

Maharashtra — ଦତ୍ତାତ୍ରେୟ ବିନାୟକ ଦୀକ୍ଷିତ୍ ୬୮ ବର୍ଷୀୟ ସମାଜସେବୀ। ମୁଁ ଅନେକ ସମୟ ଧରି ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା କାରଣରୁ ଦୁଃଖିତ ଥିଲି ଓ ମହଙ୍ଗା ଔଷଧ ମଧ୍ୟ ପ୍ରଭାବହୀନ ଥିଲା। ବୟସ ବଢ଼ିଚାଲିଥିଲା, କିନ୍ତୁ ଯନ୍ତ୍ରଣା କମୁ ନ ଥିଲା। ଦିନେ ମୋ ବନ୍ଧୁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ କହିଲେ । ୪୦ ଦିନ ବ୍ୟବହାର କରିବା ପରେ ମୋ ଯନ୍ତ୍ରଣା ଭଲ ହୋଇଯାଇଛି।

24x7 Helpline No.: 0171-3055100 • Website: www.drorthooil.com • Available at all medical & general stores

ନକଲକାରୀଙ୍କ ପ୍ରତି ସାବଧାନ — 'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ, ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ । ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ ।


# ପରିଶ୍ରମର ଫଳ ମିଳିଛି: ଦୂତୀ

**ଭୁବନେଶ୍ୱର, ୧୮।୮(କ୍ରୀଡ଼ା ପ୍ରତିନିଧି)**


କୋଚ୍ ନାଗାପୁରୀ ରମେଶଙ୍କ ସହ ଦୂତୀ ଚାନ୍ଦ।

ଓଡ଼ିଶାର ୯ମ ଆଥଲେଟ୍‌ଭାବେ ଅର୍ଜୁନ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାରୁ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଜାତୀୟ ରେକର୍ଡଧାରିଣୀ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ''ବହୁତ ଖୁସି ଲାଗୁଛି। ଅର୍ଜୁନ ପୁରସ୍କାର ପାଇବା ଏତେ ସହଜ କଥା ନୁହେଁ। ଦକ୍ଷତା ଦେଖାଇ ଅନେକ ସଫଳତା ଅର୍ଜନ କଲେ ଯାଇ ଏପରି ସମ୍ମାନ ମିଳିଥାଏ। କ୍ରମାଗତ ଦୁଇବର୍ଷ ଧରି ମୋ ନାମ ସୁପାରିସ କରିଥିବାରୁ ମୁଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛି। ନିୟମ ଅନୁସାରେ କ୍ରମାଗତ ୩ ବର୍ଷ ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କଲେ ଯାଇ ଜଣେ ଆଥଲେଟ୍ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ। ମୁଁ ଗତ ୫ ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରି ଶ୍ରେଷ୍ଠ ପ୍ରଦର୍ଶନ ଦେଇ ଚାଲିଛି। ରିଓ ଅଲିମ୍ପିକ୍ସଠାରୁ ଆରମ୍ଭ କରି ମୁଁ ସମସ୍ତ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ଆସିଛି। ଏସିଆନ ଗେମ୍ସରେ୨ଟି ପଦକ ପାଇଥିଲି। ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ପଦକ ହାସଲ କରିଥିଲି। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ପ୍ରଥମ ଭାରତୀୟ ଆଥଲେଟ୍‌ଭାବେ ମୁଁ ସ୍ୱର୍ଣ୍ଣ ପଦକ ପାଇଥିଲି। ସବୁ ପ୍ରଦର୍ଶନକୁ ଦେଖି ସମ୍ଭବତଃ ମୋତେ ଏହି ପୁରସ୍କାର ପାଇଁ ମୋତେ ମନୋନୀତ କରାଯାଇଛି'' ବୋଲି ନିଜ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ଦୂତୀ। ଆଗାମୀ ଟୋକିଓ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମରେ କୋଚ୍ ନାଗାପୁରୀ ରମେଶଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି ଏହି ଓଡ଼ିଆ ଆଥଲେଟ୍। କରୋନା ଭାଇରସ ସଂକ୍ରମଣ ଯୋଗୁ ଏବେ ସବୁ ପ୍ରତିଯୋଗିତା ବନ୍ଦ ଥିବାରୁ ସେ ଆସନ୍ତା ବର୍ଷ ପ୍ରାରମ୍ଭରେ ଅଲିମ୍ପିକ୍ସ କ୍ୱାଲିଫାଇଂ ଇଭେଣ୍ଟ ଗୁଡ଼ିକରେ ଭାଗନେବେ ବୋଲି ଲକ୍ଷ୍ୟ ରଖିଛନ୍ତି।

# ଅଶୋକଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧୮।୮(ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟର ବିଶିଷ୍ଟ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଡକ୍ଟର ଅଶୋକ ପଟ୍ଟନାୟକଙ୍କୁ ମଙ୍ଗଳବାର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ତାଙ୍କ ୨୨ତମ ଶ୍ରାଦ୍ଧ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ଭର୍ଚୁଆଲ୍ ବୈଠକରେ ଓସ୍‌ଜା କର୍ମକର୍ତ୍ତା ଓ ସଦସ୍ୟମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ସଭାପତି ସନ୍ଦୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଭର୍ଚୁଆଲ୍ ମିଟ୍‌ରେ କାର୍ଯ୍ୟକାରୀ ସଭାପତି କେ ରବି, ସମ୍ପାଦକ ସମ୍ବିତ ମହାପାତ୍ର, ପୂର୍ବତନ ସମ୍ପାଦକ ସୁଶାନ୍ତ ମହାନ୍ତି, ସନାତନ ପାଣି, ସୁରେଶ ସ୍ୱାଇଁ, ଉପ ସଭାପତି ଦେବୀ ପ୍ରସନ୍ନ ମହାନ୍ତି, ସଞ୍ଜୀବ ବିଶ୍ୱାଳ, ସମୀକ୍ଷା ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ତପନ ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ଜ୍ଞାନରଞ୍ଜନ ମିଶ୍ର ଏବଂ ବରିଷ୍ଠ ସଦସ୍ୟ ଦୀପ୍ତି ରଞ୍ଜନ ସାମଲ, ଚିରଞ୍ଜୀବ ପତି, ରଞ୍ଜନ ରାୟ, ପ୍ରତାପ ପ୍ରଧାନ, ସନ୍ତୋଷ ମହାନ୍ତି, ସୌଭାଗ୍ୟ ରଥ, ଚକ୍ରଧର ମାଝି, ପ୍ରଫୁଲ୍ଲ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ଏକାଧିକ ଅଗ୍ରଣୀ ଖବରକାଗଜରେ କ୍ରୀଡ଼ା ସାମ୍ବାଦିକତା କରିଥିବା ସ୍ୱର୍ଗତ ପଟ୍ଟନାୟକ ସର୍ପାଘାତ ଜନିତ ଜଟିଳ ସମସ୍ୟା କାରଣରୁ ୧୯୯୮ ଅଗଷ୍ଟ ୧୮ ତାରିଖରେ ପ୍ରାଣ ହରାଇଥିଲେ। ଓସଜା ପକ୍ଷରୁ ପ୍ରତିବର୍ଷ ତାଙ୍କ ଶ୍ରାଦ୍ଧ ଦିବସରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେଉଥିଲେ ମଧ୍ୟ ଚଳିତ ବର୍ଷ ଏହା ସମ୍ଭବ ହୋଇପାରିନାହିଁ।





https://cars.tatamotors.com/suv/nexon | /officialtatamotorscars | /TataMotors_Cars | /tatanexonofficial | /tatamotorsgroup | Download the Nexon App | SMS 'NEXON' to 5616161 | PREMIUM TOLL-FREE LINE: 1800 209 8282

Authorised Tata Motors Dealers:

JEYPORE - Lankeswari Motors : 7428094709 RAYAGADA - Lankeswari Motors : 9348452560

Images and Illustrations are indicative and for information purpose only. All features/ specifications shown may vary for different variants. Specifications/ features subject to change without prior notice. Please consult an authorized Tata Motors dealer for latest information on features/ specifications before deciding to place an order. Colours may not match the actual Colours due to printing limitations. Class / segment defined as UVs under 25 lakh price. * Terms and Conditions apply. Benefits available on limited stocks only. Air-o-Pure 95 range available as an accessory through Tata Motors Genuine Accessories.



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ